R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୬୭
ତିଥି : ସପ୍ତମୀ
୧୧ ଡିସେମ୍ବର ୨୦୨୫, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 67
11 December 2025, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ରାଜ୍ୟରେ ଅସମ୍ଭାଳ ଜାଡ଼

ଭୁବନେଶ୍ୱର, ୧୦।୧୨ (ସବ୍ୟୁ): ରାଜ୍ୟରେ ଖସୁଛି ପାରଦ, ବଢୁଛି ଶୀତ । ସପ୍ତାହେ ହେବ ରାଜ୍ୟରେ ହାଡ଼ ଭଙ୍ଗା ଜାଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ସନ୍ଧ୍ୟା ହେବା କ୍ଷଣି ଦୋକାନ ବଜାର, ରାସ୍ତାଘାଟ ସବୁ ଶୂନଶାନ ହେଇଯାଉଛି । ଶୀତ ଛଡ଼ାଇବାକୁ ଘଣ୍ଟା ଘଣ୍ଟା ନିଆଁ ପୁଉଁଛନ୍ତି ଲୋକେ । ଆହୁରି ଭୟଙ୍କର ଶୀତ ହେବ । ଆଉ ଦୁଇଦିନ ଶୀତ ଲହରୀ ପ୍ରବାହିତ ହେବ । ଆସନ୍ତା ୧୨ ତାରିଖ ଯାଏ ଶୀତର ପ୍ରକୋପ ଜାରି ରହିବ । ତେବେ ୧୩ ତାରିଖରୁ ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟରେ ଶୀତ



## ଜି.ଉଦୟଗିରି, ସେମିଲିଗୁଡ଼ାରେ ପାରଦ ୫°

## ଆଜିଠୁ ଆହୁରି ବଢିବ ଶୀତ

## ଆଉ ଦୁଇଦିନ ଶୀତ ଲହରୀ

## ୧୨ ଯାଏଁ ଶୀତରୁ ନିସ୍ତାର ନାହିଁ

କମିବ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ କହିଛନ୍ତି, ପ୍ରବଳ (୯ ପୃଷ୍ଠାରେ)

## ମହାନଦୀ ବିବାଦ ସମାଧାନ ଲାଗି କମିଟି

# କେଭିଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ଟିମ୍

ଭୁବନେଶ୍ୱର, ୧୦।୧୨ (ସବ୍ୟୁ): ମହାନନ୍ଦୀ ଜଳ ବିବାଦର ଆଶୁ ସମାଧାନ ଓ ଟ୍ରିବ୍ୟୁନାଲ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ସରକାର ଏକ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ମହାନଦୀ ଜଳ ବିଷୟରେ ଜଟିଳତା ଓ ଭାବପ୍ରବଣତାର ଗୁରୁତ୍ୱକୁ ଧ୍ୟାନ ଦେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ (୯ ପୃଷ୍ଠାରେ)



# ବ୍ରାଉନସୁଗର ନଖାଇବାରୁ ଛାତ୍ରଙ୍କୁ ନିର୍ଯାତନା

ଭୁବନେଶ୍ୱର, ୧୦।୧୨ (ସବ୍ୟୁ) : ବ୍ରାଉନସୁଗର ନଖାଇବାରୁ ଜଣେ ଘରୋଇ ବିଶ୍ୱବିଦ୍ୟାଳୟର ଛାତ୍ରଙ୍କୁ ଅକଥନୀୟ ନିର୍ଯାତନା ଦେଇଛନ୍ତି ସିନିୟରମାନେ । ଏହି ନିର୍ଯାତନାର ମାଷ୍ଟରମାଇଣ୍ଡ ଜଣେ ଛାତ୍ରୀ ବୋଲି ଥାନାରେ ଅଭିଯୋଗ ହୋଇଛି ।

ରାଜଧାନୀ ଉପକଣ୍ଠରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରନ୍ତି ପୀଡିତ ଛାତ୍ର । ତାଙ୍କୁ ବ୍ରାଉନସୁଗର ଖାଉଥିବା ଜଣେ ଛାତ୍ରୀ ଓ ଅନ୍ୟ କେତେକ ଛାତ୍ର ବାଧ କରୁଥିଲେ ବାଉନସୁଗର ଖାଇବାକୁ । ସେ ଖାଇବ ନାହିଁ ବୋଲି ମନା କରିବାରୁ ତାଙ୍କୁ ନିଶାରେ ଥିବା ଛାତ୍ରଛାତ୍ରୀ ନିସ୍ତୁକ ମାଡ ମାରିଲେ । ଏପରିକି ପାଇଖାନାକୁ ନେଇ ସେଠାରେ ଥିବା ପାଣି ପିଆଇଲେ ଓ ଚଟାଣ ଚାଟିବାକୁ ବାଧ କଲେ । ଯଦି ବ୍ରାଉନସୁଗର ନଖାଇବୁ ତେବେ ଆମକୁ

## ମାଷ୍ଟରମାଇଣ୍ଡ ଜଣେ ଛାତ୍ରୀ ପିଆଇଲେ ପାଇଖାନା ପାଣି

ଦୁଇଲକ୍ଷ ଟଙ୍କା ଦେବାକୁ ହେବ ବୋଲି ଧମକାଇଥିଲେ ।

ନିର୍ଯାତନାର ସମସ୍ତ ଦୃଶ୍ୟକୁ ମାଷ୍ଟରମାଇଣ୍ଡ ଥିବା ଛାତ୍ରୀ ଭିଡିଓ କରିଥିଲା । ଯଦି ତୁ (୯ ପୃଷ୍ଠାରେ)

## କଂଗ୍ରେସରେ ଭକ୍ତ -ମୋକିମ ବିବାଦ ଘନେଇଲା

# ଓଡିଶା କଂଗ୍ରେସକୁ ଭକ୍ତ ନେତୃତ୍ୱ ଦେବା ଅସମ୍ଭବ ବ୍ୟାପାର : ମୋକିମ

ଭୁବନେଶ୍ୱର, ୧୦।୧୨ (ସବ୍ୟୁ) : ଓଡିଶା କଂଗ୍ରେସରେ ଭକ୍ତ-ମୋକିମ ବିବାଦ ଉଗ୍ର ରୂପ ନେଇଛି । ଏହି ବିବାଦ ଏବେ ଓଡିଶାରୁ ଯାଇ ଦିଲ୍ଲୀ ଦରବାରରେ ପହଞ୍ଚିଛି । ପିସିସି ସଭାପତି ଭକ୍ତଚରଣ ଦାସଙ୍କ କାର୍ଯ୍ୟଦକ୍ଷତା ଓ ନେତୃତ୍ୱକୁ ଅତି କଡା ଭାଷାରେ ସମାଲୋଚନା କରିଛନ୍ତି ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ । ଏପରିକି ଓଡିଶା କଂଗ୍ରେସକୁ ଭକ୍ତଚରଣ ଦାସ ନେତୃତ୍ୱ ଦେବା ଅସମ୍ଭବ ବୋଲି ସେ କହିଛନ୍ତି । ଅସନ୍ତୁଷ୍ଟ ମୋକିମ ପିସିସି ସଭାପତି ଓ ଦଳୀୟ କାର୍ଯ୍ୟକଳାପ ସମ୍ପର୍କରେ ଏକ ପତ୍ର ମଧ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧିଙ୍କ ନିକଟକୁ ପଠାଇଛନ୍ତି । ସେ ଲେଖିଥିବା ଚିଠିରେ ଭକ୍ତଚରଣଙ୍କ ନେତୃତ୍ୱ ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ସେ ଲେଖିଛନ୍ତି ଭକ୍ତଙ୍କର ବ୍ୟକ୍ତିଗତ ବିଚାର ଧାରା ଆମଠାରୁ ସମ୍ପୂର୍ଣ୍ଣ ଅଲଗା । ତାଙ୍କୁ ତାଙ୍କ ସଂସଦୀୟ କ୍ଷେତ୍ରର କର୍ମୀ ଓ ନେତା ବିଶ୍ୱାସକୁ ନେଉନାହାଁନ୍ତି , ତେଣୁ ଅନ୍ୟ କଂଗ୍ରେସ କର୍ମୀମାନେ ତାଙ୍କୁ ବିଶ୍ୱାସ ନକରିବା ସ୍ୱାଭାବିକ। ନୂଆପଡାରେ ତାଙ୍କ ନେତୃତ୍ୱରେ କଂଗ୍ରେସ ୮୩ ହଜାର ଭୋଟ ବ୍ୟବଧାନରେ ପରାଜୟ ବରଣ କଲା । ଯାହା ଅତ୍ୟନ୍ତ ଲଜ୍ଜା ଜନକ । ୩ ଥର ନିର୍ବାଚନ ହାରିଥିବା ଭକ୍ତଙ୍କୁ ଏବେ ନେତୃତ୍ୱ ମିଳିଛି । ତେବେ ସେ ଓଡିଶା କଂଗ୍ରେସକୁ ନେତୃତ୍ୱ ଦେବା ଅସମ୍ଭବ ବ୍ୟାପାର । ଜୟପ୍ରକାଶଙ୍କ (୯ ପୃଷ୍ଠାରେ)

# ଏସ୍ଆଇଆର୍ ବିତର୍କରେ ଶାହା-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୧୦।୧୨ (ସବ୍ୟୁ): ନିର୍ବାଚନୀ ସଂସ୍କାର ପ୍ରସଙ୍ଗରେ ଲୋକସଭାରେ ଚାଲିଥିବା ବିତର୍କ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ମଧ୍ୟରେ କଥା କଟାକଟି ହୋଇଛି । ଏସ୍ଆଇଆର୍‌କୁ ନେଇ ବିରୋଧୀ ମିଛ ପ୍ରଚାର କରୁଥିବା ଶ୍ରୀ ଶାହା କହିଛନ୍ତି । ୨୦୦୪ ଯାଏ ଏହାକୁ କେହି ବିରୋଧ କରୁ ନଥିଲେ । କିନ୍ତୁ ଏବେ ବିରୋଧ ହେଉଛି ବୋଲି ଶ୍ରୀ ଶାହା କହିଥିବାବେଳେ ରାହୁଲ ଭାଷଣରେ ହସ୍ତକ୍ଷେପ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ରାହୁଲ ଗାନ୍ଧି ଏସ୍ଆଇଆର୍ ଉପରେ ବିତର୍କ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଚ୍ୟାଲେଞ୍ଜ କରିଥିଲେ ବୋଲି କହିଥିଲେ । ତେବେ ଶ୍ରୀ ଶାହା ଏହା କହିଥିଲେ ଯେ ମୋର ଭାଷଣ କ୍ରମ

## ମୁଁ କ'ଣ କହିବି ତାହା ନିଜେ ସ୍ଥିର କରିବି : ଶାହା

## ଭୋଟ୍ ଚୋରିରେ ବିତର୍କ ପାଇଁ ଖୋଲା ଆହ୍ୱାନ ଦେଇଛି : ରାହୁଲ

ମୁଁ ସ୍ଥିର କରିବି । ଆପଣ ନୁହନ୍ତି ।

ଶ୍ରୀ ଶାହା କହିଥିଲେ ଯେ ବିରୋଧୀ ଏଥିପାଇଁ ବିବ୍ରତ ଯେ (୯ ପୃଷ୍ଠାରେ)





DSPL-415

ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ଚୟନୀତ ୩ ଟି ବିଭାଗର ୫୯୧ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ ତଥା
୪୨୫ କୋଟି ଟଙ୍କାର ନୂତନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ୨୦୬୩ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୫୨ ଜଣ ପ୍ରାର୍ଥୀ — ଜଳ ସମ୍ପଦ ବିଭାଗ
୧୯୭ ଜଣ ପ୍ରାର୍ଥୀ — ପୂର୍ତ୍ତ ବିଭାଗ
୧୪୨ ଜଣ ପ୍ରାର୍ଥୀ — ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ


୧୧ ଡିସେମ୍ବର ୨୦୨୫ | ଦିବା ୧୧ : ୩୦ ଘଟିକା | ଓଡ଼ିଶା କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ଜଳ ସମ୍ପଦ ବିଭାଗ | ପୂର୍ତ୍ତ ବିଭାଗ | ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଓଡ଼ିଶା ସରକାର

OIPR-32001/13/0023/2526

# ରାତିରେ ମିଳିବ ସୂର୍ଯ୍ୟକିରଣ



ବିଜ୍ଞାନକୁ ବ୍ୟବହାର କରି ଅନେକ କାର୍ଯ୍ୟ ବର୍ତ୍ତମାନ ସିଦ୍ଧ ହେବାରେ ଲାଗିଛି । ବିଜ୍ଞାନକୁ ବ୍ୟବହାର କରି ବିଭିନ୍ନ ପ୍ରକାର ନୂତନ ଉଦ୍ଭାବନ କରାଯାଉଛି, ଯାହା ସାରା ଦୁନିଆକୁ ଚକିତ କରୁଛି । ସେହିଭଳି ଏକ ଉଦ୍ଭାବନ ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ବର୍ତ୍ତମାନ କାଲିଫର୍ଣ୍ଣିଆର ଏକ କମ୍ପାନୀ ରାତିର ଅନ୍ଧାରରେ ସୂର୍ଯ୍ୟକୁ ଚମକାଇବାକୁ ଯୋଜନା କରୁଛନ୍ତି । ଏଠିକାର ଏକ ଷ୍ଟାର୍ଟଅପ କମ୍ପାନୀ ଏନେଇ ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ମହାକାଶରେ ଏକ ହଜାରଟି ଦର୍ପଣ ଲଗାଇବାକୁ ଯୋଜନା କରିଛି । ଯାହା ସାହାଯ୍ୟରେ ସୂର୍ଯ୍ୟଙ୍କର କିରଣ ପ୍ରତିଫଳିତ ହୋଇ ରାତିରେ ମଧ୍ୟ ପୃଥିବୀକୁ ଆଲୋକିତ କରିବ । ଏହି ଦର୍ପଣ ଗୁଡିକର ସାହାଯ୍ୟରେ ରାତିରେ ସୋଲାର ଫାର୍ମ ଗୁଡିକୁ ସୂର୍ଯ୍ୟ କିରଣ ଯୋଗାଯାଇ ବିଜୁଳି ଉତ୍ପାଦନ କରାଯିବ, ଯାହା ଖୁବ କାମରେ ଆସିବ ବୋଲି କମ୍ପାନୀ ସୂଚନା ଦେଇଛି । ଏହି ପ୍ରକଳ୍ପର ନାଁ ରଖାଯାଇଛି ରିଫ୍ଲେକ୍ଟ ଅର୍ବିଟାଲ ୨୦୨୬, ଯାହାର ଆରମ୍ଭ ଆସନ୍ତା ବର୍ଷ କରାଯିବ । ୨୦୩୦ ସୁଦ୍ଧା ଏହି କାମକୁ ସାରିବାକୁ କମ୍ପାନୀ ଲକ୍ଷ ରଖିଛି । ତେବେ ଏହାକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । କିଛି ଏକ୍ସପର୍ଟଙ୍କ ମତରେ ଏହି ଦର୍ପଣ ଗୁଡିକୁ ଲଗାଯିବା ଫଳରେ ପୃଥିବୀ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ ।


## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ବିନାୟକ ଆଚାର୍ଯ୍ୟ



୧୯୧୮ ମସିହା ଅଗଷ୍ଟ ମାସ ୩୦ ତାରିଖରେ ରଘୁନାଥ ଆଚାର୍ଯ୍ୟଙ୍କ କୋଳମଣ୍ଡନ କରିଥିଲେ ବିନାୟକ ଆଚାର୍ଯ୍ୟ । ଓଡ଼ିଶାର ମୁଖ୍ୟମନ୍ତ୍ରୀଭାବେ ତାଙ୍କର ରହିଛି ବଳିଷ୍ଠ ପରିଚୟ । ରାଜନୀତିରେ ଯୋଗଦେବା ଆଗରୁ ସେ ଶିକ୍ଷକତା କରୁଥିଲେ । ପତ୍ରିକା ଅଧ୍ୟୟନ ତାଙ୍କର ଅନ୍ୟତମ ରୁଚି ରହିଥିଲା ଏଥିସହିତ ରାଜନୀତି ଚର୍ଚ୍ଚା ମଧ୍ୟ ତାଙ୍କର ପସନ୍ଦ ଥିଲା, ଯାହା ତାଙ୍କୁ ଭବିଷ୍ୟତରେ ରାଜନୀତିରେ ଯୋଗ ଦେବାପାଇଁ ପ୍ରେରଣା ଯୋଗାଇଥିଲା । ୧୯୪୨ ମସିହାରେ ହୋଇଥିବା ଭାରତଛାଡ଼ ଆନ୍ଦୋଳନରେ ସେ ଯୋଗଦେଇ ବନ୍ଦୀମାନଙ୍କ ପରିବାର ଲୋକଙ୍କୁ ଦେଖାଶୁଣା କରିଥିଲେ । ତାଙ୍କର ରାଜନୈତିକ ଜୀବନ ୧୯୬୭ ମସିହାରେ ଆରମ୍ଭ ହୋଇଥିଲା ଓ ସେ ବିଧାୟକ ପାଇଁ ନିର୍ବାଚନରେ ଭାଗନେଇଥିଲେ । ସେ ୧୯୬୭ ଓ ୧୯୭୧ରେ ୨ଥର ବିଧାୟକ ଭାବେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ୧୯୬୭ରୁ ୧୯୭୨ ପର୍ଯ୍ୟନ୍ତ ବିରୋଧୀଦଳର ନେତୃତ୍ୱ ମଧ୍ୟ ନେଇଥିଲେ । ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୨୯ ଡିସେମ୍ବର ୧୯୭୬ ଠାରୁ ୩୦ ଅପ୍ରେଲ ୧୯୭୭ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ୧୧ ଡିସେମ୍ବର ୧୯୮୩ରେ ସେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ସ୍ମୃତିରେ ବ୍ରହ୍ମପୁରଠାରେ ରାଜ୍ୟ ସରକାର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ ବିନାୟକ ଆଚାର୍ଯ୍ୟ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ତାଙ୍କୁ ବିନୁ ମାଷ୍ଟର ବୋଲି ଲୋକ କହୁଥିଲେ ।

# ଆସୁଛି ସିକୁଏଲ



ଫିଲ୍ମ ଥ୍ରୀ ଇଡିଏଟକୁ ସମସ୍ତେ ଖୁବ ପସନ୍ଦ କରନ୍ତି । ଏହାର କାହାଣୀ ସହିତ ଷ୍ଟାରକାଷ୍ଟ ସମସ୍ତଙ୍କର ଖୁବ ପ୍ରିୟ, ଏଥିପାଇଁ ଏହି ଫିଲ୍ମଟି ସୁପର ହିଟ ହୋଇଥିଲା । ତେବେ ସୂଚନା ଅୁସାରେ ଫିଲ୍ମଟିର ବର୍ତ୍ତମାନ ସିକୁଏଲ ନିର୍ମାଣ ହେବାକୁ ଯାଉଛି । ଏଥିରେ ମଧ୍ୟ ପୂର୍ବଥର ଭଳି ଅମୀର ଖାନ, ସରମନ ଜୋସି ଓ ଆରମାଧବନ ନଜର ଆସିବେ । ଏହାର ସ୍କ୍ରିପ୍ଟ ବର୍ତ୍ତମାନ ଫାଇନାଲ ହୋଇଥିବା ଜଣା ପଡିଛି । ଖୁବଶୀଘ୍ର ଷ୍ଟାରକାଷ୍ଟ ନେଇ ମଧ୍ୟ ସୂଚନା ମିଳିଯିବ । ତେବେ ଏହାର ସିକୁଏଲ ଖବର ଫିଲ୍ମର ଅଗଣିତ ଫ୍ୟାନଙ୍କୁ ଖୁବ ଉତ୍ସାହିତ କରିଛି । ସମସ୍ତେ ଏହାକୁ ନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳୁଛି । ଫିଲ୍ମଟି ପୂର୍ବଥର ଭଳି ଖୁବ ଭଲ ହେବ ବୋଲି ୟୁଜର୍ସ ଆଶା ରଖିଛନ୍ତି ।

## ଓଡ଼ିଆ ରୁଚି

# ବୁଟ ମଣ୍ଡା



**ଦରକାରୀ ଜିନିଷ–** ଅରୁଆ ଚାଉଳ ୧ କେ.ଜି, ବୁଟଡ଼ାଲି ୫୦୦ ଗ୍ରାମ୍, ଗୁଡ଼ ୪୦୦ ଗ୍ରାମ୍, ଗୋଲମରିଚ ୮–୧୦ଟି, ଦରକାର ମୁତାବକ ଲୁଣ ।

**ପ୍ରଣାଳୀ–** ଚାଉଳକୁ ଭିଜାଇ ଚୁନାକରି ଜନ୍ତିଦେଇ ରଖନ୍ତୁ । ବୁଟଡ଼ାଲିକୁ ସିଝାଇ ଦିଅନ୍ତୁ । ଗୋଲମରିଚ ଗୁଣ୍ଡ କରି ରଖନ୍ତୁ । ବୁଟଡ଼ାଲି ସହିତ ଗୋଲମରିଚ ଗୁଣ୍ଡ, ଗୁଡ଼, ଲୁଣ ମିଶାଇ ଚକଟି ଦିଅନ୍ତୁ । ଏହି ଚକଟାକୁ ପୁର ଭାବେ ବ୍ୟବହାର କରି ମଣ୍ଡା ତିଆରି କରନ୍ତୁ ଏବଂ ଅଥାର କିମ୍ବା ଇଟିଲି ଛାଞ୍ଚରେ ସିଝାଇ ଦିଅନ୍ତୁ । ବାସ୍ ଏଥର ଆପଣଙ୍କର ବୁଟ ମଣ୍ଡା ହୋଇଗଲା ।

## ସୋସିଆଲ କୋଟ୍ସ



“ ଆଇଏସପିଏଲ ମୋ ପାଇଁ ଖୁବ ସୁନ୍ଦର ଅନୁଭୂତି । ଏହାର ବ୍ରାଣ୍ଡ୍ ଆମ୍ବାସଡର ରହିବା ମୋ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ଓ ଗର୍ବର ବିଷୟ ।

**ସଲମାନ ଖାନ, ଅଭିନେତା**



“ ସେ ଲିଗାସୀକୁ ନିଜ କାନ୍ଧରେ ବୋଝ ଭଳି ବୋହିନଥାନ୍ତି । ସେ କେବଳ ନିଜ କାମ କରନ୍ତି । କାମ ସରିବା ପରେ ସେ ଖୁବ ରିଲାକ୍ସ ରହିଥାଆନ୍ତି । ଖୁବ ମଜାକ କରନ୍ତି ।

**ପିୟୁଷ ମିଶ୍ରା, ଅଭିନେତା**



“ ମୁଁ ନିଜେ ଯାହା ପରିଶ୍ରମ କରିଥିଲି ତାର ଫଳ ପାଇଛି । ହାରିବାର ଦୁଃଖ ନାହିଁ । ଗୌରବ ଭାଇଙ୍କ ଜିତିବାର ଖୁବ ଖୁସି ଅଛି ।

**ପ୍ରଣିତ ମୋରେ, କମେଡିଆନ**

# ୬ ହାତଥିବା ରୋବଟ୍



ଚୀନର ଏକ କମ୍ପାନୀ ଏମ୍ଆଇଡିଇଏ ପ୍ରଥମଥର ପାଇଁ ବିଶ୍ୱର ୬ ହାତଥିବା ରୋବଟ ଉଦ୍ଭାବନ କରିଛନ୍ତି । ଏହି ରୋବଟର ଗୋଡ ବଦଳରେ ଚକ ଲାଗିଛି । ଏହି ରୋବଟକୁ ଫ୍ୟାକ୍ଟ୍ରିରେ କାମ କରିବା ପାଇଁ ସ୍ୱତନ୍ତ୍ରଭାବେ ନିର୍ମାଣ କରାଯାଇଛି । ଏହାର ନାମ ମାଇରୋ ୟୁ ରଖାଯାଇଛି, ଯିଏ ମଣିଷଙ୍କ ତୁଳନାରେ ଖୁବ ଶୀଘ୍ର କାମ କରିବ । ସେହିଭଳି ଏହି ରୋବଟଟି ଗୋଟିଏ ସ୍ଥାନରେ ଠିଆ ହୋଇ ୩୬୦ ଡିଗ୍ରୀ ବୁଲିପାରିବ । ଏହାର ୬ଟି ବାୟୋନିକ ମେକାନିକାଲ ହାତ ରହିଛି, ଯିଏ ଖୁବ ସଠିକ ଭାବେ କାମ କରିପାରିବ । ଏହି ରୋବଟଟି ନିଜର ଉଚ୍ଚତା ମଧ୍ୟ ନିଜେ ବଢାଇ ପାରିବ, ଯେଉଁ କାରଣରୁ ଏହା ଯେ କୌଣସି ମେସିନ ପାଖରେ ଖୁବ ସହଜରେ ପହଞ୍ଚି ପାରିଥାଏ । ଏହାକୁ ଫ୍ୟାକ୍ଟ୍ରିରେ ହେଉଥିବା ଓଜନିଆ ଭାରି କାମ ପାଇଁ ବ୍ୟବହାର କରାଯାଇଥାଏ । ୨୦୨୬ ସୁଦ୍ଧା ଏହାର ଡେମୋ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ତେବେ ଏହାକୁ ସୋସିଆଲ ମିଡିଆରେ କିଛି ଲୋକ କମ୍ପାନୀର ମନଗଢା କାହାଣୀ ବୋଲି ମଧ୍ୟ ମତ ଦେଉଛନ୍ତି । ହେଲେ ୨୦୨୬ରେ ଏ ସମ୍ପର୍କରେ ଜଣା ପଡିବ ବୋଲି ସମୀକ୍ଷକ ମତ ଦେଉଛନ୍ତି ।

୧୬୮୭– ଇଷ୍ଟଇଣ୍ଡିଆ କମ୍ପାନୀ ମାଡ୍ରାସରେ ନଗର ନିଗମ ନିର୍ମାଣ କଲା ।

୧୮୪୫– ପ୍ରଥମ ଆଙ୍ଗଲୋ–ଶିଖ୍ ଯୁଦ୍ଧ ଆରମ୍ଭ ।

୧୮୫୮– ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ ଏବଂ ଯଦୁନାଥ ବୋଷ ପ୍ରଥମ ସ୍ନାତକ ଭାବେ କୋଲକାତା ବିଶ୍ୱବିଦ୍ୟାଳୟରୁ କଳାରେ ଡିଗ୍ରୀ ହାସଲ କଲେ ।

୧୯୩୫– ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଜନ୍ମ ।

୧୯୪୬– ଡ. ରାଜେନ୍ଦ୍ର ପ୍ରସାଦ ଭାରତର ସମ୍ବିଧାନ ସଭାର ଅଧକ୍ଷ ରୂପେ ନିର୍ବାଚିତ ହେଲେ ।

୧୯୪୬– ୟୁରୋପୀୟ ଦେଶ ସ୍ପେନକୁ ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ନିଲମ୍ବିତ କରାଗଲା ।

୧୯୬୦– ଶିଶୁଙ୍କ ବିକାଶରେ ନିୟୋଜିତ ସଂସ୍ଥା ୟୁନିସେଫ୍ ସମ୍ମାନରେ ୧୫ ପଇସାର ବିଶେଷ ଡାକ ଟିକଟ ଜାରି କରାଗଲା ।

୧୯୬୪– ୟୁନିସେଫ୍‌ର ସ୍ଥାପନା କରାଗଲା ।

୨୦୦୧– ଚୀନ୍‌କୁ ବିଶ୍ୱ ବ୍ୟବସାୟ ସଙ୍ଗଠନରେ ପ୍ରବେଶ ମିଳିଲା ।

୨୦୦୩– ମେରିଦାରେ ପ୍ରଥମ ଭ୍ରଷ୍ଟାଚାର ନିରୋଧକ ଚୁକ୍ତି ଉପରେ ୭୩ ଦେଶ ସ୍ୱାକ୍ଷର କଲେ ।

୨୦୧୨– ଭାରତରନ୍ ସମ୍ମାତିତ ପ୍ରସିଦ୍ଧ ସିତାରବାଦକ ପଣ୍ଡିତ ରବିଶଙ୍କରଙ୍କ ଜରଲୋକ ।

୨୦୧୪– ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ସ୍ୱୀକୃତି ।

# ଶୀତଦିନେ ଉପକାରୀ ଗାଜର

**ଶୀତଦିନେ ବିଭିନ୍ନ ପ୍ରକାରର ପନିପରିବା ଓ ଫଳ ମିଳିଥାଏ । ଯେଉଁଗୁଡିକ ସ୍ୱାଦିଷ୍ଟ ଲାଗିବା ସହିତ ଶରୀର ପାଇଁ ମଧ୍ୟ ଲାଭପ୍ରଦ ହୋଇଥାଏ । ଏହି ପନିପରିବା ମଧ୍ୟରେ ଗାଜରକୁ ସମସ୍ତେ ପସନ୍ଦ କରନ୍ତି । ଗାଜର ଖାଇବା ପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି । ଗାଜରରେ ମଧ୍ୟ ଭରିରହିଥାଏ ଅନେକ ଭଲ ସାମଗ୍ରୀ ଯାହା ଏହାକୁ ପୋଷକ ତତ୍ତ୍ୱରେ ଭରପୂର କରିବା ସହିତ ସ୍ୱାଦିଷ୍ଟ କରିଥାଏ । ଆସନ୍ତୁ ପଢିବା ଗାଜର ଖାଇବାର ଉପକାର ସମ୍ବନ୍ଧରେ ।**

**ଆଖି ପାଇଁ ଲାଭ ଦାୟକ–** ଗାଜରେ ଥିବା ଭିଟାମିନ୍ ଏ ଦୃଷ୍ଟିଶକ୍ତି ପ୍ରଖର କରିବାରେ କାମରେ ଆସିଥାଏ । ତେଣୁ ଯଦି ଆଖି ସମସ୍ୟା ରହିଛି ତେବେ ଗାଜର ଖାଇବା ଆରମ୍ଭ କରନ୍ତୁ । ଏହାକୁ କୌଣସି ବି ଖାଦ୍ୟରେ ମିଶାଇ କିମ୍ବା ଏଥିରୁ କୌଣସି ଖାଦ୍ୟ ପ୍ରସ୍ତୁତ କରି ଖାଇପାରିବେ ।



**ଦାନ୍ତ ଓ ହାଡ ମଜବୁତ କରିଥାଏ–** ଗାଜରରେ ଥିବା କ୍ୟାଲିସିୟମ ହାଡ ମଜବୁତ କରିବାରେ ସହାୟକ ହୋଇଥାଏ । ଏହା ଖାଇବା ଫଳରେ ଦାନ୍ତ ମଜବୁତ ହେବା ସହିତ ବିଭିନ୍ନ ଦାନ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏହାକୁ ପ୍ରାକୃତିକ ଟୁଥ୍ ବ୍ରଶ ବୋଲି ମଧ୍ୟ କେତେକ ସମ୍ବୋଧନ କରନ୍ତି ।

**ଓଜନ ହ୍ରାସରେ ସହାୟକ–** ଏଥିରେ ଭିଟାମିନ୍ ଭରପୂର ଥିବା ବେଳେ ଫାଇବର ମଧ୍ୟ ଢେର ପରିମାଣରେ ଥାଏ । ଏହି ଫାଇବର ବିଭିନ୍ନ ପେଟ ସମସ୍ୟାକୁ ଦୂର କରିଥାଏ । ଏହାବ୍ୟତିତ ଗାଜର ଓଜନ ନିୟନ୍ତ୍ରଣରେ ମଧ୍ୟ ସାହାଯ୍ୟ କରିଥାଏ ।

**ହୃତପିଣ୍ଡ ପାଇଁ ଲାଭଦାୟକ–** ଗାଜର ଶରୀରର ଆଣ୍ଟି ଅକ୍ସିଡାଣ୍ଟ ବଢାଇବାରେ ସହାୟକ ହୋଇଥାଏ । ତେଣୁ ଗାଜରକୁ ନିଜର ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ, ଏହା ହୃତପିଣ୍ଡ ପାଇଁ ବେଶ୍ ଲାଭଦାୟକ ହୋଇଥାଏ ।

**ତ୍ୱଚାରେ ଆଣେ ଚମକ–** କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ତାହା ନୁହେଁ, ଏହା ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ । ତ୍ୱଚାରେ ଚମକ ଆଣିବାରେ ଏହା ସହାୟକ ହୋଇଥାଏ । ତେଣୁ ଯଦି ନିଜ ତ୍ୱଚାରେ ଚମକ ଆଣିବାକୁ ଚାହୁଁଛନ୍ତି, ତେବେ ଗାଜର ଖାଇବା ଆରମ୍ଭ କରିଦିଅନ୍ତୁ ।

# ପ୍ରଥମ ବ୍ରେକ ମିଳିବା କଷ୍ଟ



ଅଭିନେତ୍ରୀ ବର୍ତ୍ତିକା ସିଂ ମଡେଲିଂ ଓ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଜରିଆରେ ହିଁ ନିଜ ଅଭିନୟର ଆରମ୍ଭ କରିଥିଲେ । ଅନେକ ଅଡିସନ ଦେବା ପରେ ତାଙ୍କୁ ହକ ଫିଲ୍ମରେ କାମ କରିବାର ସୁଯୋଗ ମିଳିଥିଲା । ତେବେ ତାଙ୍କର ଏହି ଡେବ୍ୟୁ ଫିଲ୍ମ ପଛରେ ଅନେକ ସଂଘର୍ଷ ଲୁଚି ରହିଛି । ନିକଟରେ ଏକ ସାକ୍ଷାତକାରରେ ଏନେଇ ମନଖୋଲି କଥା ହୋଇଛନ୍ତି ବର୍ତ୍ତିକା । ମିସ ଇଣ୍ଡିଆ ଜିତିବା ପରେ ବି ଅଭିନେତ୍ରୀ ହେବାର ସୁଯୋଗ ମିଳିନଥାଏ । ଏପରି ନୁହେଁ କି ତୁମେ ବିଜେତା ହେବାର ସଙ୍ଗେସଙ୍ଗେ ତୁମକୁ କୌଣସି ବଡ ପ୍ରୋଜେକ୍ଟ ମିଳିଯିବ । ଏଥିପାଇଁ ଖୁବ ପରିଶ୍ରମ କରିବାକୁ ପଡିଥାଏ । ତାଙ୍କୁ ମଧ୍ୟ ସେହିଭଳି ସଂଘର୍ଷ କରିବାକୁ ପଡିଛି । ଅନେକ ସ୍ଥାନରେ ତାଙ୍କୁ ପ୍ରତ୍ୟାଖାନ କରାଯାଇଛି । ହେଲେ ସେ ଏହି ସବୁ ପରିସ୍ଥିତିରେ କେବେ ବି ଭାଙ୍ଗି ପଡିନଥିଲେ । ଅଭିନୟ ପାଇଁ ଥିବା ଭଲପାଇବା ସବୁବେଳେ ତାଙ୍କୁ ଆଗକୁ ବଢିବାକୁ ସୁଯୋଗ ଦେଉଥିଲା । ଅନେକଥର ଅଡିସନ ଦେବାପରେ ଯାଇ ତାଙ୍କୁ ହକ୍‌ରେ କାମ କରିବାର ସୁଯୋଗ ମିଳିଲା । ସେହିଭଳି ଏହି ଫିଲ୍ମର ସୁଟିଂ ତାଙ୍କ ପାଇଁ ଖୁବ ସ୍ମରଣୀୟ । ଏହି ସେଟରେ ସେ ଅନେକ କିଛି ଶିଖିଛନ୍ତି । ଇମ୍ରାନ ହାସମୀ ଓ ୟାମୀ ଗୌତମଙ୍କ ପାଖରୁ ସେ ଅନେକ କିଛି ଶିଖିଥିବା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

# ୧୮ ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଇଡ଼କୋ ପ୍ରଦର୍ଶନୀ ପଡିଆ ଠାରେ ୧୮ ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୨୦୨୫ ଉଦଘାଟିତ ହୋଇଯାଇଛି.। ଉଦ୍‌ଘାଟନୀ ସମାରୋହରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଏହି କଳିଙ୍ଗ ହର୍ବାଲ ମେଳା କେବଳ ଏକ ମେଳା ନୁହେଁ, ଏହା ଆମର ପରମ୍ପରା, ଆୟୁର୍ବେଦ ଐତିହ୍ୟ, ଜଙ୍ଗଲ ଓ ପ୍ରକୃତିର ଦାନକୁ ସମ୍ମାନ କରିବାର ଏକ ଅତ୍ୟନ୍ତ ଗର୍ବର ମଞ୍ଚ। ଏହା ଆମ ଓଡ଼ିଶା ମାଟିର, ଆମ ଜନତାଙ୍କ ଜ୍ଞାନ ଓ ସମ୍ପଦର ଏକ ଅପୂର୍ବ ପ୍ରଦର୍ଶନୀ। ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଲେ ଯେ ପ୍ରକୃତି ହେଉଛି ସବୁଠାରୁ ଶ୍ରେଷ୍ଠ ଚିକିତ୍ସାଳୟ। ଓଡ଼ିଶାର ଉଦ୍ଭିଦ ସମ୍ପଦ ଆମ ଦେଶରେ ଏକ ପ୍ରମୁଖ ସ୍ଥାନ ଧାରଣ କରିଛି । ଆମ ଜଙ୍ଗଲରେ ଥିବା ଶତାଧିକ ଔଷଧୀୟ ବୃକ୍ଷ ଆଜି ଦେଶବ୍ୟାପୀ ପ୍ରସିଦ୍ଧ। ଏହି ସମ୍ପଦକୁ ସଂଗଠିତ କରିବା, ପ୍ରମାଣିତ ଆୟୁର୍ବେଦ



ପ୍ରଣାଳୀକୁ ଗଢ଼ିତୋଳିବା ଏହି ମେଳାର ଏକ ବିଶେଷ ଲକ୍ଷ୍ୟ। ଆଜିର ଯୁଗରେ ଆମେ ମାନସିକ ଚାପ, ଦୂଷିତ ଆହାର, ପରିବେଶ ପ୍ରଦୂଷଣ ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛୁ। ଏପରି ସମୟରେ ଆୟୁର୍ବେଦ ଆମର ଶାରୀରିକ ଓ ମାନସିକ ସମତାକୁ ପୁନସ୍ଥାପନ କରିବାରେ ସହାୟକ ହୋଇପାରିବ। ଓଡ଼ିଶା ସରକାର ଔଷଧୀୟ ଉଦ୍ଭିଦର ଚାଷ ପ୍ରୋତ୍ସାହନ, ଗବେଷଣା, ପ୍ରଶିକ୍ଷଣ, ଏବଂ ଉତ୍ପାଦନର ବଜାରୀକରଣକୁ ନେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅଧିନରେ ଅନେକ ଔଷଧୀୟ ବୃକ୍ଷ ଲଗା ଯାଇଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶୀର୍ଷ ଔଷଧୀୟ ଉଦ୍ଭିଦ ଉତ୍ପାଦର ବଜାର ହିସାବରେ ପରିଚିତ କରିବା ପାଇଁ କଳିଙ୍ଗ ହର୍ବସ ନାମରେ ବ୍ରାଣ୍ଡି କରାଯାଇ ଏହାର ଗୁଣବତ୍ତା, ବିପଣନ ପାଇଁ ରାଜ୍ୟ ବାହାର ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଉଛି.। ଗୁଣାତ୍ମକ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରିବା, ଗବେଷଣାକୁ ପ୍ରୋତ୍ସାହିତ କରିବା ଓ ସ୍ଥାନୀୟ ଚାଷୀମାନଙ୍କୁ ନ୍ୟାୟଯୁକ୍ତ ମୂଲ୍ୟ ପ୍ରଦାନ କରିବା କ୍ଷେତ୍ରରେ ଅସାଧାରଣ କାର୍ଯ୍ୟ କରିବ ବୋଲି ଆମେ ଆଶାବାଦୀ। କଳିଙ୍ଗହର୍ବାଲ ମେଳା ଏହି ଲକ୍ଷ୍ୟକୁ ଅଧିକ ଗତିଶୀଳ କରିବ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ଅତିଥି ଭାବେ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ପ୍ରେମ କୁମାର ଝା ଏବଂ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ଼. କେ. ମୁରୁଗେଶନ ସେମାନଙ୍କ ଅଭିଭାଷଣରେ ଔଷଧୀୟ ଉଦ୍ଭିଦର ସୁରକ୍ଷା ଏବଂ ପାରମ୍ପରିକ ଔଷଧ ବ୍ୟବସ୍ଥାକୁ ସାମଗ୍ରୀକ ଭାବରେ ଆଗକୁ ବଢ଼ାଇବାରେ ଏହି ଏହି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା ପ୍ରକଟ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ କାର୍ତ୍ତିକ ଭି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏବଂ ଉପ ବନ ସଂରକ୍ଷକ ଶ୍ରୀ ଦେବାପ୍ରିୟ କମ୍ପ ଧନ୍ୟବାଦ ଅର୍ପଣ କରିଥଲେ।

## କଳାରାହାଙ୍ଗ, ପଟିଆରୁ ହଟିଲା ଜବରଦଖଲ

# ୧୫ ଏକର ସରକାରୀ ଜମିକୁ ମାଡ଼ି ବସିଛନ୍ତି ଦଲାଲ

ଭୁବନେଶ୍ୱର(ସବ୍ୟୁ): କଳାରାହାଙ୍ଗ ଅଞ୍ଚଳରେ ୧୫ ଏକର ସରକାରୀ ଜମି ମାଡ଼ି ବସିଛନ୍ତି ଦଲାଲ । ସେଠାରେ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ଦୋକାନ, ହୋଟେଲ, ଘର ନିର୍ମାଣ କରି ବର୍ଷ ବର୍ଷ ଧରି ରହୁଥିଲେ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ତିନିଦିନ ଧରି ଉଚ୍ଛେଦ ଅଭିଯାନ ଜାରି ରହିଛି । ଆହୁରି ଉଚ୍ଛେଦ ଲାଗି ସମୟ ଲାଗିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି । ଏହାସହ ପଟିଆରେ ବି ଜବରଦଖଲ ଉଚ୍ଛେଦ ହୋଇଥିଲା । କଳାରାହାଙ୍ଗ ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର ୧୭୬୩ରେ ୧୫ ଏକର ୪୭୦ ଡେସିମିଲ ସରକାରୀ ଜମି ରହିଛି । ଏହି ଜମି ଉପରେ ହଜାର ହଜାର ସଂଖ୍ୟାରେ ଗଢ଼ି ଉଠିଛି ଘର । ଉଚ୍ଛେଦରେ ୨୫ଟି ଆଜ୍‌ବେଷ୍ଟସ/ଟିଣ ନିର୍ମିତ ଦୋକାନ, ୨୦ଟି ଆଜବେଷ୍ଟସ ଘର, ୨ଟି ଶୌଚାଳୟ,



୨ଟି ବାଉଁଶ ନିର୍ମିତ ସେଡ୍ ଏବଂ ୫୦ ଫୁଟ ଲମ୍ବର କାନ୍ଥ ଭାଙ୍ଗି ଦିଆଯାଇଥିଲା । କଳାରାହାଙ୍ଗ ମୌଜାରେ ୩ଟି ଟିଣ କ୍ୟାବିନ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା । ପ୍ରାୟ ୧ ଏକର ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା । ସମୟ ଅଭାବରୁ ଉଚ୍ଛେଦ ଅଭିଯାନ ଆଂଶିକ ଭାବରେ କରାଯାଇଥିଲା । ଆସନ୍ତାକାଲି ବାକି ଥିବା ଜବରଦଖଲ ଉଚ୍ଛେଦ କରାଯିବ । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଦୁଇ ସେକ୍ସନ ପୋଲିସ ଓ ଏକ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା । ବିଡିଏ ଏନଫୋର୍ସମେଣ୍ଟ ଅଫିସର(ଓଏସଡି) ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ ।

# ଆସନ୍ତା ବର୍ଷା ପୂର୍ବରୁ ଗଙ୍ଗୁଆ ନାଳର ପୁନରୁଦ୍ଧାର

ଭୁବନେଶ୍ୱର(ସବ୍ୟୁ): ଗଙ୍ଗୁଆ ନାଳ ଉନ୍ନତି ପ୍ରକଳ୍ପ ସମ୍ବନ୍ଧୀୟ ଏକ ଉଚ୍ଚ-ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନିକୋ ପାର୍କ ଓ ତାହାର ପରିବେଶର ସମଗ୍ର ଉନ୍ନତି ସହିତ ଭୁବନେଶ୍ୱରର ଝଡ଼ଜଳ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମୀକ୍ଷା ବୈଠକରେ ମନ୍ତ୍ରୀ ଗଙ୍ଗୁଆ ଉନ୍ନତି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ବର୍ଷା ପୂର୍ବରୁ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ଜୋର ଦେଇଛନ୍ତି । ଏକ ସମନ୍ୱିତ ପ୍ରୟାସରେ ନିକୋ ପାର୍କ ଅଞ୍ଚଳର ମନୋରଞ୍ଜନ ଓ ସାମାଜିକ ସୁବିଧା ବୃଦ୍ଧି, ଗଙ୍ଗୁଆ ନଳାର ପୁନରୁଦ୍ଧାର ଓ ସ୍ୱଚ୍ଛ ଜଳରାଶି ପ୍ରବାହ ସୁନିଶ୍ଚିତକରଣ କାମଗୁଡ଼ିକୁ ଏକା ସାଙ୍ଗରେ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ନିୟୋଜିତ ବିଭିନ୍ନ ଏଜେନ୍ସିଙ୍କ ସମନ୍ୱୟ ଆବଶ୍ୟକ । ସମସ୍ତ ଅମିମାଂସିତ ବିଷୟଗୁଡ଼ିକୁ ଶୀଘ୍ର ସମାଧାନ କରିବା ଓ ନିର୍ଦ୍ଧାରିତ ସମୟସୀମା ଭିତରେ ଗୁଣାତ୍ମକ କାମ ସମାପ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।ବୈଠକରେ ବିଧାୟକ ବାବୁ ସିଂହ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ , ବିଏମସି କମିଶନର ତଥା ବିଡ଼ିଏ ଉପାଧ୍ୟକ୍ଷ ଚଞ୍ଚଳ ରଣା ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ପାଇଲେ ଅନୁକମ୍ପାମୂଳକ ଚାକିରି

# ଦୁଇ ମାସ ପରେ ସରକାରୀ ସ୍ଥଗିତାଦେଶ, ସ୍ଥିତାବସ୍ଥା ବଜାୟ ରଖ: ହାଇକୋର୍ଟ

କଟକ, (ସବ୍ୟୁ): ୧୨ବର୍ଷ ହେଲା ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଦୌଡ଼ିବାକୁ ପଡ଼ିଲା । ଶେଷରେ ଗତ ସେପ୍ଟେମ୍ବର ୧୯ ତାରିଖରେ ଏକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି ମିଳିଲା । କିନ୍ତୁ ନିଯୁକ୍ତି ମିଳିବାର ମାତ୍ର ଦୁଇ ମାସ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଆବେଦନକାରୀଙ୍କ ନିଯୁକ୍ତି ଉପରେ ରହିତାଦେଶ ଜାରି କଲେ । ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ମାମଲାର ଶୁଣାଣି କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ରହିତାଦେଶ ଚିଠି ଉପରେ ସ୍ଥିତାବସ୍ଥା ଜାରି କରିଛନ୍ତି । ଥରେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବା ପରେ ତାହା ଉପରେ ରହିତାଦେଶ ଜାରି କରାଯାଇ ପରିବ ନାହିଁ ବୋଲି ହାଇକୋର୍ଟ ଏହି ଅବସରରେ ସ୍ପଷ୍ଟ କରିଛନ୍ତି । ଚାକିରି କ୍ଷେତ୍ରରେ ଏଭଳି ଆଦେଶ ବିରଳ ବୋଲି ମଧ୍ୟ ହାଇକୋର୍ଟ କହିଛନ୍ତି । ଏଥିସହ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଏହା ଉପରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ମାମଲାରୁ ଜଣାଯାଇଛି ଯେ, ବିଜୟ କୃଷ୍ଣ ପ୍ରଧାନଙ୍କ ବାପା କେନ୍ଦୁଝରର ଏକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲାବେଳେ ୨୦୧୩ ମସିହାରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । ବାପାଙ୍କ ପଦରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନକାରୀ ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିକଟରେ ଆବେଦନ କରିଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କ ଆବେଦନକୁ ଖାରଜ କରି ଦିଆଯିବା ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ଆବେଦନକାରୀଙ୍କୁ ସୁରକ୍ଷା ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ରିଟ୍ ଅପିଲ୍‌ରେ ହାଇକୋର୍ଟକୁ ଯାଇଥିଲେ । ସେଠାରୁ ରାଜ୍ୟ ସରକାର ହାରିବା ପରେ ସୁପ୍ରିମ୍‌କୋର୍ଟକୁ ଯାଇଥିଲେ । ସୁପ୍ରିମ୍‌କୋର୍ଟ ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ତିନିମାସ ମଧ୍ୟରେ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନକାରୀଙ୍କ ସମେତ ଅନ୍ୟ କେତେଜଣଙ୍କ ଅନୁକମ୍ପାମୂଳକ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥୁଲା । ଏହି ଆଧାରରେ ଆବେଦନକାରୀଙ୍କୁ କେନ୍ଦୁଝରର ଏକ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତ ମିଳିଥିଲା । କିନ୍ତୁ ନିଯୁକ୍ତି ଦିଆଯିବାର ମାତ୍ର ଦୁଇ ମାସ ପରେ ପୁନର୍ବାର ତାଙ୍କ ନିଯୁକ୍ତି ଉପରେ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସ୍ଥଗିତାଦେଶ ଜାରି କରି ଦିଆଗଲା । ରାଜ୍ୟ ସରକାରଙ୍କ ନିକଟରୁ ଆଦେଶ ନଆସିବା ପର୍ଯ୍ୟନ୍ତ ସେ ଚାକିରିରେ ରହିପାରିବେ ନାହିଁ ବୋଲି ଶୁଣାଇ ଦିଆଗଲା । ଫଳରେ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।ହାଇକୋର୍ଟ ଡିଇଓଙ୍କ ଉକ୍ତ ଚିଠି ଉପରେ ସ୍ଥିତାବସ୍ଥା ଜାରି କରିଛନ୍ତି ।ଅର୍ଥାତ ଆବେଦନକାରୀ ପୂର୍ବଭଳି ଚାକିରିରେ କାମ କରିବେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ମୋବାଇଲ ଫୋନ୍ ପାଇଁ ବାପାଙ୍କୁ ହତ୍ୟା କଲା ପୁଅ

ରାୟଗଡା,(ସବ୍ୟୁ): ମୋବାଇଲ ଫୋନ ପାଇଁ ବାପାଙ୍କୁ ହତ୍ୟା କଲା ୨୦ ବର୍ଷର ପୁଅ । ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅଧିନ ମୁକୁନ୍ଦପୁର ଫାଣ୍ଡି ଅନ୍ତର୍ଗତ କୈଳାଶପୁର ପଞ୍ଚାୟତର ଲାଲିବି ଗ୍ରାମରେ ଘଟିଯାଇଛି ଘଟଣା । ମୋବାଇଲ ଫୋନ୍ କିଣିବା ପାଇଁ ଟଙ୍କା ନ ଦେବାରୁ ଉତ୍କ୍ଷିପ୍ତ ହୋଇ ପୁଅ ନିଜ ବାପାକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି । ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରି ଅଧିକ ପଚରାଉଚରା କରିଛି । ତଥ୍ୟ ନେବାରେ ଜଣାପଡ଼ିଛି ଯେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଚମ୍ପା କାଡ୍ରାକାଙ୍କ ଏତଲା ମୁତାବକ, ମଙ୍ଗଳବାର ଲାଲିବି ଗ୍ରାମର ଭୀମା କାଡ୍ରାକା (୪୫)ଙ୍କୁ ତାଙ୍କ ପୁଅ ଉଦୟ କାଡ୍ରାକା (୨୦) ଏକ ମୋବାଇଲ ଫୋନ କିଣିବା ନିମନ୍ତେ ଟଙ୍କା ମାଗିଥିଲା । ଭୀମା ଏବେ ଟଙ୍କା ନାହିଁ, ମୋବାଇଲ ଫୋନ କିଣିବାକୁ କେଉଁଠୁ ଟଙ୍କା ଆଣି ତତେ ଦେବି ବୋଲି କହିଥିଲେ । ଏହା ପରେ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ରାତିରେ ଖାଇସାରି ତାଙ୍କ କୁଡିଆ ଘରେ ଭୀମା ଶୋଇଥିବା ବେଳେ ପୁଅ ଉଦୟ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା । ହତ୍ୟାକାଣ୍ଡ ଘଟାଇବା ପରେ ଏକ ଦଉଡ଼ିରେ ମୃତ ବ୍ୟକ୍ତିଙ୍କ ବେକରେ ଘୋଷାରି କୁଡିଆ ଠାରୁ ୫୦ ମିଟର ଦୂର ସୂର୍ଯ୍ୟମୁଖି ବାଡ଼ରେ ପୋତି ଦେବାକୁ ନେବା ବେଳେ କୌଣସି କାରଣରୁ ଶବକୁ ସେହି ବାଡ଼ରେ ଛାଡ଼ି ଦେଇ ବହୁ ଚତୁରତାର ସହିତ ରକ୍ତ ଭିଜା ନିଜ ପିନ୍ଧିଥିବା ପୋଷାକକୁ ବଦଳେଇ ଗାଈ ଜଗିବା ପାଇଁ ଚାଲି ଯାଇଥିଲା । ପରେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଚମ୍ପା ଲାଲିବି ଗ୍ରାମରେ ଥିବା ଘରୁ ନିଜ କୁଡିଆକୁ ଯାଇ ଦେଖିଲା ବେଳକୁ ଚାରିଆଡ଼େ ରକ୍ତ ଛିଟା ପଡ଼ିଥିବା ଦେଖିବାକୁ ପାଇଥିଲେ କିନ୍ତୁ ତାଙ୍କ ସ୍ୱାମୀଙ୍କୁ ପାଇ ନଥିଲେ । ଅଭିଯୁକ୍ତ ପୁଅ ମୃତଦେହ ଘୋଷାରି ନେଇଥିବା ରକ୍ତ ଚିହ୍ନକୁ ଦେଖି ଦେଖି ବାଡ଼ରେ ପହଞ୍ଚିଲା ବେଳକୁ ନିଜ ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ସେଠାରେ ପଡ଼ିଥିବା ଦେଖିବାକୁ ପାଇଥିବା ଏତଲାରେ ଦର୍ଶାଇଛନ୍ତି । ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି ।

# ଟିପି ସ୍କିମ୍, ନ୍ୟୁ ସିଟି ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା

## ଆଉ ୫ ସହରରେ ହେବ ଟିପି ସ୍କିମ

ଭୁବନେଶ୍ୱର(ସବ୍ୟୁ): ବିଜିପୁର, ପାଇକରାପୁର ଓ ସହଜପୁରରେ ସହର ପରିକଳ୍ପନା ଯୋଜନା (ଟିପି ସ୍କିମ) ନମ୍ବର ୧, ୨ ଏବଂ ୩ ପରିଦର୍ଶନ କରିଛନ୍ତ । ସେ ଆଗାମୀ ନୂତନ ସହର (ନ୍ୟୁ ସିଟି) ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିବା ସହ ଉଭୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର । ଭୁବନେଶ୍ୱର ସମେତ କଟକ, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ସହର ପରିକଳ୍ପନା ଯୋଜନା କାର୍ଯ୍ୟକାରୀ ହେବ । ଖୁବ୍‌ଶୀଘ୍ର ପୁରୀରେ ବି ଏହି ଟିପି ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି । ମନ୍ତ୍ରୀ ଡ଼ା ମହାପାତ୍ର ଗ୍ରେଟର ଭୁବନେଶ୍ୱରକୁ ବିକଶିତ କରିବାର ବ୍ୟାପକ ଦୃଷ୍ଟିକୋଣର ଅଂଶ ଭାବରେ ରାଜଧାନୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଟିପି ଯୋଜନାଗୁଡ଼ିକୁ ବିସ୍ତାର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସେ କହିଥିଲେ, ଏହି ଯୋଜନାଗୁଡ଼ିକ ଯୋଜନାବଦ୍ଧ ଏବଂ ସୁବ୍ୟବସ୍ଥିତ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବ



। ନାଗରିକମାନଙ୍କ ପାଇଁ ସାର୍ବଜନୀନ ସୁବିଧାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ । ଏହି ଟିପି ସ୍କିମ୍ କେବଳ ସଂଯୋଗୀକରଣ ଏବଂ ବାସସ୍ଥାନକୁ ଉନ୍ନତ କରିବ ନାହିଁ, ବରଂ ମାଲିକମାନଙ୍କ ଦ୍ୱାରା ସଂରକ୍ଷିତ ଜମିର ବଜାର ମୂଲ୍ୟକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ । ସେହିପରି ନୂତନ ସହର (ନ୍ୟୁ ସିଟି) ପ୍ରକଳ୍ପର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ । ଯାହା ଗୋଠପାଟଣା, ଦାସପୁର ଏବଂ ମଳିପଡ଼ାରେ ପ୍ରାୟ ୮୦୦ ଏକର ଜମିରେ ବିକଶିତ ହେବ । ଏହି ପ୍ରକଳ୍ପର ଲକ୍ଷ୍ୟ ଏକ ସହରାଞ୍ଚଳ ଇକୋସିଷ୍ଟମ ସୃଷ୍ଟି କରିବ । ଯାହା ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର ମଧ୍ୟରେ ବହୁମୁଖୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ସେ ବିଭାଗୀୟ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ସମୟସୀମା ସମାପ୍ତ କରିବା ଓ ଯୋଜନା ମାନଦଣ୍ଡର କଡ଼ା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ସିଙ୍ଗାପୁର ଭିତ୍ତିକ ସୁର୍ବଣ୍ଣ ଜୁରୋଙ୍ଗ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି । ଯାହା ଏହି ଐତିହାସିକ ସହରାଞ୍ଚଳ ପଦକ୍ଷେପ ପାଇଁ ବୈଷୟିକ ଜ୍ଞାନ ପ୍ରଦାନ କରିବ । ବିଶ୍ୱସ୍ତରୀୟ ଫାର୍ମ ଜେଏଲଏଲ ସହାୟତାରେ ପ୍ରକଳ୍ପ ପାଇଁ ଏକ ବଜାର ସମ୍ଭାବ୍ୟ ଅଧ୍ୟୟନ ପୂର୍ବରୁ କରାଯାଇଛି ।

# ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ପୁରୀବାସୀଙ୍କ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଆଲୋଚନାରେ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଥିଲେ ଯେ ଖୁବ୍ ଶୀଘ୍ର ସରକାର ଏଦିଗରେ ଘୋଷଣା କରିବେ । ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ବିଜେପି ସଭାପତି ଡାକ୍ତର ଦେବେନ୍ଦ୍ର କୁମାର ତରେଇଙ୍କ ନେତୃତ୍ୱରେ ଏହି ରୁଦ୍ଧଦ୍ୱାର ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ାକ୍ତର ମୁକେଶ ମହାଲିଙ୍ଗ,ଡକ୍ଟର ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର,ମନୋଜ ରଥ ଓ ରାଜେଶ କୁମାର ମହାନ୍ତି , ପୁରୀବାସୀଙ୍କ ମନ୍ଦିର ପ୍ରବେଶ, ଜଗନ୍ନାଥ ଦର୍ଶନ,ଅବଢା କିଣା,ଶୁଖିଲି କିଣା, ସତ୍ୟନାରାୟଣ ଦର୍ଶନ, ଲକ୍ଷ୍ମୀ ଦର୍ଶନ, ସୂର୍ଯ୍ୟ ମନ୍ଦିରରେ ନିର୍ବନ୍ଧ,ଶୀତଳା ଦର୍ଶନ ଭଳି ଅନେକ ବିଷୟରେ ଆଲୋଚନା କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହା ଏକ ବିପ୍ଳବ ବା' ଆନ୍ଦୋଳନ ନୁହେଁ, ଏହା ପୁରୀବାସୀଙ୍କ ଠାକୁର ଓ ସରକାରଙ୍କ ଠାରେ ନିବେଦନ ବୋଲି ଶହଶହ ମହିଳା, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀଙ୍କ ସହ ପୁରୀବାସୀଙ୍କ ପକ୍ଷରୁ ଅଭିଯାନ ମଞ୍ଚ ସିଂହଦ୍ୱାର ଓ ଶରଧାବାଲିରେ ମିଳିତ ପ୍ରାର୍ଥନା ଓ ଦୀପଦାନ କରିବା ସହ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଶ୍ରୀମନ୍ଦିର ପ୍ରଶାସକ ଓ ଜିଲ୍ଲାପାଳଙ୍କୁ ଗତ ୭ ତାରିଖରେ ନିବେଦନପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ମାତ୍ର ଦୁଇ ଦିନ ବ୍ୟବଧାନ ରେ ଅଭିଯାନ ମଞ୍ଚ ସହ ଆଲୋଚନା କରିଥିବାରୁ ପୁରୀବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛି ।

# ମହଙ୍ଗା ପଡ଼ିଲା ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ : ଅଧ୍ୟକ୍ଷ ଗିରଫ

ବୋଲଗଡ଼,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ କରି ମାନସିକ ନିର୍ଯ୍ୟାତନାର ଅଭିଯୋଗ ପରେ



ବୁଧବାର ଦିନ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି । କଲେଜ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାଶ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଲାଗିଛି ସଙ୍ଗୀନ ଦଫା । ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨), ୭୫,୭୮(୨), ୩୫୧(୨) ଲାଗୁ ହୋଇଥିବାର ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳ ସୂଚନା ଦେଇଛନ୍ତି । ରସିକିଆ ଅଧ୍ୟକ୍ଷଙ୍କ ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ କରି ମୋବାଇଲ ବିଭିନ୍ନ ପ୍ରକାର ଅଶ୍ଳୀଳ ବାର୍ତ୍ତା । ଭିଡିଓ କଲ କରିବାକୁ ନିବେଦନ କରୁଥିଲା । କିଛି ମାସ ତଳେ ରସାୟନ ବିଭାଗରେ ନିଯୁକ୍ତି ପାଇଥିବା ଜଣେ ଯୁବତୀଙ୍କ ଫୋନକୁ ଉକ୍ତ କଲେଜର ଅଧ୍ୟକ୍ଷଙ୍କ ମେସେଜ ବାର୍ତ୍ତା ବର୍ତ୍ତମାନ ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଯୁବତୀ ଜଣଙ୍କ ମାନସିକ ସ୍ତରରେ ଆଘାତ ପାଇ ନିଜ ବାପା ମା ଙ୍କୁ ଜଣାଇବା ପରେ ବାପା ବୋଲଗଡ଼ ଥାନାରେ ଏତଲା ଦେଇଥିଲେ । ଗିରଫ ଅଧ୍ୟକ୍ଷଙ୍କ ବୟସ ୫୮ ବର୍ଷ ।ଜଣେ ଝିଅ ବୟସ ଅଧ୍ୟାପିକାଙ୍କ ଉପରେ ଏପରି ନଜରକୁ ମହାବିଦ୍ୟାଳୟ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଦୃଢ଼ ନିନ୍ଦା କରିଛନ୍ତି ।ଅଧ୍ୟକ୍ଷ ପୂର୍ବରୁ ଯେଉଁ ସ୍ଥାନ କାର୍ଯ୍ୟ କରିଛନ୍ତି ଛାତ୍ରୀମାନଙ୍କୁ ଉପରେ ଖରାପ ନଜର ରଖି ଦଣ୍ଡ ପାଇଥିବାର ଥାନା ଅଧିକାରୀ ସୂଚନା ଦେଇଛନ୍ତି । ମଙ୍ଗଳବାର ଥାନାରେ ଅଭିଯୋଗ ହେବାର ଖୁବ କମ ମଧ୍ୟରେ ଅଭିଯୁକ୍ତ ଅଧ୍ୟକ୍ଷ ନିଜର ସ୍କୁଟିରେ ଫେରାର ହେବାକୁ ଚେଷ୍ଟା କରୁଥିବା ସମୟରେ ଗିରଫ ହୋଇଛନ୍ତି ।

## ସମ୍ବଲପୁରରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ

# ଅଧିକାର ପ୍ରତ୍ୟାଖ୍ୟାନ ହେଲେ ସମାଜରେ ଅବକ୍ଷୟ ଦେଖାଯାଏ : ରାଜ୍ୟପାଳ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟଠାରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଓଡିଶା ମାନବ ଅଧିକାର ଆୟୋଗଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ଏହି ଅବସରରେ କହିଥିଲେ ଯେ, ଅଧିକାର ଗୁଡିକ କେବଳ ଆଇନ ମାଧ୍ୟମରେ ନୁହେଁ ବରଂ ନାଗରିକ, ଅନୁଷ୍ଠାନ ଓ ଗୋଷ୍ଠୀ ଗୁଡିକର ସକ୍ରୀୟ ଅଂଶଗ୍ରହଣ ମାଧ୍ୟମରେ ବିକଶିତ ହୋଇପାରିବ। ଏହାଦ୍ୱାରା ସମସ୍ତଙ୍କ ପାଇଁ ନ୍ୟାୟ ଉପଲବ୍ଧ କରିବା, ସମାଜରେ ଭେଦଭାବ ଦୂର ହେବା ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନ ସହ ବଞ୍ଚିବାର ସୁଯୋଗ ମିଳିପାରିବ। ଅଧିକାର ସୁରକ୍ଷିତ ହେଲେ ସମାଜ



ସମୃଦ୍ଧ ହୁଏ। ଯେତେବେଳେ ଏହାକୁ ପ୍ରତ୍ୟାଖ୍ୟାନ କରାଯାଏ ସମାଜରେ ଅବକ୍ଷୟ ଦେଖାଯାଏ।ୟୁନିଭର୍ସାଲ ଡିକ୍ଲାରେସନ୍ ଅଫ୍ ହ୍ୟୁମାନ ରାଇଟ୍ସ ପ୍ରସ୍ତୁତ କରିବାରେ ଭାରତର ଅବଦାନ ଗୁରୁତ୍ୱପୂର୍ଣ୍ଣ ଅଟେ। ଭାରତ ପ୍ରାରମ୍ଭରୁ ବର୍ଣ୍ଣବୈଷମ୍ୟ ଭଳି ପ୍ରସଙ୍ଗ ଉଠାଇଛି। ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା, ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସୁଗମତା ସୁନିଶ୍ଚିତ କରିବା ଯୋଜନା ମାଧ୍ୟମରେ ମାନବାଧିକାରକୁ ସୁଦୃଢ କରିପାରିଛି। ଓଡିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାହାରୀ, ମାନବାଧିକାର କର୍ମୀ ତଥା ରାମନ ମ୍ୟାଗସେସେ ପୁରସ୍କାର ବିଜେତା ବେଜଓ୍ୱାଡା ୱିଲସନ୍ , ପୂର୍ବତନ ଡିଜିପି ତଥା ପୂର୍ବତନ ଓପିଏସ୍‌ସିର ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡିଶା ମାନବ ଅଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ଓ ଅନ୍ୟତମ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜହାଜ ଏମ୍‌ଭି ୱାଲର୍ଡ ଭର୍ଚ୍ଚ୍ୟୁକୁ ଗିରଫ କର: ହାଇକୋର୍ଟ

କଟକ,(ସବ୍ୟୁ): ୫ଦିନ ତଳେ ଗିରଫ ଏକ ଜାହାଜକୁ ପୃଥକ ଏକ ମାମଲାରେ ହାଇକୋର୍ଟ ଆଜି ପୁନର୍ବାର ଗିରଫ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ଜାହାଜ ଉପରେ ପ୍ରାୟ ୧୦ଲକ୍ଷ ୬୧ ହଜାର ଟଙ୍କାର କ୍ଷତିପୂରଣ ପ୍ରାର୍ଥନା କରି ବାଓ ଭିଏଟ୍ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ କରାଯାଇଥିଲା । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆଜି ଏହି ମାମଲାର ଶୁଣାଣି କରି ଏହି ଜାହାଜକୁ ପୁନର୍ବାର ଗିରଫ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଜହାଜରେ ଥିବା ସାମଗ୍ରୀ ଅନ୍‌ଲୋଡ୍ ପାଇଁ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ଶୁଣାଣି ଆସନ୍ତା ୧୫ତାରିଖକୁ ଧାର୍ଯ୍ୟ ହୋଇଛି । ବାଓ ଭିଏଟ୍ ଇନସ୍ୟୁରାନ୍ସ କମ୍ପାନୀ ଅଭିଯୋଗରେ ଦର୍ଶାଇଥୁଲା ଯେ, ଏମ୍‌ଭି ୱାଲଡ୍ ଡାଏନା ଜାହାଜରେ ଯେତିକି ସାମଗ୍ରୀ ଯିବା କଥା ସେଥିରେ ପରିବହନ କରାଯାଇ ନଥିଲା । ଫଳରେ ଆବେଦନକାରୀ ହାଇକୋର୍ଟକୁ ଆସିଥିଲେ । ଯଦିଓ ଏହି ନିର୍ଦ୍ଦିଷ୍ଟ ଜାହାଜ ପାରାଦୀପ ବନ୍ଦରକୁ ଆସୁନଥିଲା କିନ୍ତୁ ଏମ୍‌ଭି ୱାଲଡା ଡାଏନା ଜାହାଜ ଯେଉଁ ମାଲିକଙ୍କର ସେହି ମାଲିକଙ୍କର ଆଉ ଏକ ଜାହାଜ ଏମ୍‌ଭି ଓ୍ୱାଲର୍ଡ ଭର୍ଚ୍ଚ୍ୟୁ ଏଠାକୁ ଆସୁଥିଲା । ବିଡବ୍ଲୁ ଡ୍ରାଏ କାର୍‌ଗୋ ପିଟିଇ ଲିମିଟେଡ୍ କମ୍ପାନୀ ମାଲିକଙ୍କ ନାମରେ ଏହି ଦୁଇଟି ଯାକ ଜାହାଜ ରହିଛି । ତେଣୁ ଏହି ଜାହାଜକୁ ଗିରଫ ପାଇଁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ଏହି ସଂସ୍ଥା ନିକଟରୁ ୧୦ ଲକ୍ଷ ୬୧ ହଜାର ୯୫୦ଟଙ୍କା ଏବଂ ମାମଲା ପରିଚାଳନା ବାବଦକୁ ଅଧିକ ୫ଲକ୍ଷ ଟଙ୍କା ଦାବି କରାଯାଇଥିଲା । ଏହି ପିଟିସନ୍‌କୁ ପ୍ରତିପକ୍ଷଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। କିନ୍ତୁ ଆବେଦନକାରୀଙ୍କ ଅଭିଯୋଗର ପ୍ରାଥମିକ ପ୍ରମାଣ ଥିବା ଅଦାଲତ ଅନୁଭବ କରିଥିଲେ। ଯଦି ଏହି ଜାହାଜକୁ ଗିରଫ ପାଇଁ ତୁରନ୍ତ ଆଦେଶ ଦିଆନଯାଏ ତାହେଲେ ଏହି ମାମଲା ବେକାର ହୋଇଯିବ ବୋଲି ହାଇକୋର୍ଟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜହାଜ ଏମ୍‌ଭି ୱାଲର୍ଡ ଭର୍ଚ୍ଚ୍ୟୁକୁ ଗିରଫ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୪ତାରିଖରେ ଏହି ଜାହାଜକୁ ଅନ୍ୟ ଏକ ମାମଲାରେ ଗିରଫ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟଏକ ଇନସ୍ୟୁରାନ୍ସ କମ୍ପାନୀ ବିଆଇଡିଭି ପକ୍ଷରୁ ଏହି ମାମଲା ରୁଜୁ ହୋଇଥିଲା। ଏଥିରେ ୨୨ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରାଯାଇଥିଲା।

# ଓଡ଼ିଶା - ଆସାମ ସାହିତ୍ୟ ଉତ୍ସବ

ପୁରୀ , (ସବ୍ୟୁ) : 'ଆସୋମ କବି ସମାଜ' ପକ୍ଷରୁ ଓଡ଼ିଶା-ଆସାମ ସାହିତ୍ୟ ଉତ୍ସବ ସ୍ଥାନୀୟ ଲୋକନାଥ ରୋଡ ସ୍ଥିତ ଶଙ୍କରଦେବ ସଂସ୍କୃତି ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରାଜୀବ କୁମାର ଫୁକନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦିକା ବୋର୍ଣ୍ଣଲି ବୋରା ବୈଶ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଦୁଇ ଭାଷା ମଧ୍ୟରେ ସାମଞ୍ଜସ୍ୟ ଏବଂ ସୃଜନ ସମ୍ପର୍କରେ କହିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଦ୍ୱିଭାଷୀ କବିତା ସଂକଳନ 'ମହାବାହୁ- ମହାନଦୀ' ଲୋକାର୍ପିତ ହୋଇଥିଲା । ଓଡ଼ିଶା ଓ ଆସାମ ସାହିତ୍ୟର ଏହି ମିଳନ ଉତ୍ସବରେ ଉଭୟ ଓଡ଼ିଶା ଓ ଆସାମର ନିମନ୍ତ୍ରିତ ଅତିଥି କବି ମାନେ କବିତା ପାଠ କରିଥିଲେ ।

# ରାଜ୍ୟରେ ଫର୍ଟିଲାଇଜର ପ୍ଲାଣ୍ଟ ସ୍ଥାପନା ନେଇ ବୈଠକ

ଭୁବନେଶ୍ୱର (ସବ୍ୟୁ) : ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ରାଜ୍ୟରେ ସାର ଉତ୍ପାଦନ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଥିବା ଏବଂ ଚାଷ ପ୍ରତି ଯୁବପିଢ଼ି ଅନୁଗାମୀ ହୋଇଥିବା କାରଣରୁ କୃଷି ଉଦ୍ୟୋଗୀ ମଧ୍ୟ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଓଡ଼ିଶା ସରକାରଙ୍କ ସହଜ ଓ ନିବେଶମୁଖୀ ନୀତି ଯୋଗୁଁ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା । ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର ଡେଭଲପମେଣ୍ଟ ସେଣ୍ଟର ମଧ୍ୟ ଓଡ଼ିଶାରେ ନିଜର ପ୍ଲାଣ୍ଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ ମଧ୍ୟ କାମନା କରିଛନ୍ତି । ଓଡ଼ିଶା ସରକାରଙ୍କ ତରଫରୁ ଚାଷୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାରୁ ବହୁ ଲୋକ ଏବେ ଚାଷକୁ ଆପଣେଇଲେଣି । ଅଣ ଧାନ ଫସଲ ଗୁଡ଼ିକ ମଧ୍ୟ ଖରିଫରେ ଧାନ ଫସଲ କରୁଛନ୍ତି । ତଦନୁଯାୟୀ, ବିଶେଷ କରି ଖରିଫ ଫସଲ ସମୟରେ ସାରର ଆବଶ୍ୟକ ବିଶେଷ ଭାବେ ବୃଦ୍ଧି ପାଇଥାଏ । ଏହାର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଅଧିକ ପ୍ଲାଣ୍ଟ ସ୍ଥାପନା ନେଇ ଆଲୋଚନା ଚାଲିଛି । ଯଦ୍ୱାରା ରାଜ୍ୟରେ ଚାଷ ପାଇଁ ସାରର ଅଭାବ ପରିଲକ୍ଷିତ ହେବ ନାହିଁ ଏବଂ ବଣ୍ଟନ ମଧ୍ୟ ସୁଚାରୁରୂପେ ହୋଇପାରିବ । ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ବୈଠକରେ ମଧ୍ୟ ଉପସ୍ଥିତ ଥିଲେ ।



# ପିଆଇବି ଏଡିଜିଙ୍କ ଭବାନୀପାଟଣା ଗସ୍ତ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ(ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଭବାନୀପାଟଣା ଗସ୍ତ କରି ସେଠାକାର କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରଚାରପ୍ରସାର କାର୍ଯ୍ୟ ସମୀକ୍ଷା କରିଛନ୍ତି । ଶ୍ରୀ ମିଶ୍ର ଭବାନୀପାଟଣାସ୍ଥିତ ଦୂରଦର୍ଶନ ଏବଂ ଆକାଶବାଣୀର ଆଞ୍ଚଳିକ କେନ୍ଦ୍ର ସହିତ ସିବିସିର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାକାର କାର୍ଯ୍ୟଧାରା ଅନୁଧ୍ୟାନ ଏବଂ ସମୀକ୍ଷା କରିଥିଲେ । ସେ ବିଭାଗୀୟ ଅଧିକାରୀମାନଙ୍କ ସହିତ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଗଣମାଧ୍ୟମ ଜରିଆରେ ପ୍ରଚାର ପ୍ରସାର ଏବଂ ଜନସାଧାରଣଙ୍କ ଶିକ୍ଷା, ସୂଚନା ଓ ମନୋରଞ୍ଜନ ପାଇଁ ପ୍ରସାରିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ବିଶେଷ କରି ସ୍ଥାନୀୟ କଳା, ସଂସ୍କୃତିର ପ୍ରଚାରପ୍ରସାର ସହିତ କେନ୍ଦ୍ରୀୟ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉପରେ ଏଡିଜି ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସିବିସି, ଏବଂ ଆକାଶବାଣୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



# ସାହାସ ଉତ୍ସବ: ଆମ ସ୍ୱର, ଆମ ଶକ୍ତି ଅଭିଯାନର ଉଦ୍‌ଯାପନୀ ଉତ୍ସବ

ଭୁବନେଶ୍ୱର,(ସବ୍ୟୁ) : ମାନବାଧିକାର ଦିବସ ଅବସରରେ ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ, ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ମିଳିତ ସହଯୋଗରେ ୧୬ ଦିନିଆ ରାଜ୍ୟସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ କାର୍ଯ୍ୟକଳାପ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଭୁବନେଶ୍ୱରର ମେଫେୟାର କନଭେନସନରେ 'ସାହସ ଉତ୍ସବ: ଆମ ସ୍ୱର ଆମ ଶକ୍ତିଦ ଶୀର୍ଷକ ଏହି କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକମାନଙ୍କର ସମ୍ମାନ, ସୁରକ୍ଷା ଏବଂ ପୁନର୍ବାସ ପାଇଁ ଓଡ଼ିଶା ସରକାରଙ୍କ ରାଜନୈତିକ ଏବଂ ପ୍ରଶାସନିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ମହିଳା ମାନଙ୍କ ଜୀବନରେ ବହୁତ ପରିବର୍ତ୍ତନ ଆସିଛି । ରାଜ୍ୟସରକାରଙ୍କ ବହୁ ପଦକ୍ଷେପ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିଛି । ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଶକ୍ତି ସଦନକୁ ସୁରକ୍ଷା, ଆରୋଗ୍ୟ ଏବଂ ଆର୍ଥିକ ପୁନଃନିର୍ମାଣର ସ୍ଥାନ ଭାବରେ ସୁନିଶ୍ଚିତ କରିବାରେ ବିଭାଗର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶକ୍ତି ସଦନ ବାସିନ୍ଦାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ଏବଂ କଳାତ୍ମକ କାର୍ଯ୍ୟଗୁଡ଼ିକର ପ୍ରତ୍ୟକ୍ଷ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଏଥି ସହ ଉପମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଏବଂ ନିରନ୍ତରତାର ବର୍ଣ୍ଣନା ସମ୍ବଳିତ ସର୍ଭାଇଭର ଷ୍ଟୋରୀ ପୁସ୍ତିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ୟୁଏନଏଫପି ପ୍ରକଳ୍ପ ଅଧିକାରୀ ନୁର ମଲିକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସାରା ଓଡ଼ିଶାରୁ ଶକ୍ତି ସଦନର ବାସିନ୍ଦା, ୩୦ ଜିଲ୍ଲାର ଆଶ୍ରୟସ୍ଥଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେମାନେ କଳା, ପ୍ରଦର୍ଶନ, ହସ୍ତଶିଳ୍ପ, ପୋଡକାଷ୍ଟ ଏବଂ ଅଭିବ୍ୟକ୍ତି ମାଧ୍ୟମରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ମାନବାଧିକାର, ମର୍ଯ୍ୟାଦା ଏବଂ ସର୍ଭାଇଭର ନେତୃତ୍ୱ ଉପରେ ଆଧାରିତ ଏକ ହିଂସାମୁକ୍ତ ଓଡ଼ିଶା ପାଇଁ ପ୍ରତିବଦ୍ଧତା ପ୍ରକାଶ କରେ ତାହା ଏହି ୧୬ ଦିନିଆ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା ।




# କାନ୍ତକବି ଜୟନ୍ତୀରେ ଜରାଶ୍ରମରେ ସେବା କାର୍ଯ୍ୟ

ଭୁବନେଶ୍ୱର, (ସବ୍ୟୁ) : କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ଉପଲକ୍ଷେ ଭାରତସେବା ଶ୍ରମ ସଂଘ ଓ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ପଥର ଗଡିଆ ସ୍ଥିତ ଖୁସି ଓଁ କୀ ଘର ଜରାଶ୍ରମରେ ବୃଦ୍ଧବୃଦ୍ଧାମାନଙ୍କୁ ତଥା କିଛି ରୋଗୀଙ୍କୁ ଶୀତବସ୍ତ୍ର କମ୍ବଳ ଓ ଫଳମୂଳ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତସେବା ସଂଘ ଭୁବନେଶ୍ୱର ଶାଖାର ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ବିଜେପି ସାଂସ୍କୃତିକ ସେଲର ମୁଖ୍ୟ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, କିଟ୍ ଓ କିସ୍‌ର ସମ୍ପାଦକ ଆରଏନ୍ ଦାଶ, ସରଳା ଦେବୀ ସ୍ମାରକୀ ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କେନ୍ଦ୍ରୀୟ ମହିଳା କମିଶନର ପୂର୍ବତନ ସଦସ୍ୟା ମାନସୀ ପ୍ରଧାନ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଡକ୍ଟର ଆରଏନ୍ ପ୍ରହରାଜ, ସରଳା ଦେବୀ ଟ୍ରଷ୍ଟର ଟ୍ରଷ୍ଟି ନିବେଦିତା ମହାନ୍ତି ଓ ମୟୁରାକ୍ଷ ବହିଦାର, ପୂର୍ବତନ ବ୍ୟାଙ୍କ ଅଫିସର ପର୍ଶୁରାମ ପଣ୍ଡା, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ବିଚିତ୍ର ସାହୁ, ଅଧ୍ୟାପକ ରାଜେନ୍ଦ୍ର ରାଜୁ ଓ ଖୁସିଓଁକାଁ ଘର ର ପ୍ରତିଷ୍ଠାତା ଜିତୁ ପ୍ରମୁଖ ଉପସ୍ଥିତ ଥିଲେ ।



# ଜଟଣୀ ପୁସ୍ତକ ମେଳା : ମନ ମୋହିଲା ସଂଗୀତା କଳାକାରଙ୍କ ପାରମ୍ପରିକ ନୃତ୍ୟ

ଜଟଣୀ, (ସବ୍ୟୁ) : ସ୍ରଷ୍ଟା ପରିସରରେ ଚାଲିଥିବା ପୁସ୍ତକ ମେଳା କାର୍ଯ୍ୟକ୍ରମର ତୃତୀୟ ଦିବସରେ ଭଞ୍ଜକଳା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡ଼ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନା ଓ ଜୀବନୀ ଉପରେ ଆଲୋକପାତ କରିଥିଲେ । ଡ଼ ସୁକାନ୍ତି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନ ସଂଗୀତା କୁନିକୁନି କଳାକାର ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନ୍ୟମାନଙ୍କ ମଧ୍ୟରେ ଡ ସୁଶାନ୍ତ ରାଉତ, ଆଇନଜୀବି ଶୁଶାନ୍ତ କୁମାର ସୁବୁଦ୍ଧି, କ୍ଷୀରୋଦ କୁମାର ନନ୍ଦ, ଆଦିନାରାୟଣ ଖଣ୍ଡୁଆଳଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।



# ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଘୋଟାଲା

## ସିବିଆଇ ରିମାଣ୍ଡରେ ୫ ଅଭିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଘୋଟାଲାରେ ସିବିଆଇ ୫ ଅଭିଯୁକ୍ତଙ୍କୁ ରିମାଣ୍ଡ ନେଇ ପୂର୍ବରୁ ମିଳିଥିବା ତଥ୍ୟ ଆଧାରରେ ଜେରା କରିବ । ସେଥିପାଇଁ ବୁଧବାର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ରିମାଣ୍ଡ ଆବେଦନ କରିବା ପରେ କୋର୍ଟ ଅନୁମତି ଦେଇଛନ୍ତି । ବିହାରରୁ ଗିରଫ ହୋଇଥିବା ନୀତିଶ କୁମାରକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିବା ପରେ ବୁଧବାର ସିବିଆଇ କୋର୍ଟରେ ହାଜର କରିଥିଲା ତଦନ୍ତକାରୀ ଟିମ୍ । ଚାରିଦିନ ରିମାଣ୍ଡ ଆବେଦନ ହୋଇଥିବା ବେଳେ କୋର୍ଟ ଦୁଇଦିନ ଅନୁମତି ଦେଇଛନ୍ତି । ଏସ୍‌ଆଇ ନିଯୁକ୍ତି ଚେର ବିହାର ପର୍ଯ୍ୟନ୍ତ ଲମ୍ବିଥିବା ନୀତିଶ ଗିରଫଦାରୀରୁ ସ୍ପଷ୍ଟ ହୋଇଛି । ତାକୁ ଜେରା କରିବା ପରେ ଆନ୍ତଃରାଜ୍ୟ ଆଶାୟୀ ଯୋଗାଡ କରିବା ରହସ୍ୟ ସ୍ପଷ୍ଟ ହେବ । ଜେଲ୍‌ରେ ଥିବା ଘୋଟଲାର ଦଲାଲ ମୁନା ମହାନ୍ତି, ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା ସମେତ ୪ଜଣଙ୍କୁ ୫ଦିନ ରିମାଣ୍ଡ ନେବା ପାଇଁ ତଦନ୍ତକାରୀ ଟିମ୍ ଆବେଦନ କରିଥିବା ବେଳେ କୋର୍ଟ ୫ଦିନ ପାଇଁ ଅନୁମତି ମଧ୍ୟ ଦେଇଛନ୍ତି । ଏହି ୪ଜଣଙ୍କୁ ନେବା ପରେ ବିହାର ଅଭିଯୁକ୍ତ ଓ ପୂର୍ବରୁ ମିଳିଥିବା ତଥ୍ୟକୁ ନେଇ ରିମାଣ୍ଡ ଜେରା କରାଯିବ । ତଦନ୍ତ ଆଗକୁ ବଢିବା ସହ ଦଲାଲଙ୍କ ରିମାଣ୍ଡ ପର୍ଯ୍ୟାୟ କ୍ରମେ ଜାରି ରହିବ । ଘୋଟାଲାର ମାଷ୍ଟରମାଇଣ୍ଡ ଶଙ୍କର କିପରି ରାଜ୍ୟ ତଥା ରାଜ୍ୟ ବାହାରେ ଆଶାୟୀଙ୍କୁ ଯୋଗାଡ କରିବା ପାଇଁ ଜାଲ ବିଛାଇଥିଲା ଧୀରେ ଧୀରେ ତାହା ସ୍ପଷ୍ଟ ହେଉଛି । ଆଶାୟୀମାନେ ଏଜେଣ୍ଟମାନଙ୍କୁ ସାର୍ଟିଫିକେଟ୍ ଓ ୧୦ଲକ୍ଷ ଟଙ୍କା ଅଗ୍ରୀମ ଦେଉଥିଲେ । ଦଲାଲ ଓ ଆଶାୟୀମାନଙ୍କୁ ଜେରା କରାଯିବା ସହ ୫ଜଣଙ୍କୁ ସିବିଆଇ ଗିରଫ କରିସାରିଲାଣି । ଏମାନଙ୍କ ତଥ୍ୟ ଆଧାରରେ ପୋଲିସ ଅଫିସର, ଓପିଆର୍‌ବି ଅଫିସର ଓ ନେତାଙ୍କ ପାଳି ପଡିବ ବୋଲି ଭିତିରି ଖବର ମିଳିଛି ।

# ଘୋଳପୁର ଗାଆଁରେ ବୋମା ମାଡ଼ : ଲୋକେ ଆତଙ୍କିତ

ବାଙ୍କୀ ,(ସବ୍ୟୁ): ସୋମବାର ରାତିରେ ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ଦୁଇଟି ବୋମା ମାଡ଼ କରି ଛୁ ମାରିଛନ୍ତି । ବାଙ୍କୀ ଥାନା ଅନ୍ତର୍ଗତ କନ୍ତପହଁରା ଗ୍ରାମ ପଞ୍ଚାୟତର ଘୋଳପୁର ଗ୍ରାମ ର ଅନନ୍ତନାଥ ପୁର ସାହିର ମନ୍ଦିର ନିକଟ ଛକ ଜନ ଗହଳି ସ୍ଥାନ ହୋଇଥିବାରୁ ହଠାତ କିଛି କେହି ବୁଝିବା ଆଗରୁ ରାସ୍ତା ଉପରେ ଦୁଇଟି ବୋମା ମାଡ଼ କରି ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରିଛନ୍ତି ଦୁଇ ଜଣ ଦୁର୍ବୃତ୍ତ । ଗତ ଅଗଷ୍ଟ ୧୭ ତାରିଖ ରାତି ପ୍ରାୟ୧୦ଟାରେ ଘୋଳପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ଉପରକୁ ଦୁଇ ଗୋଟି ବୋମା ମାଡ଼ କରି କାର୍ଯ୍ୟାଳୟ ଗୃହ କାନ୍ଥ ଭାଙ୍ଗି ଦେଇ ଆତଙ୍କ ସୃଷ୍ଟି କରିଥିଲେ । ଘଟଣା ସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏ ସମ୍ପର୍କ ରେ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁଙ୍କୁ ବୋମା ମାଡ଼ ହୋଇଛି । କିନ୍ତୁ ଗ୍ରାମର କୌଣସି ବ୍ୟକ୍ତି ଘଟଣା ସମ୍ପର୍କ ରେ କିଛି ପ୍ରତିକ୍ରିୟା ଦେଉ ନାହାନ୍ତି । ଲୋକେ ବୋମା ମାଡ଼ କରିଥିବା ଦୁର୍ବୃତ୍ତଙ୍କୁ ଭୟ କରୁଥିବାର ଅନୁମାନ କରାଯାଉଛି । ସେହି ଛକରେ ମଦ ବିକ୍ରିକୁ ନେଇ ହୋଇଛି ବୋମା ମାଡ଼ ବୋଲି ନିଜ ନାମ ଗୋପନ ରଖି ଜଣେ ଗ୍ରାମବାସୀ ସୂଚନା ଦେଇଛନ୍ତି । ପୋଲିସ ତଦନ୍ତ କରି ପ୍ରକୃତ ଘଟଣାକୁ ଲୋକ ଲୋଚନ କୁ ଆଣିବା ପାଇଁ ଦାବି ହେଉଛି ।

# ନିଶାଦ୍ରବ୍ୟ ମିଶ୍ରିତ କଫ୍ ସିରପ୍ କାରବାର

## ୬୧ ମାମଲାରେ ୧୮୧ ଗିରଫ, ୭୩,୧୮୧ ସିରପ୍ ଜବତ

ଭୁବନେଶ୍ୱର, (ସବ୍ୟୁ) : ବେଆଇନ କପ୍ ସିରପ୍ ଚୋରାଚାଲାଣ ଓ ବ୍ୟବସାୟ ରୋକିବା ପାଇଁ ଓଡ଼ିଶା ପୋଲିସ କଠୋର ପଦକ୍ଷେପ ଗ୍ରହଣ କରୁଛି । ବିଗତ କିଛିଦିନ ମଧ୍ୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇ ବିପୁଳ ପରିମାଣର କପ୍ ସିରଫ ଜବତ କରାଯାଇଛି । ଚୋରାଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ୬୧ ମାମଲା ରୁଜୁ କରାଯିବା ସହ ମୋଟ ୭୩,୧୮୧ ବୋତଲ ନିଶାଦ୍ରବ୍ୟ ମିଶ୍ରିତ କପ୍ ସିରପ୍ ଜବତ କରାଯାଇଛି । ଏହି କାରବାରରେ ସମ୍ପୃକ୍ତ ୧୮୧ଜଣ ଗିରଫ ହୋଇଛନ୍ତି । କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଭୁବନେଶ୍ୱରରୁ ସର୍ବାଧିକ ୨୬ ହଜାର ୬୫୮ ବୋତଲ ନିଶାଦ୍ରବ୍ୟ ମିଶ୍ରିତ କପ୍ ସିରପ୍ ଜବତ କରି ଅଭିଯାନର ପ୍ରମୁଖ ଭୂମିକା ଲିଭାଇଛି । ସେହିପରି ସମ୍ବଲପୁର ଜିଲ୍ଲା ପୋଲିସ ୧୩ଟି ମାମଲା ରୁଜୁ କରି ୧୯,୯୦୮ ବୋତଲ କପ୍ ସିର୍‌ଫ୍ ଜବତ କରିଛି । ବଡଗଡ ପୋଲିସ ୧୭ଟି ମାମଲା ରୁଜୁ କରି ୧୨,୮୫୬ ବୋତଲ ଜବତ କରିଥିବା ବେଳେ ବଲାଙ୍ଗୀର ପୋଲିସ ୧୨ଟି ମାମଲା କରି ୫,୪୬୮ ବୋତଲ, ସୁବର୍ଣ୍ଣପୁର ପୋଲିସ ୬ଟି ମାମଲାରେ ୪୫୧ ବୋତଲ, ବୌଦ୍ଧରେ ୪ଟି ମାମଲା କରାଯାଇ ୧୮୮୬ ବୋତଲ ଏବଂ ସୁନ୍ଦରଗଡ ଜିଲ୍ଲାରେ ୩ଟି ମାମଲା ରୁଜୁ କରାଯିବା ସହ ୫୯୫ ବୋତଲ କପ ସିରଫ ଜବତ କରାଯାଇଛି । ସମ୍ବଲପୁର ପୋଲିସ ୬୬ଜଣଙ୍କୁ ଗିରଫ କରିଥିବା ବେଳେ ବରଗଡ ୬୪, ବଲାଙ୍ଗୀର ୨୩, ସୁବର୍ଣ୍ଣପୁର ୭, ସୁନ୍ଦରଗଡ ୬ ଓ କେନ୍ଦୁଝର ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ମୁଖ୍ୟାଳୟରୁ ସୂଚନା ମିଳିଛି । ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଏହି କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ନିଶା କାରବାରରେ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।



# ସନ୍ଧାନୀ "ଜ୍ୟାକ୍‌ସନ' ଧରିଲା ଗଞ୍ଜେଇ

## ଦୁଇ ଆନ୍ତଃରାଜ୍ୟ ଚାଲାଣକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସନ୍ଧାନୀ କୁକୁର "ଜ୍ୟାକ୍‌ସନ' ରେଳ ଷ୍ଟେସନ ପାର୍ସଲରୁ ବିପୁଳ ପରିମାଣର ଗଞ୍ଜେଇ ଠାବ କରିବା ପରେ ଦୁଇଜଣ ଗିରଫ ହୋଇଛନ୍ତି । ଦୁଇ ଆନ୍ତଃରାଜ୍ୟ ଚାଲାଣକାରୀ ଭୁବନେଶ୍ୱରରୁ ଝାନ୍‌ସୀ ଗଞ୍ଜେଇ ନେଉଥିବା ଜିଆର୍‌ପି ଆଇଆଇସି କହିଛନ୍ତି ।ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ରେଳଷ୍ଟେସନରେ ନିଶା କାରବାରକୁ ନେଇ ଆର୍‌ପିଏଫ୍-ଜିଆର୍‌ପି ମିଳିତ ଭାବେ ଚଢାଉ ଜାରି ରଖିଥିବା ବେଳେ ବୁଧବାର ଭୁବନେଶ୍ୱର ଜିଆର୍‌ପି ଥାନା ଅଧୀନ ରେଳ ଷ୍ଟେସନରୁ ଦୁଇଟି ପାର୍ଶ୍ୱଲ ଠାବ କରିଥିଲା "ଜ୍ୟାକ୍‌ସନ' । ବିଶେଷ କରି "ଜ୍ୟାକ୍‌ସନ' ନାର୍‌କୋଟିକ୍ସ ଉପରେ ତାଲିମ୍ ନେଇଛି । ପାର୍ଶ୍ୱଲ ଗୁଡିକରୁ ବାହାରୁଥିବା ବାସ୍ନାରୁ ସେ ଗଞ୍ଜେଇ ଠାବ କରିବାରେ ସଫଳ ହେଲା । ଦୁଇଟି ବଡ ପାର୍ଶ୍ୱଲ ମଧ୍ୟରେ ଗଞ୍ଜେଇ ଥିବା "ଜ୍ୟାକ୍‌ସନ'ଦର୍ଶାଇବା ପରେ ଜିଆର୍ ପୋଲିସ ଦୁଇଜଣଙ୍କୁ ଗିରଫ କରିବାରେ ସମର୍ଥ ହେଲା । ଗିରଫ ଦୁଇଜଣ ହେଲେ ଉତ୍ତରପ୍ରଦେଶ ଝାନ୍‌ସୀ ଜିଲ୍ଲାର ହରିମୋହନ ଆଦିବାସୀ (୨୯) ଓ ମହେଶ (୨୩) । ଏହି ଦୁଇଜଣ ବରମୁଣ୍ଡାରୁ କୌଣସି ଗଞ୍ଜେଇ ଡିଷ୍ଟ୍ରିବ୍ୟୁଟର ଠାରୁ ଆଣି ରେଳଷ୍ଟେସନରେ ଉତ୍ତରପ୍ରଦେଶ ଟ୍ରେନ୍‌କୁ ଅପେକ୍ଷା କରିଥିବା ବେଳେ ଯାଞ୍ଚ ସମୟରେ ଧରାପଡିଥିଲେ । ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କ ଠାରୁ ମିଳୁଥିବା ସୂଚନା ଅନୁଯାୟୀ ଗଞ୍ଜେଇ ବ୍ୟବସାୟକୁ ନେଇ ଜିଆର୍‌ପିକୁ ବିଭିନ୍ନ ତଥ୍ୟ ମିଳିଛି । ଗଞ୍ଜେଇ ଚାଲାଣକୁ ନେଇ କମିଶନରେଟ୍ ପୋଲିସ, ରାଜ୍ୟ ପୋଲିସ ବ୍ୟାପକ ଖାନ୍‌ତଲାସ କରୁଥିବା ବେଳେ ଟ୍ରେନ୍ ଯୋଗେ ପାର୍ସଲରେ ଗଞ୍ଜେଇ ଚାଲାଣ ହେଉଥିବା ବହୁ ଅଭିଯୋଗ ହୋଇଆସୁଥିଲା । ତାହା ଜାଣିବାରେ ଆର୍‌ପିଏଫ୍ ଓ ଜିଆର୍‌ପି ସଫଳ ହେଉନଥିବାରୁ ସନ୍ଧାନୀ କୁକୁର ସହାୟତା ନେବା ପରେ ସଫଳ ହେଉଛନ୍ତି ।



# କିଟ୍‌କୁ ମର୍ଯ୍ୟାଦାଜନକ ସିଆଇଆଇ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ) : ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ବର୍ଷର ଶ୍ରେଷ୍ଠ ସ୍ପୋର୍ଟ୍ସ ଷ୍ଟାଡିୟମ୍/ଏରେନା ପୁରସ୍କାର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ତୃତୀୟ ସିଆଇଆଇ ସ୍ପୋର୍ଟ୍ସ ବିଜନେସ୍ ଆୱାର୍ଡସ୍ ୨୦୨୫ରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶରେ କିଟ୍‌ର ଉଲ୍ଲେଖନୀୟ ଅବଦାନ ଏବଂ ଭାରତରେ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଦିଗରେ କିଟ୍‌ର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରେ । ୧୦ମ ସିଆଇଆଇ ସ୍କୋରକାର୍ଡ ୨୦୨୫ ସମାପ୍ତ ହୋଇଥିବା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କିଟ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିରେ କେନ୍ଦ୍ର ମନ୍ତ୍ରୀ, ବରିଷ୍ଠ ସରକାରୀ ପଦାଧିକାରୀ, କର୍ପୋରେଟ୍ ନେତା ଏବଂ ଦେଶବ୍ୟାପୀ କ୍ରୀଡ଼ା ବିଶେଷଜ୍ଞମାନେ ଯୋଗ ଦେଇଥିଲେ । କିଟ୍‌ର ଅନୁକରଣୀୟ କାର୍ଯ୍ୟ ଏବଂ ଭାରତୀୟ କ୍ରୀଡ଼ା ଇକୋସିଷ୍ଟମ ଉପରେ ପରିବର୍ତ୍ତନକାରୀ ପ୍ରଭାବକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଏହା ସହ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଖେଳାଳିମାନଙ୍କ ପାଇଁ ମାନଦଣ୍ଡ ସୁବିଧା ସୃଷ୍ଟି କରିବାରେ ପ୍ରତିଷ୍ଠାନର ନିରନ୍ତର ପ୍ରୟାସ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । କ୍ରୀଡ଼ା କ୍ଷେତ୍ରରେ ନିରନ୍ତର ଉତ୍କର୍ଷତା ପାଇଁ କିଟ୍ ବହୁ ପ୍ରତିଷ୍ଠିତ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଓ ସ୍ୱୀକୃତି ହାସଲ୍ କରିଛି । ବିଶ୍ୱବିଦ୍ୟାଳୟକୁ ୨୦୨୨ ଓ ୨୦୨୫ ଉଭୟରେ ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାରରେ "କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍ତମ ବିଶ୍ୱବିଦ୍ୟାଳୟଦ ଭାବରେ ବିବେଚିତ କରାଯାଇଥିଲା । ସେହିପରି କ୍ରୀଡ଼ା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍‌କୁ ୨୦୨୨ରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ମିଳିଥିଲା । ଏହା ବ୍ୟତୀତ କିଟ୍‌କୁ ସିଆଇଆଇ କ୍ରୀଡ଼ା ବିଜନେସ୍ ଆୱାର୍ଡ ୨୦୨୩ରେ "ଶ୍ରେଷ୍ଠ କ୍ରୀଡା ସୁବିଧାଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତୀୟ କ୍ରୀଡ଼ା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୨୦୨୨ରେ କିଟ୍‌କୁ ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା



## ପ୍ରଦେଶସ୍ତରୀୟ ସାଂଗଠନିକ କର୍ମଶାଳା

# ଆଗାମୀ ଦିନର ରୋଡ ମ୍ୟାପ ପ୍ରସ୍ତୁତ କଲା ବିଜେପି

### ସଂଗଠନକୁ ଆହୁରି ମଜ୍‌ଭୁତ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଭାରତୀୟ ଜନତା ପାର୍ଟି ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଂଗଠନ ସହ ସମନ୍ୱୟ କରି ଦେଶ ଏବଂ ଓଡ଼ିଶାର ବିକାଶ କରିବା ପାଇଁ ବିଭିନ୍ନ ସମୟରେ ବିଜେପି ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ଆଶୀର୍ବାଦ ଭାରତୀୟ ଜନତା ପାର୍ଟି ସହ ଅଛି । ଓଡ଼ିଶାବାସୀ ଏହି ଦଳ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଦେଖୁଛନ୍ତି । ଏଥିପାଇଁ ବିଜେପି ନିଷ୍ଠାର ସହ ଲୋକଙ୍କ ସେବା କରୁଛି । ଆଜିର କର୍ମଶାଳା ମାଧ୍ୟମରେ ବିଜେପି ତା'ର ସଂଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି । ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କ କିପରି ସହଯୋଗ ରହିବ ସେସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା । ଏଥିରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଂଗଠନ) ବି.ଏଲ୍.ସନ୍ତୋଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉଷେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଜେପିର ଆଗାମୀ ଦିନର ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲେ । ଏଥିସହ ସଂଗଠନକୁ ଆହୁରି ମଜ୍‌ଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରିଥିଲେ ବୋଲି ତ୍ରିପାଠୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ ।



# ଉଜ୍ଜ୍ୱଳା ଗ୍ୟାସ ଯୋଜନାରେ ଉପକୃତ ହେବେ ଜିଲ୍ଲାର ସମସ୍ତ ପରିବାର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲାର ସମସ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ସାମିଲ କରାଯିବ । ଏନେଇ ବୁଧବାର ବାରିପଦା ସର୍କିଟ ହାଉସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଇଣ୍ଡେନ ଏଲପିଜି ଗ୍ୟାସ ବିତରଣ ସଂସ୍ଥା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।




ବୈଠକରେ ରାଜ୍ୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ଟୁଣ୍ଡୁପ ନାରୋ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ମହାପ୍ରବନ୍ଧକ(କର୍ପୋରେଟ ସଂଚାର) ଯୋଜନା ଓ ସମନ୍ୱୟ ଅଧିକାରିଣୀ ସୁସ୍ମିତା ତ୍ରିପାଠୀ ଓ ଇଣ୍ଡେନ ଏରିଆ ଅଫିସ ଭୁବନେଶ୍ୱରର ମଣ୍ଡଳୀୟ ବିକ୍ରୟ ପ୍ରମୁଖ ସଚିନ କଦମ୍ ଉପସ୍ଥିତ ଥିଲେ । ଅର୍ଥନୈତିକ ଭାବେ ଦୁର୍ବଳ ପରିବାର ମହିଳାମାନଙ୍କୁ ସ୍ୱଚ୍ଛ, ସୁରକ୍ଷିତ ଏବଂ ସସ୍ତା ଇନ୍ଧନ ପ୍ରଦାନ କରିବା ପାଇଁ ଭାରତ ସରକାର ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ଅଧିନରେ ୨୫ଲକ୍ଷ ଅତିରିକ୍ତ ନିଃଶୁଳ୍କ ସଂଯୋଗ ଦେବାକୁ ଅନୁମୋଦନ କରିଛନ୍ତି । ରାଜ୍ୟରେ ୮୭ପ୍ରତିଶତ ପରିବାର ଏଲପିଜି ସଂଯୋଗ ନେଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ସୁନ୍ଦରଗଡ ଭଳି ଆଦିବାସୀ ଜିଲାରେ ହିତାଧିକାରୀଙ୍କ ସଂଖ୍ୟା ଅତ୍ୟନ୍ତ କମ ରହିଛି । ଏପିକି ମୟୂରଭଞ୍ଜ ଜିଲାରେ ୬୬.୯ପ୍ରତିଶତ ପରିବାର ଇନ୍ଧନ ଗ୍ୟାସ ବ୍ୟବହାର କରୁଥିବାରୁ ଏହାର ସଂଖ୍ୟା ବୃଦ୍ଧି ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି । ଜିଲାର ୭ଲକ୍ଷ ପରିବାର ମଧ୍ୟରୁ ୪ଲକ୍ଷ ୬୦ହଜାର ଏଲପିଜି ବ୍ୟବହାର କରୁଥିବା ବେଳେ ସେଥି ମଧ୍ୟରୁ ୧୭ପ୍ରତିଶତ ହିତାଧିକାରୀ ଉଜ୍ଜଳା ଯୋଜନାରେ ସାମିଲ ହୋଇଛନ୍ତି ।

ଅବଶିଷ୍ଟ ପରିବାର ଏହି ଯୋଜନାର ଲାଭ ଉଠାଇବା ପାଇଁ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ରିଫିଲ ସିଲିଣ୍ଡର ଗ୍ୟାସ, ଚୂଲା, ପାଇପ୍ ଓ ରେଗୁଲେଟର ପ୍ରଦାନ କରାଯାଉଛି । ନିକଟସ୍ଥ ଏଲପିଜି ବିତରଣ କେନ୍ଦ୍ର କିମ୍ବା କମନ୍ ସର୍ଭିସ ସେଂଟର ମାଧ୍ୟମରେ ବିପିଏଲ ହିତାଧିକାରୀମାନେ ଏହାର ସୁଯୋଗ ନେଇପାରିବେ ବୋଲି ଜଣାଇଛନ୍ତି । ଏଥି ନିମନ୍ତେ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ ବୋଲି କହିବା ସହିତ ଜିଲାରେ ଅଧିକରୁ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସାମିଲ କରିବାକୁ ଯୋଜନା କରାଯାଇଛି । ଏପରିକି ବିତରକ ମାନଙ୍କ ପକ୍ଷରୁ ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ କ୍ୟାମ୍ପ କରାଯାଇ ଜନସାଧାରଣଙ୍କୁ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ କରିବେ । ତେବେ ଆର୍ଥିକ ଅନଗ୍ରସର ପରିବାରକୁ ଏହି ସୁବିଧା ଯୋଗାଇବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ରହିବା ସୁନିଶ୍ଚିତ କରିବାକୁ ଉପସ୍ଥିତ ସାମ୍ବାଦିକ ଆଲୋଚନାରେ ଭାଗ ନେଇ ପ୍ରସ୍ତାବ ରଖିଥିଲେ ।

# ୧୩ରେ ଟିପିଏସ୍ଓଡିଏଲ୍ ଉପଭୋକ୍ତାଙ୍କ ଲୋକ ଅଦାଲତ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ୍) ପକ୍ଷରୁ ଆସନ୍ତା ୧୩ ତାରିଖରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ । ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି । ଏଠାରେ ଦୀର୍ଘ ଦିନ ଧରି ବିଚାରଧୀନ ଥିବା ମାମଲାଗୁଡ଼ିକର ଏକକାଳୀନ ସମାଧାନ କରାଯିବ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସ୍ଓଡିଏଲ୍ ଡିଭିଜନ୍, ସବ୍-ଡିଭିଜନ୍, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ ଟିପିଏସ୍ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ । ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ ।

ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାଓ୍ୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟ କ୍ରମେ ମାର୍ଗଦର୍ଶନ ଇତ୍ୟାଦି, ଟିପିଏସ୍ଓଡିଏଲର କାର୍ଯ୍ୟାଳୟରେ ମିଳିବ ଛ ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସେବା କେନ୍ଦ୍ର ଓ ସହ ଯୋଗାଯୋଗ କରିପାରିବେ । ଏହା ଚଳିତ ବର୍ଷର ଶେଷ ଲୋକ ଅଦାଲତ ହୋଇଥିବା ହେତୁ ଟିପିଏସ୍ଓଡିଏଲ୍ ନିଜର ସମସ୍ତ ଗ୍ରାହକମାନଙ୍କୁ ଏହି ସୁଯୋଗର ଲାଭ ଉଠାଇବାକୁ ନିବେଦନ କରୁଛି । ଲୋକ ଅଦାଲତରେ ମାମଲାର ସମାଧାନ କରି ଉପଭୋକ୍ତାମାନେ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ । ଏହାଦ୍ୱାରା ସମଗ୍ର ଦକ୍ଷିଣ ଓଡ଼ିଶାରେ ଉପଭୋକ୍ତା ଅନୁକୂଳ ତଥା ସୁରକ୍ଷିତ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିବ କମ୍ପାନୀ ଏହି ଲୋକ ଅଦାଲତ ଶିବିର ମାଧ୍ୟମରେ ଉପଭୋକ୍ତା କୈନ୍ଦ୍ରିକ ସେବା ସାଙ୍ଗକୁ ଆଇନଗତ ବିଦ୍ୟୁତ ବ୍ୟବହାରର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି ।

# ଯୌତୁକ ଜନିତ ହତ୍ୟା ମାମଲା : ସ୍ୱାମୀ ଓ ଶାଶୁ-ଶଶୁର ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର, (ସବ୍ୟୁ): ଏକ ଜୌତୁକ ଜନିତ ହତ୍ୟା ମାମଲାର ବିଚାରଣ କରି ବ୍ରହ୍ମପୁର ଏଡିଜେ-୨ ଆୟୁଷମାନ ମହାନ୍ତ ଗୋଟିଏ ପରିବାରର ତିନି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଜଣ ଅଭିଯୁକ୍ତ ହେଲେ ମୃତ ମହିଳାଙ୍କ ସ୍ୱାମୀ ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ କ୍ରିଷ୍ଣାପୋଟା ସାହିର କାଳୁଚରଣ ସେଠୀ, ଶ୍ୱଶୂର ଶୁବା ସେଠୀ(୬୦) ଓ ଶାଶୂ ସୁନା ସେଠୀ(୫୦) । କାଳୁଚରଣଙ୍କୁ ୭ ବର୍ଷ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୫ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିର୍ଦ୍ଦେଶ ଦେଇଛନ୍ତ । ସେହିପରି ଶୁବା ଓ ତାଙ୍କ ସ୍ତ୍ରୀ ସୁନା ସେଠୀଙ୍କୁ ଜଜ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୧୫ ହଜାର ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୩ ମାସ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ପ୍ରକାଶଯେ, ୨୦୧୭ରେ ବଡବଜାର ଥାନା ଅନ୍ତର୍ଗତ ବଡରେଡିକା ମେଦିରି ସାହିର ଉଷାରାଣୀ ସେଠୀ(୨୮) କ୍ରିଷ୍ଣାପେଟା ସାହିର କାଳୁଚରଣଙ୍କୁ ବିବାହ କରିଥିଲେ । ବିବାହ ସମୟରେ ଉଷାରାଣୀଙ୍କ ପରିବାର ଲୋକେ ଯୌତୁକ ବାବଦକୁ ୨ ଲକ୍ଷ ଟଙ୍କା ୧୫ ଭରି ସୁନା ଅଳଙ୍କାର ଓ ଘରକରଣା ଦେଇଥିଲେ । ହେଲେ ବିବାହାର କିଛି ମାସ ପରେ ଉଷାରାଣୀଙ୍କ ଶାଶୂଘର ଲୋକ ଅଧିକ ୫ ଲକ୍ଷ ଯୌତୁକ ଆଣିବାକୁ ଚାପ ପକାଉଥିଲେ । ଏପରିକି ଉଷାରାଣୀଙ୍କୁ ତାଙ୍କ ସ୍ୱାମୀ ଓ ଶାଶୂଘର ଲୋକ ନିର୍ଯାତନା ଦେଉଥିଲେ । ୨୦୧୭ ଜୁନ ୧୫ ତାରିଖରେ ଉଷାରାଣୀଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ତାଙ୍କ ଶାଶୂଘର ଲୋକେ ବାପ ଘରକୁ ଖବର ଦେଇଥିଲେ । ସେହି ସମୟରେ ଉଷାରାଣୀ ୨ ମାସ ଗର୍ଭବତୀ ଥିଲେ । ତେବେ ଯୌତୁକ ପାଇଁ ଉଷାରାଣୀଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଉଷାରାଣୀଙ୍କ ଭାଇ ସୁଦାମ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗପତ୍ରରେ ଉଷାରାଣୀଙ୍କ ସ୍ୱାମୀ, ଶାଶୂ ଓ ଶ୍ୱଶୂର ସମେତ ନଣଦ ଅଞ୍ଜଳି ସେଠୀ ଓ ନଣଦେଇ ସନ୍ତୋଷ ସେଠୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ପୋଲିସ ଘଟଣାର ତଦନ୍ତ କରି ସ୍ୱାମୀ, ଶାଶୂ ଓ ଶ୍ୱଶୂରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ହେଲେ ନଣଦ ଓ ନଣଦେଇ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିଲେ । କିଛି ଦିନପରେ ଅନ୍ୟମାନେ ଜାମିନ ପାଇ ମୁକୁଳିଥିଲେ । ମାମଲାର ବିଚାରଣ ବେଳେ ମୋଟ ୧୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ । ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ମଧୁସ୍ମିତା ସାହାଣୀ ଓ ଏପିପି ଇସମାଇଲ ମହମ୍ମଦ ମକଦ୍ଦମା ପରିଚାଳନା କରୁଥିଲେ ।

# ମୟୂରଭଞ୍ଜର ବ୍ଲକଓ୍ୱାରୀ ୨୬ ଶ୍ରେଷ୍ଠ ଚାଷୀଙ୍କୁ ବାବୁଲାଲ ଅଗ୍ରୱାଲା ସ୍ମୃତି ପୁରସ୍କାର

ବାରିପଦା, (ସବ୍ୟୁ) : ବେସରକାରୀ ଉଦ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ଅତିଥିମାନେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରଓ୍ୱାଲା ମେମୋରିଆଲ ଆଓ୍ୱାର୍ଡ ଫାଉଣ୍ଡେସନ ପକ୍ଷରୁ ଦିବଂଗତ ବାବୁଲାଲ ଅଗରଓ୍ୱାଲାଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ଆୟୋଜିତ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରଓ୍ୱାଲା ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ମତପୋଷଣ କରିଛନ୍ତି ।



ଏହି ଉତ୍ସବରେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ମୁଖ୍ୟବକ୍ତା, ସମ୍ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବିଶେଷ ଅତିଥି ଏବଂ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥିଭାବେ କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ସମ୍ଭବ ନଥିବାରୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହେବା ପାଇଁ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରଓ୍ୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ସଂଯୋଜକ ରାସେଶ୍ୱର ସାହୁ ସ୍ୱାଗତ ଅଭିଭାଷଣ ଏବଂ ବାରିପଦା କୃଷି ଜିଲା ଅଧିକାରୀ ଜ୍ଞାନବଲ୍ଲଭ ଦାସ ସମ୍ବର୍ଦ୍ଧିତ ବ୍ଲକଓ୍ୱାରୀ ଚାଷୀମାନେ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଚୟନ କରାଯାଇଥାଏ ବୋଲି ଉଲ୍ଲେଖ କରିଥିଲେ ।

ଏହି ଉତ୍ସବରେ ଜିଲାର ୨୬ ବ୍ଲକଓ୍ୱାରି ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ସିଂଗରାୟ ସୋରେନ (ବାରିପଦା), ଗଣେଶ୍ୱର ନାଏକ (ବଡସାହି), ରମେଶ ଟୁଡୁ (ବେତନଟୀ), ବୃନ୍ଦାବତୀ ବେହେରା (ବାଙ୍ଗିରିପୋଷି), ବାସୁଦେବ ସାହୁ (ମୋରଡା), ଶରତ କୁମାର ନାଏକ (ରାସଗୋବିନ୍ଦପୁର), ଯୋଗେଶ୍ୱର ସିଂ (ସାରସକଣା), ଜଗନ୍ନାଥ ନାଏକ (ଶୁଳିଆପଦା), ଦୀନେଶ କୁମାର ନାଏକ (ଶାମାଖୁଣ୍ଟା), ଗଣେଶ କୁମାର ମହାନାୟକ (କୁଳିଅଣା), ଭବାନୀ ଶଙ୍କର ଲେଙ୍କା (ଖୁଣ୍ଟା), ଦେବାଶିଷ ନାୟକ (ଗୋପବନ୍ଧୁ ନଗର), କଳ୍ପଲତା ହାତୀ (ଉଦଳା), ମୀନତି ଦାସ (କପ୍ତିପଦା), ଭବେନ୍ଦ୍ର ମହାନ୍ତ (ବିଶୋଇ), ଦିଗମ୍ବର କୁମ୍ଭକାର (ରାଇରଙ୍ଗପୁର), ବେଙ୍ଗଲୀ ହେମ୍ବ୍ରମ (ବିଜାତୋଳା), ବିରାମ ମାଝୀ (ବହଳଦା), ମାଟା ଗାଗରାଇ (ତିରିଙ୍ଗ), ସାଉନା ଚରଣ ଟୁଡୁ (ଜାମଦା), ରୁଦ୍ରପ୍ରସନ୍ନ ମହାନ୍ତ (କୁସୁମୀ), ଭାସ୍କର ଚନ୍ଦ୍ର ମହାନ୍ତ (ଯଶିପୁର), ବିଶିକେଶନ ମହାନ୍ତ (କରଞ୍ଜିଆ), ଯୋଗେଶ୍ୱର ମହାନ୍ତ (ଠାକୁରମୁଣ୍ଡା), ସଞ୍ଜୟ ତିରିଆ (ରରୁଆଁ) ଏବଂ ପଦ୍ମଲୋଚନ ଗିରି (ଶୁକୃଳୀ) ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ । କୃତି ଶିକ୍ଷକ ଡ. ଶଶଧର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ ଓ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରଓ୍ୱାଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଧାୟକଙ୍କ ଦରମା ବୃଦ୍ଧି ଅନୈତିକ ଓ ଅସଙ୍ଗତ: ସିପିଏମ




ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶାରେ ବିଧାୟକମାନଙ୍କ ଦରମା ବୃଦ୍ଧି ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ପ୍ରତି ଉପହାସ । ରକ୍ଷକ ଭକ୍ଷକ ନୀତି ଗ୍ରହଣ ସଦୃଶ । ତେଣୁ ଏହାକୁ ଅତିଶୀଘ୍ର ପ୍ରତ୍ୟାହାର ପାଇଁ ସିପିଏମ ପକ୍ଷରୁ ଦାବୀ କରାଯାଇଛି । ବିଧାୟକ ମାନଙ୍କ ଦରମା ଏକ ଲକ୍ଷ ଏଗାର ହଜାରରୁ ୩ ଲକ୍ଷ ୪୫ ହଜାରକୁ ବୃଦ୍ଧି କରାଯାଇଛି । ଯାହାକି ସାରା ଦେଶରେ ସର୍ବାଧିକ । ଏହା ଋଣ କୃତ୍ୱା ଘୃତମ ପିବେତ ସଦୃଶ୍ୟ । ବିଜେପି ସରକାରକୁ ଆସିବା ବେଳକୁ ରାଜ୍ୟର ଋଣଭାର ୯୬୩୧୦କୋଟି ଟଙ୍କା ଥିଲା । ମାର୍ଚ୍ଚ ମାସ ସୁଦ୍ଧା ଋଣ ୧୩୪୯୧୪ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଉଛି । ଅନ୍ୟ ଦିଗରେ ରାଜ୍ୟରେ ଖାଇବାକୁ ନପାଇ ଲୋକେ ଆମ୍ବ ଟାକୁଆ ଖାଇ ମୃତ୍ୟୁ ବରଣ କରୁଛନ୍ତି ।

ଆମ୍ବୁଲାନ୍ସ ବଦଳରେ ରୋଗୀ ଦୋଳାରେ ବୁହା ହେଉଛନ୍ତି । ହଜାର ହଜାର ଶିକ୍ଷକ ଓ ଡାକ୍ତର ପଦୀ ଖାଲି ପଡିଛି । ନୂଆ ନିଯୁକ୍ତି ନାହିଁ । ହଜାର ହଜାର ବୃଦ୍ଧ ଅସହାୟ ଭତ୍ତା ଅପେକ୍ଷାରେ । ଏହି ପରିପ୍ରେକ୍ଷୀରେ ନିଜ ଦରମା ୩ ଗୁଣ ବୃଦ୍ଧି କେବଳ ଅନୈତିକ ନୁହେଁ ଅଯୁକ୍ତିକର । ତେଣୁ ଅତିଶୀଘ୍ର ଏହି ଦରମା ବୃଦ୍ଧି ପ୍ରତ୍ୟାହାର କରିବା ପାଇଁ ଦାବୀ କରାଯାଇଛି । ଆଜି ଏହି ଦରମା ବୃଦ୍ଧି ବିରୋଧରେ ଏକ ପ୍ରତିବାଦ ସଭା କମାପଲି ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ଗୋକୁଳ ତ୍ରିପାଠୀ, ରାଜରାଓ, ଚିଟିବାବୁ, କେଶବ ଗୌଡ଼ଝ, ଲୋକନାଥ ଖୁଣ୍ଟିଆ, ମୋହନ ରାଓ, ବାପିନ ନାୟକ ଓ ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ମହିଳାଙ୍କୁ ବଳାତ୍କାର ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ଜଜ ରୋହିତଲାଲ ପଣ୍ଡା ବୁଧବାର ଏକ ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ପ୍ରମାଣ ମିଳିନଥିବାରୁ ଜଜ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ଯୁବକ ଜଣଙ୍କ ହେଲେ ସୁକୁଣ୍ଡାର ଟୁକୁନା ଦାସ(୩୨) ।


ପ୍ରକାଶ ଯେ, ସଦର ଥାନା ଅଞ୍ଚଳର ଜନୈକା ମହିଳା ଶ୍ରମିକ ଭାବେ କାମ କରୁଥିଲେ । ଉକ୍ତ ମହିଳାଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଯୁବକ ଜଣଙ୍କ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ । ୨୦୨୨ ନଭେମ୍ବର ମାସରେ ଉକ୍ତ ଯୁବକ ଜଣଙ୍କ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲା । ହେଲେ ସେ ମନା କରିଦେଇଥିଲେ । ପରେ ଯୁବକ ଜଣଙ୍କ ମହିଳାଙ୍କୁ ଏକ ଛୁରୀ ଦେଖାଇ ଜୀବନରେ ମାରିଦେବକୁ ଧମକ ଦେଇଥିଲେ । ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୫୨୬/୨୨ ରେ ଏଜେ ମାମଲା ରୁଜୁ କରି ତଦନ୍ତ ପରେ ଟୁକୁନା ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ । ମାମଲାର ବିଚାରଣା ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ବେହେରା ଓ ପଓ୍ୱନ କୁମାର ମକଦ୍ଦମା ପରିଚାଳନା କରିଥିଲେ ।

# ଟାଟା ପାୱାରର ଛଟେଇ ନୀତି ବିରୋଧରେ ଦାବିପତ୍ର

ଭଞ୍ଜନଗର, (ସବ୍ୟୁ): ଟିପିଏସ ଓ ଡ଼ିଏଲର ମନମାନି ଅଭିଯୋଗ କରି ଗଞ୍ଜାମ ଓ କନ୍ଧମାଳ ଏବଂ ବୌଦ ଜିଲାର ମିଟର ରିଡର ମାନେ ଏକାଠି ହୋଇ ବିଦ୍ୟୁତ ଅଧିକ୍ଷଣ ଯନ୍ତ୍ରୀ ଇଂ ଅଭିଜିତ ପାଣ୍ଡୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ବିନା କାରଣରେ ମିଟର ରିଡର ମାନଙ୍କ ଉପରେ ଦାଉ ସାଧୁଛି ଟିପିଏସଓଡ଼ିଏଲ । ମନଇଚ୍ଛା ଯେତେବେଳେ ଯାହାକୁ ଚାହିଁବ କାର୍ଯ୍ୟରୁ ଛଟେଇ ଦେଉଥିବା ଅଭିଯୋଗ ହୋଇଛି । ଏକ ମାସ ପୂର୍ବେ ଅରକ୍ଷିତ ପରିଛା ନାମକ ଜଣେ ଯୁବକଙ୍କୁ ଛଟେଇ ଦେଇଥିବାରୁ ରିଡର ମାନେ ଏକାଠି ହୋଇ କାର୍ଯ୍ୟକୁ ସମୂହ ବନ୍ଦକରିବା ସହ ପୁନଃ ନିଯୁକ୍ତି ପାଇଁ ଦାବି କରିଛନ୍ତି । ପୂର୍ବରୁ ବିଭିନ୍ନ ସମୟରେ ନିରୀହ ରିଡର କର୍ମଚାରୀଙ୍କୁ ବିନା କାରଣରେ ଛଟେଇ ଅଭିଯୋଗ ହୋଇଛି । ଭଞ୍ଜନଗର ବ୍ୟତୀତ ଦକ୍ଷିଣାଞ୍ଚଳର ଆଠଗୋଟି ଜିଲ୍ଲାର ମିଟର ରିଡର ମାନେ ନିଜ ନିଜ କାର୍ଯ୍ୟ ବନ୍ଦ କରି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ବାରିପଦା, (ସବ୍ୟୁ) : ସ୍ଥାନୀୟ ସାମ୍ବାଦିକ ଭକ୍ତି ରଞ୍ଜନ ପଣ୍ଡାଙ୍କ ବାପା ରାମଚନ୍ଦ୍ର ପଣ୍ଡା(୭୧)ଙ୍କର ନିଜ ବାସଭବନରେ ବୁଧବାର ପରଲୋକ ଘଟିଛି । ସେ ଓଡିଶା ଉଠା ଜଳସେଚନ କୋର୍ପରେସନରେ ଚାକିରୀ କରିଥିବା ବେଳେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ । ଜଣେ ଦକ୍ଷ ସଂଗଠକ, ଧର୍ମ ପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗ ଖବର ପାଇ ସମ୍ପର୍କୀୟ ଓ ବାରିପଦାର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୃତ୍ୟୁ ବେଳକୁ ପାଖରେ ପନୀ ମୀରା, ପୁଅ ଦିପ୍ତି, ଭକ୍ତି, ଝିଅ ଶୁଭସ୍ମିତା, ଜ୍ୱାଇଁ ବିଷ୍ଣୁ ନାରାୟଣ, ନାତି ତନିଶ ନାରାୟଣ ଉପସ୍ଥିତ ଥିଲେ । ବାରୁଣୀ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ଦିପୁ ମୁଖାଗ୍ନି ଦେଇଛନ୍ତି ।



# ୧୮ ଓ ୧୯ରେ ନବମ ଏଲିଟ୍ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସର ମାନଙ୍କ ଚୟନ ଚଳିତ ମାସ ୧୮ ଓ ୧୯ ଦୁଇ ଦିନ ହେବାକୁ ଥିବା ନବମ ଏଲିଟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲା ବକ୍ସିଂ ପୁରୁଷ ଓ ମହିଳା ବକ୍ସିଂ ଦଳ ଗଠନ କରାଯିବ । ୧୯୮୫ ଜାନୁଆରୀ ଏକ ତାରିଖ ଠାରୁ ୨୦୦୬ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ଯେଉଁ ବକ୍ସର ଜନ୍ମ ହୋଇଥିବେ ସେମାନେ ଯୋଗ ଦେଇ ପାରିବେ । ଚଳିତ ମାସ ୧୨ ତାରିଖ ସକାଳ ୭ ଘଣ୍ଟା ଠାରୁ ୯ ଘଣ୍ଟା ସମୟ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ ଠାରେ ଚୟନ ହେବ । ଏହି ଚୟନ ଶିବିରରେ ଯୋଗ ଦେବାକୁ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନ୍ ର ବକ୍ସର ମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧାର କାର୍ଡ, ୩ଟି ପାସ ଫୋଟୋ ୩ଟି ସହ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନର ବକ୍ସିଂ ସମ୍ପାଦକ କେ ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଉତ୍ତର ଆଞ୍ଚଳିକ ଏଆଇ ହ୍ୟାକାଥନ୍

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଉତ୍ତର ଆଞ୍ଚଳିକ ଏଆଇ ହ୍ୟାକାଥନ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଓ.ଏସ୍.ଏ (ଦ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍), ଓଡ଼ିଶା ଏଆଇ, ଆଇଇଇଇ ୫ଜି/୬ଜି ଇନୋଭେସନ ଟେଷ୍ଟ୍ବେଡ୍ ଓ ଆଇଇଇ କମ୍ୟୁନିକେସନ ସୋସାଇଟିର ପୃଷ୍ଠପୋଷକତାରେ ହେଉଥିବା ଏହି ହାକାଥନର ପୁରସ୍କାର ବିତରଣ ସମାରୋହରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ବିଜେତା ଦଳ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ଶତପଥୀ ଉତ୍ତର ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ । ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ତ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ନିଶ୍ଚୟ ସହାୟକ ହେବ ବୋଲି କହିଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ହାକାଥନର ଚେୟାର ତଥା ନିଷ୍ଟ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ସୁକାନ୍ତ କୁମାର ମହାପାତ୍ର, ସିମ୍ପୋଜିୟମ୍ କୋ-ଚେୟାର ତଥା ଆମେରିକା ସ୍ଥିତ ସାଉଥ୍ ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟ ର ପ୍ରଫେସର ପ୍ରଶାନ୍ତ ମହାପାତ୍ର, ସିମ୍ପୋଜିୟମ୍ କୋ-ଚେୟାର ତଥା ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଅଶ୍ୱିନୀ କୁମାର ନନ୍ଦ ଓ ଅପେରେସନାଲ୍ ଚେୟାର ତଥା ଆମେରିକାସ୍ଥିତ ଜନ୍ସ୍ ହପକିନ୍ସ ବିଶ୍ୱବିଦ୍ୟାଳୟ ପ୍ରଫେସର ଆଶୁତୋଷ ଦତ୍ତାଙ୍କ ଦଗଦର୍ଶନ ପାଇଁ ଏବଂ ସର୍ବୋପରି କାର୍ଯ୍ୟକ୍ରମ ଓ ପୁରସ୍କାର ରାଶିକୁ ଆଇ.ଇ.ଇ.ଇ ୫ଜି/୬ଜି ଇନୋଭେସନ ଟେଷ୍ଟ୍ବେଡ୍ ଓ ଆଇ.ଇ.ଇ.ଇ କମ୍ୟୁନିକେସନ ସୋସାଇଟି ପ୍ରାୟୋଜକତା କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗର ମୁଖ୍ୟ ପ୍ରଫେସର ଏମ୍. ହିମବିନ୍ଦୁ ଯୋଗଦେଇଥିଲେ । ହାକାଥନରେ ସମୁଦାୟ ୧୨ଟି ଟିମ୍ର ୩୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ପ୍ରୋଟୋଟାଇପ୍ ଡେମୋ ଦେଖାଇଥିଲେ । ବିଚାରକ ମଣ୍ଡଳୀ ଭାବେ ଭୁବନେଶ୍ୱର ନାଇଜରର ସହଯୋଗୀ ପ୍ରଫେସର ଡ. ଶୁଭଙ୍କର ମିଶ୍ର, ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ସହକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ଓ କୋଲକାତାର ଆର୍ସ୍କ୍ୟୁଏର୍ରିସ୍କ୍ୟାବ୍ର ଟିମ୍ ଲିଡର ରତନଲାଲ୍ ମହନ୍ତ ଯୋଗଦେଇଥିଲେ । ପ୍ରଥମ ପୁରସ୍କାର ରୂପେ ୧୨,୦୦୦ ରାଶି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଶିବପ୍ରସାଦ ପୃଷ୍ଟି, ସୁଚିସ୍ମିତା ଦାଶ, ସନ୍ଦୀପ କୁମାର ମହାନ୍ତ ଓ ସୁଧାଂଶୁ ସେଠୀଙ୍କୁ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ପୁରସ୍କାର ରୂପେ ୮,୦୦୦ ରାଶି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଚନ୍ଦ୍ରଶେଖର ବେହେରାଙ୍କୁ ଓ ତୃତୀୟ ପୁରସ୍କାର ଭାବେ ୫,୦୦୦ ରାଶି ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ ସରାଙ୍ଗର ଶୁଭମ କୁମାର ଜେନା, ଅଭିଷେକ ଟିପିରିଆ, ବିବେକ ସାମଲ ଓ ଦିପୁନା ସାହୁଙ୍କୁ ପ୍ରଦାନ କରାଯାଇଥିଲା । ଏହି ତିନୋଟି ଟିମ୍ ଭୁବନେଶ୍ୱର ସୋଆରେ ଆଗାମୀ ୧୮ ଡିସେମ୍ବରରେ ହେବାକୁ ଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ୍ର ଫାଇନାଲ୍ ହାକାଥନରେ ଭାଗନେବେ । ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ନୋଡାଲ୍ ସଂଯୋଜକ ତଥା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ ପରିଚାଳନା କରିଥିଲେ ଓ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଜ୍ୟୋତିକିଶୋର ମହାନ୍ତ ଓ ସତ୍ୟବାନ ଦାସ ପ୍ରମୁଖ ସହଯୋଗ କରିଥିଲେ ।



# ରବି ଚାଷ ପାଇଁ ମେଗାଲିଫ୍ଟ କେନାଲରୁ ଜଳସେଚନ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋକସରା,(ସବ୍ୟୁ): ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଆସନ୍ତା ରବି ଚାଷ ପାଇଁ ଉଠା ଜଳସେଚନ ପ୍ରକଳ୍ପ (ମେଗାଲିଫ୍ଟ କେନାଲ) ରୁ ବିଭାଗୀୟ ସୂତ୍ରରୁ ଡି.ଏମ ୧୫ ପର୍ଯ୍ୟନ୍ତ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ନେଇ ସୂଚନା ମିଳିଛି। ତେବେ ଡି.ଏମ ୧୭ ପର୍ଯ୍ୟନ୍ତ ଜଳସେଚନ ସମ୍ପ୍ରସାରିତ କରିବାକୁ ଦଣ୍ଡପାଟ ଅଞ୍ଚଳର ଚାଷୀଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

୨୦୨୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ସହ ଲୋକାର୍ପଣ କରିଥିବା ବେଳେ ଏହି ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇଁ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ଚାଷୀକୁଳ ଉପକୃତ ସହ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟିଛି। ତେବେ ମେଗାଲିଫ୍ଟ କେନାଲରୁ ରବି ଚାଷ ପାଇଁ ୨୧/୨୨ରେ ଜଳସେଚନ ସୁବିଧା କିଛି ମାତ୍ରାରେ ଚାଷୀଙ୍କୁ ଜଳସେଚନ ସୁବିଧା ଉପଲବ୍ଧ ହୋଇଥିଲା। ତେବେ ଚଳିତ ବର୍ଷ ଉଠା ଜଳସେଚନ ବିଭାଗ ଏହାକୁ ପକ୍ଷରୁ ଚାଷିଙ୍କୁ ଆଗୁଆ ସୂଚନା ଦିଆ ଯାଇନଥିବା ବେଳେ ରବି ଚାଷରେ ଜଳସେଚନ ନେଇ ଦ୍ୱନ୍ଦରେ ରହିଛନ୍ତି ଚାଷୀ । ଏନେଇ ବିଜେପିର ଏକ ପ୍ରତିନିଧି ଦଳ ବିଜେପି ରାଜ୍ୟ ଉପ ସଭାପତି ଭବେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଜେପି ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ରାଧେଶ୍ୟାମ ଗୋପାଳ, ଅମିନ ରଣା, ପ୍ରିୟବ୍ରତ ପଣ୍ଡା, ଟଙ୍କଧର ଧରୁଆ, ଅଖିଳ ଚନ୍ଦ୍ର ଗୋପାଳ, ଗଣେଶରାମ ରଣା, ଯଦୁମଣି ରଣା ସମେତ ଦଣ୍ଡପାଟ ଅଞ୍ଚଳର ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କୁ ସାକ୍ଷାତ କରି ରବି ଚାଷ ପାଇଁ ଜଳସେଚନ ସୁବିଧା ଡି ଏମ ୧୭ ପର୍ଯ୍ୟନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି।

ଏନେଇ ଉଠା ଜଳସେଚନ ବିଭାଗ କୁସୁମଖୁଣ୍ଟି ଡିଭିଜନର ନିର୍ବାହୀ ଯନ୍ତ୍ରୀ ପ୍ରଣୟ ପ୍ରଧାନଙ୍କ ପ୍ରତିକ୍ରିୟା ନେବାରୁ ଚଳିତ ବର୍ଷ ରବି ଚାଷ ପାଇଁ ଡି ଏମ ୧୫ ପର୍ଯ୍ୟନ୍ତ ଜଳସେଚନ ଯୋଗାଇ ଦିଆଯିବା ନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି।

# ଆଇଟିଆଇ ଛାତ୍ର ହତ୍ୟା ଘଟଣା, ପ୍ରେମିକା ସାଜିଲା ବଇରୀ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ଗୁଜାଟଳ ଅଞ୍ଚଳର ଆଇଟିଆଇ ଛାତ୍ର ଅଭୟ କୁମାର ଦାସ ହତ୍ୟା ମାମଲାର ପର୍ଦାଫାଶ ହୋଇଛି । ଏହି ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ତାଙ୍କ ୧୭ବର୍ଷିୟା ନାବାଳିକା ପ୍ରେମିକା ରହିଛି । ଏଥିସହ ସୋନପୁର ଜିଲ୍ଲା ବିନିକା ଗ୍ରାମର ଆଶୁତୋଷ ମିଶ୍ରଙ୍କୁ ପୋଲିସ ଗିରଫ କରିଛି । ଅନ୍ୟ ଜଣେ ଅଭିଯୁକ୍ତ ଷ୍ଟେସନପଡାର ସୋନୁ ବିଭାର ଫେରାର ଥିବା ଜଣାପଡିଛି । ତଦନ୍ତ ବେଳେ ତ୍ରିକୋଣୀୟ ପ୍ରେମ ହତ୍ୟାର କାରଣ ବୋଲି ପୋଲିସ ଜାଣିବାକୁ ପାଇଛି । ଅଭୟ ଓ ନାବାଳିକା ପ୍ରେମିକାଙ୍କ ମଧ୍ୟରେ ପ୍ରଥମେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଦୁହେଁ ଦୁହିଁକୁ ବେଶ ଭଲ ପାଉଥିଲେ । ବିବାହ ହେବାକୁ ମଧ୍ୟ ମନସ୍ଥ କରିଥିଲେ । ଉଭୟଙ୍କ ମଧ୍ୟରେ ୨ବର୍ଷ ହେବ ସମ୍ପର୍କ ରହିଥିଲା । ପରବର୍ତ୍ତୀ ସମୟରେ ଏହି ନାବାଳିକା ଜଣକ ଆଶୁତୋଷଙ୍କ ସମ୍ପର୍କରେ ଆସିଥିଲେ । ନାବାଳିକା ଜଣକ ପ୍ରଥମ ପ୍ରେମିକ ଅଭୟକୁ ଉପେକ୍ଷା କରିବା ସହ ଭୁଲି ଯିବାକୁ କହିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଯୁକ୍ତିତର୍କ ହୋଇଥିଲା । ସେମାନଙ୍କ ଅନ୍ତରଙ୍ଗ ମୂହୁର୍ତ୍ତର କିଛି ଫଟୋ ଓ ଭିଡିଓକୁ ନେଇ ପ୍ରଥମ ପ୍ରେମିକ ବ୍ଲାକମେଲ୍ କରୁଥିଲା । ତେଣୁ ଆଶୁତୋଷ ଓ ନାବାଳିକା ଜଣକ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ । ଏଥିପାଇଁ ସେମାନେ ସୋନୁର ସହାୟତା ନେଇଥିଲେ।

ଏହି ହତ୍ୟାକାଣ୍ଡ ପୂର୍ବରୁ ଯୋଜନା ମୁତାବକ ନାବାଳିକା ପ୍ରେମିକା ଗତ ୮ତାରିଖରେ ପ୍ରେମିକ ଅଭୟକୁ ଫୋନ କରିଥିଲା । ପ୍ରେମିକାର ଫୋନ ପାଇବା ପରେ ପ୍ରେମିକ ଜଣକ ନିଜ ସ୍କୁଟି ନେଇ ଅପରାହ୍ନ ପ୍ରାୟ ସାଢେ ୪ଟାରେ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ ନିକଟକୁ ଭେଟିବାକୁ ଆସିଥିଲା । ପ୍ରେମିକାକୁ ଦେଖା କରିବା ପରେ ପାହାଡ ଉପରେ କିଛି ସମୟ ସେମାନେ କଥାବାର୍ତ୍ତା ହୋଇଥିଲେ। ନିଶା ମିଶା ଥଣ୍ଡା ପାନୀୟ ପିଇବା ପରେ ସେ ଚେତାଶୂନ୍ୟ ହୋଇ ପଡିଥିଲେ । ଏହାପରେ ଅଭିଯୁକ୍ତ ନାବାଳିକା, ୨ୟ ପ୍ରେମିକ ଆଶୁତୋଷ ଓ ସୋନୁ ଛୁରୀ ସାହାର୍ଯ୍ୟରେ ବାରମ୍ବାର ଆକ୍ରମଣ କରିଥିଲେ । ଛାତି, ହାତ, ବେକ ଓ ମୁଣ୍ଡରେ ବାରମ୍ବାର ଆକ୍ରମଣ କରିବାରୁ ପ୍ରେମିକ ଅଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଅନ୍ୟପଟେ ପରିବାର ଲୋକେ ନପାଇ ବହୁ ଖୋଜିଖୋଜି କରିଥିଲେ । ତେବେ ଗତ ୯ ତାରିଖ ସକାଳେ ତାଙ୍କ ସ୍କୁଟି ଗାଡି ନମ୍ବର( ଓଡି୧୫କ୍ୟୁ-୪୮୯୨)କୁ ପାହାଡ ପାଦଦେଶରେ ଦେଖିବାକୁ ମିଳିଥିଲା । କିଛି ଦୂରରେ ତାଙ୍କ ଚପଲ ଓ ପାହାଡ ଉପରେ ରକ୍ତ ଜୁଡୁବୁଡୁ ତାଙ୍କ ମୃତଦେହ ପଡିଥିଲା । ଖବର ପାଇ କ୍ଷେତରାଜପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ଜରିଆରେ ତଦନ୍ତ ଆରମ୍ଭ କରିଥିଲା । ଏନେଇ ପୋଲିସ ୩୨୨/୨୫ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ ହୋଇଥିଲା । ଏହି ଟିମ୍ ମୋବାଇଲ ଯାଞ୍ଚ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତଦନ୍ତ କରିଥିଲା । ତଦନ୍ତ ବେଳେ ଏହା ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ ଓ ପ୍ରେମିକା ବଇରୀ ସାଜିଥିବା ସ୍ପଷ୍ଟ ହୋଇଥିଲା । ଏହି ଘଟଣାର ବ୍ୟବହୃତ ଛୁରୀ, ଅପରେସନ୍ ବ୍ଲେଡ ଆଦିକୁ ପୋଲିସ ଜବତ କରିଛି । ଅନ୍ୟପଟେ ଗିରଫ ଅଭିଯୁକ୍ତ ଜଣକ ନର୍ସିଂ ଛାତ୍ର ବୋଲି ଜଣାପଡିଛି ।

# ଧନୁପାଲି ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ରଶ୍ମୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବା ସହ ପିତାମାତାଙ୍କୁ ଭକ୍ତି ପ୍ରଦର୍ଶନ କରିବାକୁ ଉପଦେଶ ଦେଇଥିଲେ । ଏଥିସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିଶୁ ବର୍ଗ ବାଳକରେ ଟିଙ୍କେଶ ନାୟକ, ବାଳିକା ବିଭାଗରେ ଶ୍ରାବଣୀ କୁମ୍ଭାର, ୧୪ବର୍ଷ କମ୍ ବିଭାଗରେ ଡି. ଶୀର୍ଷକ ତତ୍ତ୍ୱଦର୍ଶୀ, ଉଭଣୀରେ ଈଶ୍ୱରୀ ମହାନନ୍ଦ, ୧୭ବର୍ଷରୁ କମ୍ ବର୍ଗରେ ରଞ୍ଜନ ଗନିକ ଓ ଉଭଣୀରେ ଅନ୍ୱେଷା ପୁରୋହିତ ସଂକୁଳ ସ୍ତରକୁ ଉନ୍ନିତ ହୋଇଛନ୍ତି । କ୍ରୀଡା ଶିକ୍ଷକ ସଞ୍ଜୟ ବାଗ ବାର୍ଷିକ ବିବରଣୀ ପଠନ ଓ ପ୍ରଧାନ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ଓ ପରିଚାଳନା କମିଟି କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

# ଆରପାରିରେ ସାମାଜିକ କର୍ମୀ ସିଦ୍ଧାର୍ଥ ସରକାର



ଝାରସୁଗୁଡ଼ା,(ସବ୍ୟୁ): ବିଜେଡି ଦଳର ସକ୍ରିୟ ସଦସ୍ୟ, କଳା ଓ ସଂସ୍କୃତି ପ୍ରେମୀ ତଥା ଜଣାଶୁଣା ସାମାଜିକ କର୍ମୀ ସିଦ୍ଧାର୍ଥ (ବାବୁନ)ସରକାର(୫୮)ଙ୍କ ହୃଦଘାତ ଯୋଗୁଁ ପରଲୋକ ହୋଇଛି । ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ସବୁବେଳେ ନେତୃତ୍ୱ ନେଉଥିଲେ । ଜଣେ ସଂସ୍କୃତିପ୍ରେମୀ, ଧର୍ମପ୍ରାଣ, ମାନବବାଦୀ, ନିର୍ଭିକ ଓ ନୀତିନିଷ୍ଠ ମଣିଷ ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବାବୁନ ସରକାର । ସରକାରଙ୍କ ପରଲୋକରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ବିଧାୟିକା ଦୀପାଳି ଦାସ, ଝାରସୁଗୁଡା ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ( ରାଜୁ) , ଯୁବନେତା ଦୁର୍ଗେଶ ମହାନ୍ତି, ସହକର୍ମୀ ପିଣ୍ଟୁ ପାଢ଼ୀଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି ଗୁରୁବାର ବୁରୋମାଲ ଶ୍ମଶାନରେ ସରକାରଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ଓ ବନ୍ଧୁ ପରିଜନଙ୍କ ସୂତ୍ରରୁ ଜଣାପଡ଼ିଛି ।

# ମହିଳା ମହାବିଦ୍ୟାଳୟରେ ଜାତୀୟ ସମ୍ମାନ ଉଦ୍‌ଯାପିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଓ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଯୋଗରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱରେ ସଭା ହୋଇଥିଲା । ବୌଦ୍ଧିକ ସମ୍ପତ୍ତି ଅଧିକାର ଓ ମାନବିକ ଅଧିକାର ଶୀର୍ଷକ ସମ୍ମାନରେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ଆବାହକ ଡ. ପ୍ରଶାନ୍ତ ପ୍ରଧାନ, ସହ ଆବାହକ ଡ. ଭାରତୀ ମିଶ୍ର ଓ ଉପଦେଷ୍ଟା ରବିନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ଏହାର ଉଦ୍ଦେଶ୍ୟ, ଆବଶ୍ୟକତା, ନିୟମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରସ୍ତାବନା ଏବଂ ଆଇନ ଓ ଯୁବ ସଚେତତନା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୋଟ ୧୦୬ଟି ସମ୍ମାନ ପତ୍ର ଛାତ୍ରଛାତ୍ରୀ ମାନେ ପାଠ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ପ୍ରଫେସର ପ୍ରୟାସ ଡନସେନା, ଲଜପତ୍ ରାୟ ଆଇନ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାଶଙ୍କର ଦାଶ, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ. ଦେବାଶିଷ ପତି, ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦିଲ୍ଲୀର ଡ. ଶ୍ୟାମାପ୍ରସାଦ ରାଉତ ଆଦି ଆଲୋଚକ ଭାବେ ଯୋଗ ଦେଇ ବୌଦ୍ଧିକ ସମ୍ପତ୍ତି ଅଧିକାର, ମାନବିକ ଅଧିକାର, ଆଦିବାସୀ ଓ ଦଳିତ ଅଧିକାର, ନାରୀ ଅଧିକାର, ମିଳିତ ଜାତିସଂଘର ମାନବିକ ଅଧିକାର ଘୋଷଣାନାମା ଆଦି ବିଷୟରେ ଆଲୋଚନା କରିଥିଲେ । ପ୍ରତ୍ୟେକ ଆଲୋଚନା ପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ହୋଇଥିଲା ।

# ରେଙ୍ଗାଲିରେ ପାରମ୍ପାରିକ ଦେଶୀ ବିହନ ମେଳା ବିଭିନ୍ନ ପ୍ରକାର ବିହନ ପ୍ରଦର୍ଶିତ



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ହାଟପଦା ଠାରେ ଏଫ୍‌ଇଏସ, ଭୁବନେଶ୍ୱର, କୃଷି ବିଭାଗ ଓ ଓ୍ୱାଇସିଡିଏର ମିଳିତ ଉଦ୍ୟମରେ ପାରମ୍ପାରିକ ଦେଶୀ ବିହନ ମେଳା ବୁଧବାର ଅନୁଷ୍ଠିତ ହୋଇଥିଲା। ଏଫ୍ ଇଏସ ମାଷ୍ଟର ଟ୍ରେନର ଡ: ଅଭୟ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ କୁମାର ସେଠୀ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଓ ଏଲଏମ ବି ପି ଏମ ପଙ୍କଜିନୀ ତରାଶିଆ, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦିନବନ୍ଧୁ ବେହେରା, ବନପାଳ ସୁଧୀର ଜେନା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ସରପଞ୍ଚ ଉମାକାନ୍ତ ମେହେର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ର ଧାନ, ମୁଗ, ଝୋଡଙ୍ଗ, କୋଳଥ, ସାରୁ, ପନିପରିବା, କ୍ଷୁଦ୍ର ଶସ୍ୟ ବିହନ ପ୍ରଦର୍ଶିତ ହୋଇଥିଲା। ଅତିଥି ମାନେ ପାରମ୍ପରିକ ଦେଶୀ ବିହନ ର ସଂରକ୍ଷଣ, ସୁରକ୍ଷା ସହିତ ଚାଷୀ ମାନେ ନିଜ ନିଜ ମଧରେ ଦିଆ ନିଆ ହେଲେ ଦେଶୀ ବିହନ ର ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ସେହିପରି ପ୍ରାକୃତିକ କୃଷି ସହିତ ଦେଶୀ ବିହନ ର ସମ୍ପର୍କ ଥିବାରୁ ଏହା ଚାଷ କଲେ ପରିବେଶ ସୁରକ୍ଷା ସହିତ ଲୋକେ ବିଷ ମୁକ୍ତ ଖାଦ୍ୟ ଖାଇ ନିରୋଗ ରହିପାରିବେ ବୋଲି କହିଥିଲେ। ଏହି ଅବସରରେ ଚାଷୀ ବୈରାଗୀ ପୁଞ୍ଜି, ଦିଗମ୍ବର ମେହେର, ଧରମ ସିଂ ଧରୁଆ, ରୋହିତ ପୁଟେଲ, ଅଙ୍କୁର ବରିହା, ଭଗତ ଧରୁଆଙ୍କୁ ଦେଶୀ ବିହନ ସଂରକ୍ଷଣ ଓ ଜୈବିକ କୃଷି ପାଇଁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉମାକାନ୍ତ ପଧାନ, କାଳିଆ ସାହୁ, ଶୋଭନ ମୟ ଦାସ,ସଦାନନ୍ଦ ବାଗ, ବାସନ୍ତୀ ମୁଣ୍ଡା, ଭୋଜ ରାଜ୍ ବରିହା ପ୍ରମୁଖ ଚାଷୀ, କୃଷି ମିତ୍ର, ସିଆରପି ଉପସ୍ଥିତ ଥିବା ବେଳେ ଓ୍ୱାଇସିଡିଏ ତଥା ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକଙ୍କ ବାପା ଶିକ୍ଷାବିତ୍ ନାରାୟଣଙ୍କ ପରଲୋକ



କଲମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ସହରର ଜଣେ ସୁପରିଚିତ,ଜ୍ଞାନୀଗୁଣୀ, ମେଳାପୀ, ମିଷ୍ଟଭାଷୀ ନିଷ୍କପଟ ହୃଦୟର ବ୍ୟକ୍ତି ନାରାୟଣ ପ୍ରସାଦ ବେହେରାଙ୍କ (୮୨)ପରଲୋକ ହୋଇଯାଇଛି । ସେ ସ୍ଥାନୀୟ ଅଞ୍ଚଳରେ ତାଙ୍କ ଅମାୟିକ ବ୍ୟବହାର ପାଇଁ ବେଶ ପରିଚିତ ଥିଲେ । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବେହେରା ଆଜ୍ଞା ଜଣେ ଦକ୍ଷ ଖେଳ ପ୍ରଶିକ୍ଷକ ସାଙ୍ଗକୁ ଅନ୍ତଃରାଜ୍ୟ ଫୁଟବଲ ଖେଳର ପରିଚାଳନା କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଏଥି ସହ ଜୟପାଟଣା ସତ୍ୟସାଇ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ହେବା ସାଙ୍ଗକୁ ଦୀର୍ଘ ଦିନ ଧରି ଆବାହକ ଦାୟିତ୍ୱ ନିର୍ବାହ କରିଥିଲେ। ସହଶିକ୍ଷା ନିରୀକ୍ଷକ କାର୍ଯ୍ୟ ସମ୍ପାଦନ କରି ସେବା ନିବୃତ୍ତ ହେବା ସହ ଅନେକ ଜନହିତକର କାର୍ଯ୍ୟମାନଙ୍କରେ ତାଙ୍କର ଅବଦାନ ରହିଥିଲା । ବହୁଦିନ ଧରି ତାଙ୍କର ଦେହ ଅସୁସ୍ଥତା ଥିଲେ ମଧ ନିଜର ଦୃଢ଼ ମନୋବଳ ଯୋଗୁ ମୃତ୍ୟୁ ସହିତ ଲଢେଇ କରି ଆସୁଥିବାବେଳେ ଜୀବନର ଶେଷ ଯୁଦ୍ଧରେ ୮୨ବର୍ଷ ବୟସ ବୁଧବାର (୯.୧୨.୨୦୨୫) ପ୍ରାତଃ ଘ ୩.୫୦ମିନଟ ସମୟରେ ସମସ୍ତ ଆପଣାରଙ୍କୁ ପର କରି ଇହଧାମ ତ୍ୟାଗ କଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ବସନ୍ତ ମଞ୍ଜରୀ ବେହେରା, ପୁଅ, ବୋହୁ, ନାତି,ନାତୁଣୀ ଉପସ୍ଥିତ ଥିଲେ। ତିନି ପୁଅ ପ୍ରୀୟ ରଞ୍ଜନ, ପ୍ରାଣରଞ୍ଜନ ଓ ଚିତ୍ତରଞ୍ଜନ ବାପାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପାଦନ କରିଥିବାବେଳେ ବଡପୁଅ ପ୍ରୀୟ ରଞ୍ଜନ ମୁଖାଗ୍ନି ଦେଇଥିଲେ । ଶବାଧାରରେ ବହୁ ସଂଖ୍ୟାରେ ବନ୍ଧୁ ପରିଜନ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଝାରସୁଗୁଡ଼ା,(ସବ୍ୟୁ): ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତ ଜଣକ ହେଲେ ଝାରସୁଗୁଡା ବାଗଡ଼ିହି ଫରେଷ୍ଟ ରେଞ୍ଜି ଜି ପାନପାଲି ପଞ୍ଚାୟତ ପିତାମାଲ ଗ୍ରାମର ହୀରା ବୁଡା (୬୦) । ସୂଚନା ମତେ ପିତାମାଲ ଜଙ୍ଗଲ ରେ ହାତୀ ରହୁଥିବା ଯୋଗୁଁ ସନ୍ଧ୍ୟା ପରେ ଜଙ୍ଗଲକୁ ନ ଯିବା ପାଇଁ ପିତାମାଲ ଗ୍ରାମବାସୀ ଗାଁ ଲୋକଙ୍କୁ ସତର୍କ କରିଥିଲେ । ହେଲେ ମୃତ ବୁଡା ଗତକାଲି ଅପରାହ୍ନରେ ଏକ ଟାଙ୍ଗିଆ ଧରି ପିତାମାଲ ଜଙ୍ଗଲକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରିନ ଥିବାରୁ ଗାଁ ଲୋକେ ଜଙ୍ଗଲକୁ ଯାଇ ଖୋଜାଖୋଜି କରି ମୃତ ବୁଡାଙ୍କ ମୃତଦେହ ଦେଖି ପୁଲିସକୁ ସୂଚନା ଦେଇଥିଲେ । ପ୍ରାଥମିକ ତଦନ୍ତ ପରେ ଦନ୍ତା ହାତୀ ମୃତ ବୁଡାଙ୍କୁ ଦଳି ଦେଇଥିବା ଜଣା ପଡିଛି । ବୁଡାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

# ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବଙ୍କ ଗୋଲାମୁଣ୍ଡା ବ୍ଲକ ଗସ୍ତ

ଗୋଲାମୁଣ୍ଡା,(ସବ୍ୟୁ): ବୁଧବାର ଦିନିକିଆ ଗୋଲାମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ, ପି.ଆର ଏବଂ ଡି.ଡବ୍ଲୁ. ବିଭାଗର ଯୁଗ୍ମ ସଚିବ ଗାୟତ୍ରୀ ଦତ୍ତ ନାୟକ । ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଗ୍ରା.ପ ସ୍ଥିତ ସହୀଦ ବିଜେନ୍ଦ୍ର ନାଥ ରାଉତ ଗ୍ରାମୀଣ ପାର୍କ କାର୍ଯ୍ୟର ସମୀକ୍ଷା କରିଥିଲେ । ସୂଚନା ମତେ ବୃନ୍ଦାବାହାଲ ଛକ ଠାରେ ଦୀର୍ଘ ଦିନ ଧରି ସହୀଦ ସ୍ମୃତି ପୀଠ ଅବ୍ୟବସ୍ଥା ଘେରରେ ରହି ଆସିଥିଲା । ଏନେଇ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ ଯୋଗୁଁ ମନରେଗା ଯୋଜନାରେ ଉକ୍ତ ସହୀଦ ସ୍ମୃତି ପୀଠକୁ ସହୀଦ ବିଜେନ୍ଦ୍ର ନାଥ ଗ୍ରାମୀଣ ଉଦ୍ୟାନ ନାମରେ ନାମିତ କରି ୨୦ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦେଇଥିଲେ । ଏହି ଅର୍ଥ ଅନୁମୋଦନ ପରେ ସହୀଦ ବିଜେନ୍ଦ୍ର ନାଥ ଗ୍ରାମୀଣ ପାର୍କର କମିଟି ବୃନ୍ଦଙ୍କ ସହଯୋଗରେ ବର୍ତ୍ତମାନ ଏକ ଭବ୍ୟ ଗ୍ରାମୀଣ ଉଦ୍ୟାନ ସାଙ୍ଗକୁ ସୁସଜ୍ଜିତ ଆଲୋକି କରଣ ଓ ଖେଳ ସାମଗ୍ରୀ ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ପଥ ଚାରୀଙ୍କ ପାଇଁ ସେଲ୍ଫି ପଏଣ୍ଟ ,କ୍ରୀଡା ସାମଗ୍ରୀ,ବଗିଚା,ଅତ୍ୟଧିକ ସୌନ୍ଦର୍ଯ୍ୟକରଣ ସମସ୍ତଙ୍କୁ ବିଭୋର କରୁଛି । ସହୀଦଙ୍କ ପ୍ରତି ତ୍ୱରିତ୍ୱ ପଦକ୍ଷେପ ଓ ସୁସମ୍ମାନ ସତରେ ଏହା ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ଯୁଗ୍ମ ସଚିବ କାର୍ଯ୍ୟର ସମୀକ୍ଷା କରିବା ପାଇଁ ଆସିଥିଲେ । ଉକ୍ତ ଉନ୍ନୟନ କାର୍ଯ୍ୟ ଦେଖିବା ପରେ ବିଭାଗୀୟ ଅଧିକାରୀଙ୍କୁ ପ୍ରସଂଶା କରିଥିଲେ । ଏହି ଗସ୍ତ ସମୟରେ ସୁରେନ୍ଦ୍ର ନାଥ ଏ.ଇ,ଅଜୟ କୁମାର ବାଇ ବିଶେଷଜ୍ଞ ଇଲେକ୍ଟ୍ରୋନିକ୍ ପାଣ୍ଠି ପରିଚାଳନା ପ୍ରଣାଳୀ,ପାର୍ବତୀ ପଟ୍ଟନାୟକ ମନରେଗା ସଂଯୋଜିକା,ଅମୀୟ କୁମାର ଦାସ ପ୍ରକଳ୍ପ ପରିଚାଳକ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ,ଧର୍ମଗଡ଼ ବିଡ଼ିଓ ସଦାଶିବ ନାୟକ,ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ ,ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁରା ମହାନନ୍ଦ , ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ,ସହକାରୀ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନା, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ପଟ୍ଟନାୟକ,ମହେଶ ନାୟକ,ନିକୁଞ୍ଜ ନାଏକ,ଏପିଓ କ୍ଷେତ୍ର ମୋହନ ମାଝୀ, ବୃନ୍ଦାବାହାଲ ସମିତି ସଭ୍ୟ ଗୋରେଖ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କିତ କର୍ମଶାଳା



ବଲାଙ୍ଗିର,(ସବ୍ୟୁ): ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସଂପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ବଲାଙ୍ଗିର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଜିନ୍ଦାବାଦ ସଂଗଠନ, ବଲାଙ୍ଗିର ପକ୍ଷରୁ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରଫେସର ପ୍ରଦିପ୍ତ କୁମାର ବେହେରା ଉପକୁଳପତି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ବଲାଙ୍ଗିର ପ୍ରଦୀପ ପ୍ରଜ୍ୱଳନ କରି ମହାତ୍ମା ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଶାଳାକୁ ଉଦ୍ଘାଟନ କରିଥିଲେ । ଜିନ୍ଦାବାଦ ସଂଗଠନର ସଭାପତି ଗଙ୍ଗାଧର ମାଝି ସଭାପତିତ୍ୱ କରିଥିବା ବେଳେ ଆଇନଜୀବୀ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି କର୍ମଶାଳାକୁ ସଂଯୋଜନା କରିଥିଲେ । ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ବନ୍ଧରେ ସମ୍ମାନୀତ ଅତିଥି ଡ. ରାଜେଶ କୁମାର କର୍ଣ୍ଣ ରାଜନୀତି ବିଜ୍ଞାନ ବିଭାଗ ସରକାରୀ ମହିଳା ବିଦ୍ୟାଳୟ ବଲାଙ୍ଗିର, ଡ. ଅରବିନ୍ଦ କୁମାର ଓଝା ଅଧକ୍ଷ ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିର, ସାମାଜିକ କର୍ମୀ ବାଳକୃଷ୍ଣ ଷାଣ୍ଡ, ନାରୀ ନେତ୍ରୀ ପାଂଚାଳି ପଧାନ, ବରିଷ୍ଠ ସାମ୍ବାଦିକ ଆନନ୍ଦ କୁମାର ସାହୁ, ବିରେନ୍ଦ୍ର କୁମାର ଝାଙ୍କର, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ଆବାହକ ସତ୍ୟ ବନଛୋର, କଙ୍କଡା ଯୋର ବୁଡି ଅଂଚଳ ସହାୟତା ସମିତିର ସଭାପତି ପ୍ରତାପ ବାଗ, ମଧୁ ଶବର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଭାରତୀୟ ସମ୍ବିଧାନର ମୌଳିକ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଗଲା ଏବଂ ମାନବିକ ଅଧିକାର ସୁରକ୍ଷା ଆଇନ ୧୯୯୩ ବିଷୟରେ ଆଲୋଚନା କରାଗଲା । ଆଗାମୀ ଦିନରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ମାନବ ଅଧିକାରର ସୁରକ୍ଷା ପାଇଁ କାମ କରିବାକୁ ନିଷ୍ପତ୍ତି ନିଆଗଲା । ବିସ୍ଥାପିତ, ଆଦିବାସୀ, ଦଳିତ ପଛୁଆ ବର୍ଗ, ଗରିବ, ଶ୍ରମିକ, ଚାଷୀ, ଶିଶୁ ମହିଳାମାନଙ୍କର ମାନବ ଅଧିକାର ପାଇଁ ନ୍ୟାୟିକ ଲଢେଇ ଲଢିବା ପାଇଁ ନିଷ୍ପତ୍ତି ନିଆଗଲା । ଘରେ ଘରେ ସମ୍ବିଧାନର ବାର୍ତ୍ତା ପହଂଚାଇବା କୁ ସ୍ଥିର କରାଗଲା । ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଜଳ, ଜମି, ଜଙ୍ଗଲ, ଜନ୍ତୁ, ଜନ ଉପରେ କାମ କରିବା ପାଇଁ ସ୍ଥିର କରାଗଲା । ଆସନ୍ତା ଜାନୁୟାରୀ ୧ ତାରିଖ ୨୦୨୬ ଜିନ୍ଦାବାଦ ସଂଗଠନର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା କରାଯାଇ ମହାମହିମ ରାଷ୍ଟ୍ରପତି ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ଜିନ୍ଦାବାଦ ସଂଗଠନର କାର୍ଯ୍ୟକର୍ତ୍ତ ଶୁକ୍ଳ ଶବର, କ୍ଷୀର ସିନ୍ଧୁ ମାଝି, ମିଳନ ପୁଞ୍ଜି, କର୍ମକର୍ତ୍ତା ଟଚକର ମାଝି, ଦୁର୍ଯ୍ୟୋଧନ ମାଝି, ଡମ୍ବରୁ ଭରାଶଗରିଆ, ଲୋଚନ ବରିହା, ଫଟୋ ଭୋଇ, ଫଗୁନୁ ଶବର ପ୍ରମୁଖ ସହଯୋଗ କରିଥିଲେ । ସମ୍ବାଦିକ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଗୋପୀନାଥ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଜାତି, ବର୍ଣ୍ଣ,ଲିଙ୍ଗ, ଭାଷା ଓ ଧର୍ମ ନିର୍ବିଶେଷରେ ସମାଜରେ ସମସ୍ତଙ୍କର ସମାନ ଅଧିକାର ରହିଅଛି ଓ ଏଥିରେ କୌଣସି ପାର୍ଥକ୍ୟ ବା ଭେଦଭାବ ନାହିଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାରେ ସତ୍ୟ ନାରାୟଣ ନାୟକ, ଅକ୍ଷୟ କୁମାର ମିଶ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଭୂଷଣ କୁମାର ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେଛଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚମରା ମହାକୁର,ବଳରାମ କାଣ୍ଡ, ଜୀତେନ୍ଦ୍ର ପଧାନ,ଅକ୍ରୁର ଦନ୍ତା, ସୌମିତ୍ରୀ ମେହେର,ଶ୍ୟାମ ସୁନ୍ଦର ସେଠୀ, ସନ୍ତୋଷ ଷଡ଼ଙ୍ଗୀ, ତ୍ରିନାଥ ମିଶ୍ର, ନାରାୟଣ ପ୍ରସାଦ ନାୟକ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ବୁଧବାର ଅପରାହ୍ନରେ ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା । ଏଥିରେ କର୍ତ୍ତା ରୂପେ ଆୟୋଜକ କମିଟି ଉପସଭାପତି ରମାରଞ୍ଜନ ପାତ୍ର ଓ ତାଙ୍କ ଧର୍ମପତ୍ନୀ ବିଶାଖା ପାତ୍ର ତଥା ପୂଜକ ରୂପେ କାଶୀନାଥ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ପୂର୍ବରୁ ସ୍ଥାନୀୟ ରାଧାକୃଷ୍ଣ ଓ ଶିବ ମନ୍ଦିରରୁ ମହିଳା ସଙ୍କୀର୍ତ୍ତନ୍ୟ ଦଳ ସହ ଶୋଭାଯାତ୍ରା ଧନୁଯାତ୍ରା ପଡିଆରେ ପହଞ୍ଚି ବିଧିପୂର୍ବକ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଆଗାମୀ ୧୭ତାରିଖରୁ ସପ୍ତମ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇ ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାର ସ୍ବତନ୍ତ୍ର କାର୍ଯ୍ୟକ୍ରମ ତଥା କଂସବଧ ନାଟକ ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ଜଣାପଡିଛି। ଶୁଭସ୍ତମ୍ଭ ସ୍ଥାପନ ବେଳେ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତରୁଣ ପୋଢ଼,ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁରଙ୍କ ସହ ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ଭରତ ଦାସ,କୁନ୍ତ ପୋଢ଼,ବିକି ମହାରଣା,ବାବୁଲାଲ କେତକୀ, ଗିରିଧାରୀ ସାହୁ,ସୁଧାଂଶୁ ପୋଢ଼, ପଦ୍ମଲୋଚନ ସାହୁ,କରନ ଜାଲ,ବାବୁଲି ରାଉତ,ଉଦିତ କଟା,ଶିବା ରାଉତ,ରୋହନ ଜାଲ,ଯୋଗେନ୍ଦ୍ର ଥାଟି,ନରେନ୍ଦ୍ର ମାଝୀ ଓ ଧ୍ରୁବ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

### ସମାକୁପା ଅଞ୍ଚଳରେ ବାଘ ଆତଙ୍କ

# ସନ୍ଧ୍ୟା ହେଲେ ଗାଁ ଶୂନଶାନ, ଆତଙ୍କିତ ଗ୍ରାମବାସୀ

କନ୍ଧମାଳ, (ସବ୍ୟୁ): ବୌଦ୍ଧ ବନଖଣ୍ଡ କନ୍ଧମାଳ ରେଞ୍ଜ ର ନାରାୟଣପ୍ରସାଦ ସେକ୍ସନ ଅନ୍ତର୍ଗତ ସମାକୁପା ଅଞ୍ଚଳରେ ବାଘ ଆତଙ୍କ, ବାଘ ଭୟରେ ଭୟବିତ ଗ୍ରାମବାସୀ । ଗାଈକୁ ମାରି ଖାଇଛି ବାଘ । ଜଙ୍ଗଲ ରେ ଦେଖିବାକୁ ମିଳିଛି ବାଘର ପାଦଚିହ୍ନ ସହ ମଳ । ଯାହାକୁ ଦେଖି ଏବେ ସ୍ଥାନୀୟ ଲୋକେ ଭୟରେ ଆତଙ୍କିତ । ସନ୍ଧ୍ୟା ହେଲେ ଗାଁରେ ପଡୁଛି ତାଟି କବାଟ । ବାଘ ଭୟରେ ସନ୍ଧ୍ୟାହେଲେ ଘରୁ ବାହାରୁ ନାହାନ୍ତି ଲୋକ । ସୂଚନାମୁତାବକ ଗତ ଦୁଇରୁ ତିନିଦିନ ହେଲା ସମାକୁପା ଅଞ୍ଚଳରେ ଏକ ବାଘର ପାଦ ଚିହ୍ନ ଗ୍ରାମବାସୀ ଦେଖିବାକୁ ପାଇଛନ୍ତି ।

ପ୍ରତିଦିନ ଗାଁ ରୁ ଜଙ୍ଗଲ କୁ ଯାଇଥିବା ଗାଈଗୋରୁ ମଧ୍ୟରୁ ଗାଈ ଛେଳି ହଜିଥିବା ଦେଖିବାକୁ ପାଇଥିଲେ ଗ୍ରାମବାସୀ । ଏହା ଦେଖି ଗ୍ରାମବାସୀ ଜଙ୍ଗଲକୁ ଗାଈଗୋରୁ ଖୋଜିବା ପାଇଁ ବାହାରିଥିଲେ । ଆଉ ଜଙ୍ଗଲକୁ ଯାଇ ଗ୍ରାମବାସୀ ଯାହା ଦେଖି ଥିଲେ ତାଙ୍କର ବି ହୋସ ଉଡିଯାଇଥିଲା । ଗ୍ରାମବାସୀ ଓ ଗାଈ ଜଗୁଆଳଙ୍କ ସନ୍ଦେହ ସତ ହୋଇଥିଲା । ସେହିପରି ଗାଁରୁ ଛେଳି ମଧ ଖାଇଥିବା ଗ୍ରାମବାସୀ କହିଛନ୍ତି । ଜଙ୍ଗଲରେ ଗୋରୁଗାଈଙ୍କ ମୃତ ଦେହ ଅବଶେଷ ଦେଖିବା ସହ ବାଘ ପାଦଚିହ୍ନ ଓ ମଳ ପଡ଼ିଥିବା ମଧ ଦେଖିବାକୁ ପାଇଛନ୍ତି । ଯାହାକୁ ଦେଖି ଅଂଚଳରେ ଭୟର ବାତାବରଣ ରହିଥିବା ବେଳେ ବାଘକୁ ଅଞ୍ଚଳରୁ ଘୋଉଡ଼ାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏହି ବାଘଟି



କଲରାପତାରିଆ ବାଘ ହୋଇଥିବା ଜଙ୍ଗଲ ବିଭାଗ ଅନୁମାନ କରିଛି । ବନ ବିଭାଗ କର୍ମଚାରୀ ଗାଁରେ ପହଞ୍ଚି ଲୋକଙ୍କୁ ଜଙ୍ଗଲ ଭିତରକୁ ଯିବା ପାଇଁ ମନା କରିବା ସହ ଗୃହପାଳିତ ପଶୁ ଜଙ୍ଗଲକୁ ନ ଛାଡିବାକୁ କହିଛନ୍ତି । ତେବେ ବାଘ ଥିବା କଥାକୁ ସ୍ୱୀକାର କରିବା ସହ ଘଟଣା ସ୍ଥଳରେ ପହଂଚି ବାଘର ପାଦ ଚିହ୍ନ ନିରୀକ୍ଷଣ କରିବା ସହ ଗତିବିଧି ଦେଖୁଛନ୍ତି । ତେବେ ଗାଁରେ ବାଘ ଭୟ ଥିବାରୁ ବନବିଭାଗ ଗାଁ ଲୋକଙ୍କୁ ସଚେତନ କରିଛନ୍ତି । କନ୍ଧମାଳ ବନାଞ୍ଚଳ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ବାଘର ଗତି ବିଧିକୁ ଲକ୍ଷ୍ୟ କରାଯାଉଛି ଓ ଟ୍ରାପ କ୍ୟାମେରା ଲଗାଯିବା ସହିତ ଲୋକଙ୍କୁ ଜଙ୍ଗଲ କୁ ନ ଯିବାକୁ ମନା କରାଯାଉଛି ବୋଲି କହିଥିଲେ।

# ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ କଳାହାଣ୍ଡି ପକ୍ଷରୁ ସହିଦ ରେଣ୍ଡୋ ମାଝୀ ସହିଦ ଦିବସ ପାଳିତ

ଭବାନୀପାଟଣା, (ସବ୍ୟୁ): ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ, କଳାହାଣ୍ଡି ତରଫରୁ ୧୭୦ ତମ ସହିଦ ରେଣ୍ଡୋ ମାଝୀ ସହିଦ ଦିବସ ଜିଲ୍ଲା ସଭାପତି ସୁରେଶ ମାଝୀଙ୍କ ନେତୃତ୍ୱରେ ଭବାନୀପାଟଣା ଜେନାଖାଲ ପଡାରୁ ଏକ ବିରାଟ ରେଲିରେ ବାଜା ଓ ଆଦିବାସୀ ପାରମ୍ପାରିକ ଅସ୍ତ୍ରଶସ୍ତ୍ରଧରି ଭବାନୀପାଟଣା ଜେଲ ଛକ ଠାରେ ପହଞ୍ଚିଥିଲା । ସେଠାରେ ଥିବା ସହିଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତିରେ ଦୀପ ଓ ପୁଷ୍ପମାଲ୍ୟ ଦେଇ ପୂଜା ଅର୍ଚ୍ଚନା ହେବା ସହ ବସଷ୍ଟାଣ୍ଡ ପାଖ ରେଣ୍ଡୋ ମାଝୀଙ୍କ ସ୍ମୃତି ସ୍ଥଳରେ ମଧ ପୂଜା ଅର୍ଚ୍ଚନା କରାଯାଇଥିଲା। ରେଲି ଘୋଡାଘାଟ ଛକରୁ କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟ ପାଖରେ ଥିବା ଡ. ଆମ୍ବେଦକର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା ଜିଲ୍ଲା ସଭାପତି ସୁରେଶ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ରୁପେ ଆଦିବାସୀ ନେତ୍ରୀ କଳ୍ପନା କହଁର, ମୁଖ୍ୟବକ୍ତା କୁଇ ସମାଜର ନେତା କନ୍ଧମାଳ ପ୍ରଦୀପ କୁମାର କହଁର, ସମ୍ମାନୀୟ ଅତିଥି ରୁପେ ସଂଘର ଉପଦେଷ୍ଟା ଡମ୍ବରୁଧର ମାଝୀ, ଆଦିଷ୍କନ୍ଦ ସମାଜର ଜିଲ୍ଲା ସଭାପତି ସୁରେଶ ଭୋଇ, ଏ.ଓ.ଏସ୍.ସି.ଏଫ୍. ମହାସଚିବ ତଥା କାର୍ଯ୍ୟକାରୀ ସଭାପତି ଏମ୍.ବି.ଏମ୍.ଏମ୍. ଯତିନ୍ଦ୍ର କର, କଳାହାଣ୍ଡି ସ୍ୱାଭିମାନ ସୁରକ୍ଷା ମଞ୍ଚ ଆବାହକ ସୁରେଶ ରାଓ, ସଂଘର ସାଧାରଣ ସଂପାଦକ ସୁକଦେବ ମାଝୀ, ଉପଦେଷ୍ଟା ରୂପକେଶରୀ ଦଳେଇ, ପରଜା ସଭାପତି ନବରଙ୍ଗପୁର ଭଗବାନ ଜାନୀ, କନ୍ଧମାଳ ଜିଲ୍ଲାର ଆଦିବାସୀ ନେତା ଦୟାନିଧି ମଲ୍ଲିକ, ପୂର୍ବତନ ପୋଲିସ ଅଧିକାରୀ ଡମ୍ବ ପରଜା, କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକ ସଭାପତି ଗଣ ଜୁନାଗଡ ସୁପ୍ରସନ୍ନ ଭୋଇ, ଜୟପାଟଣା ଲିଙ୍ଗରାଜ ମାଝୀ, କଲମପୁର ଧନସାଏ ମାଝୀ, ଗୋଲାମୁଣ୍ଡା କୈଳାସ ଭୋଇ, କୋକସରା ମନିରାମ ଶବର, ଥୁଆମୂଳ ରାମପୁର ବଳଭଦ୍ର ଜାନୀ, ଧର୍ମଗଡ ପ୍ରେମଚାନ୍ଦ ମାଝୀ, ଭବାନୀପାଟଣା ଜଳନ୍ଧର ଜାନୀ, କେସିଙ୍ଗା ଦ୍ରୋଣ ମାଝୀ, କର୍ଲାମୁଣ୍ଡା ବବ୍ରୁବାହାନ ଭୋଇ, ନର୍ଲା ଇନ୍ଦ୍ରମଣୀ ଜାନୀ ଏବଂ ମଦନପୁର ରାମପୁର ଧନସିଂହ ମାଝୀ, ଲାଞ୍ଜିଗଡ ପୁରାଣ ମାଝୀ, ଭବାନୀପାଟଣା ନଗର ଭାଗ୍ୟବତୀ ମାଝୀ ତଥା ନାରୀନେତ୍ରୀ ସୁଶ୍ରୀ ରିନା ଭୋଇ, ନର୍ଲା ଏବଂ ମହେନ୍ଦ୍ର ଧଙ୍ଗଡାମାଝୀ ସାଧାରଣ ସଂପାଦକ ବି.ଏମ୍.ପି. କଳାହାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଓଡିଶା ମହାମହିମ୍ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ସଭାରେ ସହିଦ୍ ରେଣ୍ଡୋ ମାଝୀଙ୍କର ଜିଲ୍ଲା ମୁଖ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ ସହ ସହିଦ୍ ରେଣ୍ଡୋ ମାଝୀଙ୍କ ସହିତ ସହିଦ୍ ହୋଇଥିବା ସ୍ୱାଧିନତା ସଂଗ୍ରାମୀମାନଙ୍କୁ ଖୋଜି ସରକାରୀ ସ୍ୱୀକୃତି ଦେବା ପାଇଁ ଦାବୀ କରାଯାଇଥିଲା।



# ମାଲପଡା ନାଗରିକ କମିଟି ବୈଠକ

ବଲାଙ୍ଗିର,(ସବ୍ୟୁ): ମାଲପଡା ନାଗରିକ କମିଟି ର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ପଡାରେ ମୃତ୍ୟବରଣ କରିଥିବା ବ୍ୟକ୍ତିମାନଙ୍କ ପାଇଁ ସେମାନଙ୍କ ଆତ୍ମା ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିଜୁଳି ବିଭାଗ ଦ୍ୱାରା ଘନ ଘନ ଅଘୋଷିତ ବିଜୁଳି କାଟ ଦ୍ୱାରା ଜନ ସାଧାରଣଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ସହରରେ ବୁଲା କୁକୁର ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଉଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ତେଣୁ ପୌର ପାଳିକା ଏହି ବୁଲା କୁକୁର ପାଇଁ ବନ୍ଧ୍ୟା କରଣ କରାଯିବା ସହିତ ସେମାନଙ୍କୁ ସହର ବାହାରେ ରଖାଯିବା ପାଇଁ ପୌର ପାଳିକାର ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା । ପଡାର ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ଦାଶଙ୍କୁ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୱାର୍ଡର ୧୪ ଓ ୧୫ ରେ ଡ୍ରେନ ମାନଙ୍କରେ ମଶା ତେଲ ଓ ମଶା ଧୁଆଁ ଯାଉ ନ ଥିବାରୁ ମଶା ବଂଶ ବୃଦ୍ଧି ପାଉଛି ଓ ଲୋକମାନେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହାର ନିରାକରଣ ପାଇଁ ପୌର ପାଳିକା ଏଥିରେ ଶିଘ୍ର ପଦକ୍ଷେପ ନେବାକୁ ସଭ୍ୟମାନେ ମତ ପ୍ରକାଶ କରିଥିଲେ । ଏହି ଆଲୋଚନାରେ ସଂଘର ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, କୋଷାଧକ୍ଷ ଦିବାକର ହୋତା, ଆକୁଳ ବେହେରା, ଗଣେଶ ବେହେରା, ଦେବଜ୍ୟୋତି ଯୋଷୀ, ପ୍ରଦୀପ କୁମାର ନେପାକ, ଅଶୋକ କୁମାର ଚାନ୍ଦ, ବିମଲ କୁମାର ଚକ୍ରବର୍ତ୍ତି, ଦୟାସାଗର ବଗର୍ତ୍ତିକ ଓ ଛବିଲାଲ ବେହେରା ଆଦି ସଭ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଦୟାସାଗର ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଜବତ, ଜେଲ ଗଲେ ମହିଳା

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଡିଘାଟ ଗ୍ରାମର ବ୍ୟସ୍ତବହୁଳ ବଜାର ଛକରେ ବିଳାସ ସାହୁ(୫୪) ନାମକ ଜଣେ ମହିଳା ଚୋରା ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ଜେଲ୍ ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି।କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ତାଙ୍କ ପାଖରୁ ୧କେଜି ୮ଶହ ଗ୍ରାମର ଚୋରା ଗଞ୍ଜେଇ ଜବତ କରିଛି। ବ୍ଲକ ଅଞ୍ଚଳରେ ବ୍ୟାପକ ଚୋରା ଗଞ୍ଜେଇ ଚାଲାଣ ଓ ବିକ୍ରି ହେଉଥିବା ଅଭିଯୋଗ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ବୁଧବାର ପୂର୍ବାହ୍ନରେ ମିଳିତ ଭାବେ ଗୁଡିଘାଟ ଗ୍ରାମର ବଜାର ଛକର ଏକ ଦୋକାନରେ ଚଢ଼ାଉ କରିଥିଲା। ଜଣେ ବୟସ୍କ ମହିଳା ଚୋରା ଗଞ୍ଜେଇ ବିକ୍ରି କରୁଥିବା ଜାଣିବାକୁ ପାଇ ଗଞ୍ଜେଇ ଜବତ ସହ ତାଙ୍କୁ ଗିରଫ କରିଥିଲା। ତାଙ୍କୁ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ତଦନ୍ତ କରାଯାଇଥିଲା। ପୂର୍ବରୁ ମୁରିବାହାଲ ରେଲଷ୍ଟେସନ ଅଞ୍ଚଳରୁ ବ୍ୟାପକ ଗଞ୍ଜେଇ ଚାଲାଣ ବେଳେ ବିଭାଗ ପକ୍ଷରୁ ଜବତ କରାଯାଇଥିଲା।ଏହି ମିଳିତ ଚଢ଼ାଉରେ ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ଏଏସଆଇ ହିଙ୍ଗୁଳା ଦାସ,କନେଷ୍ଟବଳ ପ୍ରଫୁଲ୍ଲ କୁମାର ନାଗ,ରଞ୍ଜନ କୁମାର ମିଶ୍ର,ଚନ୍ଦନ ପଟେଲ ଓ ଆଶିଷ କୁମାର ପଟେଲଙ୍କ ସହ କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ଅବକାରୀ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ କେଶନ ୫୬/୨୫-୨୬ ରୁଜୁ କରାଯାଇ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି କଣ୍ଟାବାଞ୍ଜି ଅବକାରୀ ବିଭାଗ ଆଇଆଇସି ସଚିନ ବେହେରା ପ୍ରକାଶ କରିଛନ୍ତି।

# ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ଉଦ୍‌ଘାଟିତ



ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ଅଶୋକ ଖେଳ ପଡିଆ ଠାରେ ଟାଉନ କ୍ଲବ, ପଦ୍ମପୁର ଆୟୋଜିତ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଆଇଜି. ହିମାଂଶୁ କୁମାର ଲାଲ ଓ ବରଗଡ଼ ଏସପି ପ୍ରହଲ୍ଲାଦ ସାଇମିନା ଅତିଥି ଭାବରେ ଯୋଗ ଦେଇ ବିଧି ବଦ୍ଧ ଭାବରେ ପଞ୍ଚମ ଲୋକ ମହୋତ୍ସବର ସାଂସ୍କୃତିକ ପର୍ବକୁ ଉଦଘାଟନ କରିଛନ୍ତି। ତେବେ ଏ ଅଞ୍ଚଳ ହେଉଛି କଳା ଓ ସାଂସ୍କୃତିକ ର ଅଞ୍ଚଳ ଏଣୁ ଏହି ପରି ଆୟୋଜନ କଳାକାରଙ୍କ ବିକାଶ ଏବଂ ହଜି ଯାଉଥିବା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆୟୋଜିତ ହେବା ଉଚିତ ବୋଲି କହିଥିଲେ। କ୍ଲବର ସଭାପତି ପ୍ରିତେଶ କୁମାର ବହିଦାର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ମା ସାମଲେଶ୍ୱରୀ ଓ ବାବା ନୃସିଂହନାଥ ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ଜ୍ୱଳନ କରିଥିବା ବେଳେ ସ୍ଥାନୀୟ ଟଙ୍କିକିଆ ସଂଗୀତ ବିଦ୍ୟାଳୟର ଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ତେବେ ଆଜିର ପର୍ବରେ କଣ୍ଠଶିଳ୍ପୀ ପୁଷ୍ପରାଜ ସୁନା ଏବଂ ଅଞ୍ଚଳ ମହାବିଦ୍ୟାଳୟର ସଂଗୀତ ଦଳ ଲୋକ ଗୀତ ସହ ସାଂସ୍କୃତିକ ସନ୍ଧ୍ୟାର ଆରମ୍ଭ କରିଥିଲେ। ଗୁଜୁରାଟ ରୁ ଆସିଥିବା ବ୍ରହ୍ମହପୁରି ଦାଣ୍ଡିଆ ରାସ ସାଂସ୍କୃତିକ ଦଳ ନିଜର ମାନିୟାରୋ ରାସ ପ୍ରଦର୍ଶିତ କରିଥିବା ବେଳେ, ଓ ଏ ଭି ବନ୍ଧୁପାଲି ର ସାଂସ୍କୃତିକ ଦଳ ନିଜର ଲୋକ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ନଟରାଜ ନୃତ୍ୟ ଅନୁଷ୍ଠାନ କଟକର ନେପାଲି ଲୋକ ନୃତ୍ୟ, ସମ୍ବଲପୁର ପାଞ୍ଚଭାୟା ଅନୁଷ୍ଠାନର ଡାଲଖାଇ ନୃତ୍ୟ, ଟଙ୍କିକିଆ ସଙ୍ଗୀତ ବିଦ୍ୟାଳୟର ନୁଆଁଖାଇକୁ ନେଇ ନୃତ୍ୟ, ମୟୁରଭଞ୍ଜ ନୃତ୍ୟ ଅନୁଷ୍ଠାନର ଛଉ ପରି ସୁନ୍ଦର ନୃତ୍ୟ ପରିବେଶତ ହୋଇ ଥିବା ବେଳେ କଟକ ନଟରାଜ ନୃତ୍ୟ ଅନୁଷ୍ଠାନର ମାଛୁରା, ସମ୍ବଲପୁର ପାଞ୍ଚଭାୟ ଅନୁଷ୍ଠାନ ର ସିଙ୍ଗାରୀ ଏବଂ ଗୁଜୁରାଟ ଭାୟୋଲିନ ନୃତ୍ୟ ଅନୁଷ୍ଠାନ ର ଗର୍ବା ପ୍ରଦର୍ଶନ ସମସ୍ତଙ୍କୁ ବେଶ ମୁଗ୍ଧ କରିଥିଲା। ତେବେ କମିଟି ପକ୍ଷରୁ ଅବସର ପ୍ରାପ୍ତ ଅଧ୍ୟାପକ କେଶରଞ୍ଜନ ପଧାନ ଓ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ କାର୍ଯ୍ୟକ୍ରମ ସୁଭାରମ୍ଭ କରିଥିଲେ। ସେହିପରି ମନିଷ କୁମାର ରଥ, ପ୍ରାଚୀ ପାଣିଗ୍ରାହୀ ଉଦଘୋଷକ ଦାୟିତ୍ୱ ତୁଲାଇ ଥିଲେ। ମହୋତ୍ସବ କମିଟି ପକ୍ଷରୁ ବାଞ୍ଛାନିଧି ପଣ୍ଡାଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ପାଇଁ ସମ୍ମାନିତ କରାଯାଇଥିବା ବେଳେ ମହୋତ୍ସବ ପାଇଁ ହୋଇଥିବା ଏକକ ଅଭିନୟ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

### ବାଲି ଚୋରା ଚାଲାଣରେ ଜଡିତ ବାହନ ଚିହ୍ନଟ

# ପ୍ରଶାସନ ଜବତ କଲା ହାଇୱା ଟ୍ରକ୍ ଓ ଏକ୍ସକାଭେଟର

ପଦ୍ମପୁର,(ସବ୍ୟୁ): ପ୍ରାକୃତିକ ସମ୍ପଦର ସୁରକ୍ଷା, ବେଆଇନ ବାଲି ଚାଲାଣ ନିୟନ୍ତ୍ରଣ ଏବଂ ଖଣିଜ ନିୟମାବଳୀର ପୂର୍ଣ୍ଣ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ପଦ୍ମପୁର ଉପଖଣ୍ଡ ପ୍ରଶାସନ ଗତ ୯ ଡିସେମ୍ବର ରାତ୍ରିରେ ଏକ ବ୍ୟାପକ ଯୁକ୍ତ ଅଭିଯାନ ପରିଚାଳନା କରିଛି। ପଦ୍ମପୁର ଉପ ଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ତପସ୍ୱିନୀ କୁଦ୍ଦୁକା ଓ ମାମି ମହାନନ୍ଦ, ମାଇନିଂ ବିଭାଗର ଜୁନିୟର ମାଇନିଂ ଅଫିସରଙ୍କ ସହିତ ପଦ୍ମପୁର ଏବଂ ଜଗଦଲପୁର ପୋଲିସ ଏହି ଅଭିଯାନକୁ ସଫଳ କରିବାରେ ସକ୍ରିୟ ଭୂମିକା ନିଭାଇଛନ୍ତି। ଅଭିଯାନଟି ପଦ୍ମପୁରର ୪ଟି ଭିନ୍ନ ସ୍ଥାନକୁ ଲକ୍ଷ୍ୟ କରି ପରିଚାଳିତ ହୋଇଥିଲା। ଯେଉଁଠାରେ ବେଆଇନ ବାଲି ପରିବହନ ସମ୍ଭାବନା ବିଷୟରେ ପୂର୍ବ ସୂଚନା ମିଳିଥିଲା। ଯୁକ୍ତ ଦଳ ଦ୍ୱାରା ଯାଞ୍ଚ କାଳୀନ, ବାଲି ଚୋରା ଚାଲାଣ କାର୍ଯ୍ୟରେ ଜଡିତ ୩ଟି ହାଇଭା ଟ୍ରକ୍ ଏବଂ ୧ଟି ଏକ୍ସକାଭେଟରକୁ ଭଉଁରିଆ ଛକ, ସାନ କୁଞ୍ଜରି, ଲହଣ୍ଡିପୁରରେ ଚିହ୍ନଟ କରାଯାଇ ବୈଦ୍ଧ ପ୍ରକ୍ରିୟା ଅନୁସାରେ ଜବତ କରାଗଲା। ଉପ ଜିଲ୍ଲାପାଳ ସ୍ନେହା ଅରୁଗୁଲା କହିଛନ୍ତି ଯେ, ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ପ୍ରଶାସନ ସବୁବେଳେ ଶୂନ୍ୟ ସହିଷ୍ଣୁତା ନୀତି ଅନୁସରଣ କରିଛି ଏବଂ ବେଆଇନ ବାଲି ଚାଲାଣ କିମ୍ବା ଖଣିକାର୍ଯ୍ୟରେ ଜଡିତ କୌଣସି ବ୍ୟକ୍ତି ବା ବାହନକୁ କୌଣସି ପ୍ରକାର ଅବକାଶ ଦିଆଯିବ ନାହିଁ। ସେ ଆହୁରି କହିଛନ୍ତି ଯେ ସ୍ଥାନୀୟ ପୋଲିସ ଓ ମାଇନିଂ ବିଭାଗ ସହ ସମନ୍ୱୟ ରଖି ଏପରି ଅଭିଯାନ ନିୟମିତ ଭାବରେ ଚାଲୁ ରହିବ ଏବଂ ଅବୈଧ ବାଲି ଚକ୍ରକୁ ଦମନ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାପାଳ କୁଶାଲ ମୋତିରାମ ଚହ୍ୱାଣ ଜିଲ୍ଲାର ୬୧ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରିଛନ୍ତି । ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚହ୍ୱାଣ ଯୋଗଦେଇ ସାମ୍ବାଦିକଙ୍କୁ ସମାଜର ଜାଗ୍ରତ ପ୍ରହରୀ ବୋଲି ଅଭିହିତ କରିବା ସହ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିଲେ ହିଁ ସାମ୍ବାଦିକମାନେ ସମାଜ ପାଇଁ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ପାରିବେ କହିଥିଲେ । ଏହି ଯୋଜନା ସମସ୍ତ ସାମ୍ବାଦିକ ଓ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବେ ସମସ୍ତ ସାମ୍ବାଦିକ କାର୍ଯ୍ୟ କରୁଥିବା ଉଲ୍ଲେଖ କରି ଜିଲ୍ଲାର ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟର ଅଭାବ କିମ୍ବା ସାମାଜିକ ବିଷୟବସ୍ତୁ ଗୁଡ଼ିକୁ ନିର୍ଭୀକ ଭାବରେ ଲୋକଲୋଚନକୁ ଆଣିବାରେ ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ ବୋଲି ଜିଲ୍ଲାପାଳ ଚହ୍ୱାଣ କହିଛନ୍ତି ୯ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବରିୟାରସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

### ନେତ୍ରଭାନୁ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ


# ସ୍ମରଣିକା କମିଟିର ପ୍ରସ୍ତୁତି ବୈଠକ

ବଲାଙ୍ଗିର,(ସବ୍ୟୁ): ନେତ୍ରଭାନୁ ଉଚ୍ଚ ବିଦ୍ୟାଳୟ ଜରାସିଂହାର ହୀରକ ଜୟନ୍ତି ଆଗାମୀ ୨୦୨୬ ଜାନୁୟାରୀ ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ନିର୍ଦ୍ଧାରିତ ହୋଇଛି । ହୀରକ ଜୟନ୍ତୀ ପାଳନ କମିଟିର ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଜରାସିଂହାସ୍ଥ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସ୍ମରଣିକା କମିଟିର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ମଧୁସୁଦନ ନାୟକ, ଉମାଶଙ୍କର ସିଂହ ଓ ସୁଧାଂଶୁ ମେହେରଙ୍କୁ ସ୍ମରଣିକା ପ୍ରକାଶନ କ୍ଷେତ୍ରରେ ଅଗ୍ରଭୂମିକା ଗ୍ରହଣ କରିବାକୁ ଦାୟିତ୍ୱ ଅର୍ପଣ କରାଯାଇଛି । ଖୁବ୍ ଶିଘ୍ର ଏମାନେ ସଂପାଦନା ମଣ୍ଡଳି ଓ ସହଯୋଗୀ ମଣ୍ଡଳି ଗଠନ କରିବେ । ନେତ୍ରଭାନୁ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ଓ କରୁଥିବା ଛାତ୍ର ଛାତ୍ରୀ, ଶିକ୍ଷକ କରିଥିବା ଓ କରୁଥିବା ଶିକ୍ଷକ ଶିକ୍ଷୟତ୍ରୀ, ଅଣଶୈକ୍ଷିକ କର୍ମଚାରୀ ତଥା ବିଦ୍ୟାଳୟ ପ୍ରତି ଆନୁଗତ୍ୟ ରଖିଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ଚଳିତ ଡିସେମ୍ବର ୨୫ ତାରିଖ ସୁଦ୍ଧା ସ୍ମରଣିକା ରେ ପ୍ରକାଶନ ପାଇଁ ଲେଖା ଆହ୍ୱାନ କରାଯାଇଛି । ଲେଖା ଗୁଡିକ ନେତ୍ରଭାନୁ ଉଚ୍ଚ ବିଦ୍ୟାଳୟ ଉପରେ ଆଧାରିତ ହୋଇ ୫୦୦ ରୁ ୯୦୦ ଶବ୍ଦ ଭିତରେ ହେବ ବୋଲି ସୂଚନା ଦିଆଯାଇଛି ।

### ଦେବଗଡ ସିଭିଲ ଜଜ ସିନିଅର ଡିଭିଜନଙ୍କ ରାୟ

# ଜବରଦଖଲ ଉଚ୍ଛେଦ କଲା ପୋଲିସ

ଦେବଗଡ,(ସବ୍ୟୁ): ଦେବଗଡ ସିଭିଲ ଜଜ, ସିନିଅର ଡିଭିଜନ ଙ୍କ ଏକ ରାୟକୁ ନେଇ ଦେବଗଡ ଆଦର୍ଶ ଥାନା ପୋଲିସ ଜବରଦଖଲକାରୀ ଙ୍କୁ ଉଚ୍ଛେଦ କରିଛନ୍ତି। ଦେବଗଡ ସହର ୟୁନିଟ ୮, ଖାତା ନମ୍ବର ୨୯୯/୬୪୪, ପ୍ଲଟ ନମ୍ବର ୪୯୪/୨୯୨୪ ଅଧିନରେ ଥିବା ପାଞ୍ଚ ଡେସିମିଲ ଜାଗା ଓ ତ୍ ସଂଲଗ୍ନ ଘରକୁ ଏହାର ପ୍ରକୃତ ମାଲିକ ଫକୀର ମୋହନ ଗଡନାୟକଙ୍କୁ ଦେବାପାଇଁ ଦେବଗଡ ସିଭିଲ ଜଜ୍ ସିନିୟର ଡିଭିଜନ ମନୋରଞ୍ଜନ ମିଶ୍ର ରାୟ ପ୍ରକାଶ କରିଥିଲେ। ମାତ୍ର ଅଦାଲତ ର ବାରମ୍ବାର ଆଦେଶ ସତ୍ତ୍ୱେ ସଂପୃକ୍ତ ଜାଗାକୁ ଜନୈକ ମହିଳା ଓ ତାଙ୍କର ତିନି ଜଣ ନାବାଳକ ନାବାଳିକା ଶିଶୁ ଛାଡିନଥିଲେ। ସଂପୃକ୍ତ ଜାଗାକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର ପାଇଁ ମାନ୍ୟବର ଅଦାଲତ ଜିଲ୍ଲା ପ୍ରଶାସନ, ଦେବଗଡ ଏସପି ଓ ଦେବଗଡ ଆଦର୍ଶ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କର ନିର୍ଦ୍ଦେଶ ଅନୁଯାଇ ଦେବଗଡ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥି, ଏସଡିପିଓ ରମେଶ ଚନ୍ଦ୍ର ମହାନା, ମାଜିଷ୍ଟ୍ରେଟ ଦାୟିତ୍ୱରେ ଦେବଗଡ ତହସିଲଦାର କର୍ଣ୍ଣ ମଲ୍ଲିକ ପୋଲିସ ଫୋର୍ସ ସହ ସଂପୃକ୍ତ ସ୍ଥାନକୁ ଯାଇଥିଲେ। ମାତ୍ର ସଂପୃକ୍ତ ମହିଳା ସେ ସ୍ଥାନରୁ ପଳାଇ ଯାଇଥିବା ବେଳେ ତାଙ୍କର ନାବାଳକ ନାବାଳିକା ଶିଶୁ ମାନେ ଘର ଭିତରୁ କବାଟ ବନ୍ଦ କରିରହିଥିଲେଛ ଦେବଗଡ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଘଟଣାସ୍ଥଳକୁ ଯାଇ ଶିଶୁ ମାନଙ୍କୁ ବୁଝାସୁଝା କଲାପରେ ମଧ୍ୟ କୌଣସି ପ୍ରକାର ସମାଧାନ ହୋଇପାରି ନଥିଲା। ପରେ କୌଶଳ କ୍ରମେ ଶିଶୁମାନଙ୍କୁ ବାହାରକୁ ବାହାର କରାଯିବାପରେ ଘରର ଆସବାବପତ୍ର ପୌରପରିଷଦକୁ ହସ୍ତାନ୍ତର କରାଯିବାସହ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଘଟଣା ପରେ ସହରର ବିଭିନ୍ନ ଅଞ୍ଚଳରେ ଜବରଦଖଲ କରି ରହୁଥିବା ବ୍ୟକ୍ତି ବିଶେଷଙ୍କ ମନରେ ଛନକା ପଶିଛି। ଏହି ଜବରଦଖଲ ଉଚ୍ଛେଦ ଅଭିଯାନ କୁ ବହୁ ଜନସାଧାରଣ ସ୍ୱାଗତ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅବନୀକାନ୍ତ ଖଡିରନ୍ ଓ ତାଙ୍କ ସହଯୋଗୀମାନେ ମକଦ୍ଦମା ପରିଚାଳନା କରୁଥିଲେ।



# ଅନ୍ତେବାସୀଙ୍କୁ ଶୀତ ବସ୍ତ୍ର, କ୍ରୀଡା ସାମଗ୍ରୀ ପ୍ରଦାନ

ବଲାଙ୍ଗିର,(ସବ୍ୟୁ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ପାର୍ବତୀ ଗିରି ଆଶ୍ରମ, ଆଶ୍ରା ଆଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ପାଇଁ ବିଭିନ୍ନ ଉପକରଣ ଯଥା ଶୀତ ବସ୍ତ୍ର, କ୍ରୀଡା ସାମଗ୍ରୀ, ପୋଷାକ, ବିଭିନ୍ନ ଖାଦ୍ୟ ସାମଗ୍ରୀ, ଖାତା, ପୁସ୍ତକ, ନିତ୍ୟ ବ୍ୟବାହର ସାମଗ୍ରୀ ଇତ୍ୟାଦି ଦାନ କରାଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଡେପୁଟୀ ରେଜିଷ୍ଟ୍ରାରର ବିଶ୍ୱଜିତ ବେହେରା,କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତି ମୟୀ ନାଏକ, ବଲାଙ୍ଗିର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସମନ୍ୱୟକାରୀ ଅଫିସର ଡକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ଓ ଜାତୀୟ ସେବା ଯୋଜନା ର ସ୍ୱେଚ୍ଛାସେବୀ ସୁମନ କୁମାର ନନ୍ଦ, ମନୀଷ ସା, ଜ୍ୟୋତି ରଂଜନ ଦନ୍ତା, ଶ୍ରୀତମ ମିଶ୍ର, ବାବୁଲ ବିଭାର, ନେପାଳ ଧରୁଆ ରୋଶନ କୁମାର ଦାସ, ଟିକେଶ୍ୱର୍ ପୋଢ଼, ସୋନାଲି ସେଠୀ, ରିଙ୍କି କରନ, ତୁଳସୀ ସା, ଜ୍ୟୋର୍ତିମୟୀ ମୁଦୁଲି, ଦିବ୍ୟ ଜ୍ୟୋତି ନାଗ,ରିମି ମେହେର ପ୍ରମୁଖ ଉପସ୍ଥିତ ଥିଲେ।



**(ଶ୍ରୀମଦ୍‌ଭଗବଦ୍ ଗୀତା ୧/୩୪)**
**– ଅର୍ଜ୍ଜୁନ ବିଷାଦଯୋଗଃ–**
**(ସଞ୍ଜୟ ଉବାଚ )**

**ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।**
**ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସମ୍ବନ୍ଧିନସ୍ତଥା ॥ ୩୪॥**

ଆଚାର୍ଯ୍ୟାଃ (ଗୁରବାଃ), ପିତରଃ, ପୁତ୍ରାଃ ତଥା ଏବ ଚ ପିତାମହାଃ, ମାତୁଳାଃ, ଶ୍ୱଶୁରାଃ, ପୌତ୍ରାଃ, ଶ୍ୟାଳାଃ, ସମ୍ବନ୍ଧିନଃ (ଅବସ୍ଥିତାଃ) ॥ ୩୪ ॥

# ଭାରତ ଓ ଉତ୍କଳମାତାଙ୍କୁ ସମ୍ମାନ ପ୍ରଦର୍ଶନ

କବି ସ୍ୱର୍ଗୀୟ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ 'ବନ୍ଦେ ମାତରମ୍' ଉପରେ ସଂସଦର ଉଭୟ ଗୃହରେ ଯେପରି ଆଲୋଚନା ହେଲା ତାହା ବଡ଼ କଥା । 'ବନ୍ଦେ ମାତରମ୍' ରଚନାର ଦେଢ଼ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ସଂସଦରେ ଏପରି ଆଲୋଚନା ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିନଙ୍କୁ ଦେଶବାସୀ ଧନ୍ୟବାଦ ଦେବା କଥା । ଆମ ରାଜ୍ୟ ବିଧାନସଭାରେ ମଧ୍ୟ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଲୋକସଭାରେ ଗୃହର ନେତା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ଆଲୋଚନା ଆରମ୍ଭ କରି ଯାହା ଉଲ୍ଲେଖ କରିଥିଲେ, ତାହା ଆମର ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ । ସେ କହିଥିଲେ ଯେ, 'ବନ୍ଦେ ମାତରମ୍' ଯାହା ଦେଶବାସୀଙ୍କୁ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଜାରି ରଖିବା ପାଇଁ ପ୍ରଭାବ ବିସ୍ତାର କରିଥିଲା, ମୁସଲିମଲିଗ୍ ଚାପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ୧୯୩୭ରେ ଏହାକୁ ବିକୃତ କରିଥିଲେ ବୋଲି କହିଥିଲେ । ଏହାର ପ୍ରଥମ ଦୁଇଟି ପଦ ବୋଲାଯିବାକୁ ନେହରୁ କଂଗ୍ରେସ ଦଳକୁ କହିଥିଲେ ଏବଂ ଅନ୍ୟାନ୍ୟ ପଦଗୁଡ଼ିକରେ ଥିବା 'ଦୁର୍ଗା' ଓ 'ଲକ୍ଷ୍ମୀ'ଙ୍କୁ ବାଦ୍ ଦିଆଯାଇଥିଲା । ଅବଶ୍ୟ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ 'ବନ୍ଦେ ମାତରମ୍' ବିଷୟରେ ଆଲୋଚନା ଆରମ୍ଭ କରି 'ବନ୍ଦେ ମାତରମ୍'କୁ କଂଗ୍ରେସ ଦଳ ମଧ୍ୟ ସମର୍ଥନ କରେ ବୋଲି ପ୍ରକାଶ କରି ଅନ୍ୟ ପ୍ରସଙ୍ଗକୁ ବାରମ୍ବାର ଚାଲି ଯାଉଥିବାରୁ ରାଜ୍ୟସଭାରେ ଗୃହର ନେତା, ମନ୍ତ୍ରୀ ଜେ.ପି. ନଡ୍‌ଡ଼ା ତାହାକୁ ବିରୋଧ କରି କେବଳ ପ୍ରସଙ୍ଗ 'ବନ୍ଦେ ମାତରମ୍'କୁ ଆଣିବା ଲାଗି ବାରମ୍ବାର ନିବେଦନ କରିଥିଲେ । ରାଜ୍ୟସଭାରେ ଅଧ୍ୟକ୍ଷତା କରୁଥିବା ଉପ-ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମଧ୍ୟ ଏ ବିଷୟରେ ବିରୋଧୀ ଦଳର ନେତାଙ୍କୁ ବାରମ୍ବାର ସଚେତନ କରାଇଥିଲେ । ପ୍ରକୃତରେ ରାଜନୀତିକ ଦୃଷ୍ଟିରୁ 'ବନ୍ଦେ ମାତରମ୍'କୁ ବିଚାର ନକରି ଏହି ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତିକୁ ତଟସ୍ଥ ଦୃଷ୍ଟିରୁ ଆମେ ବିଚାର କରିବା କଥା ।

ଉତ୍କଳମାତାଙ୍କୁ ଅନୁରୂପ ଭାବେ ରାଜ୍ୟ ସରକାର କେବଳ ନୁହେଁ, ଓଡ଼ିଶାବାସୀ ସମ୍ମାନ ପ୍ରଦର୍ଶନ କରିବା ଲାଗି ଆଗେଇ ଆସିବା ଦରକାର । କାରଣ ବହୁ କଷ୍ଟରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଛି, ଭାଷା ଭିତ୍ତିରେ । ଉତ୍କଳରୁ ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲେ ହେଁ, ଓଡ଼ିଶା ବାହାରେ ଓଡ଼ିଆ ଭାଷାଭାଷୀ ଅନେକ ଅଞ୍ଚଳ ବିଚ୍ଛିନ୍ନ ହୋଇ ରହିଯାଇଛି । ଷଢ଼େଇକଳା, ଖରସୁଆଁ ସମେତ ମେଦିନପୁର, ମଞ୍ଜୁସା ପ୍ରଭୃତି ବହୁ ଅଞ୍ଚଳ ଓଡ଼ିଶା ରାଜ୍ୟ ଭିତରେ ରହିପାରିଲା ନାହିଁ । ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଚକ୍ରାନ୍ତ ଯୋଗୁଁ ଷଢ଼େଇକଳା ଓ ଖରସୁଆଁ ରାଜ୍ୟ ଆଉ ଓଡ଼ିଶାକୁ ଫେରି ପାରିଲା ନାହିଁ । ତତ୍‌କାଳୀନ କଂଗ୍ରେସ ସରକାର ମଧ୍ୟ ଏ ଦିଗରେ କିଛି କରିପାରିଲେ ନାହିଁ । ବିହାର ଓ ମଧ୍ୟପ୍ରଦେଶ ଭାଗ ଭାଗ ହୋଇ ଝାଡ଼ଖଣ୍ଡ ଓ ଛତିଶଗଡ଼ ପ୍ରଭୃତି ରାଜ୍ୟରେ ପରିଣତ ହୋଇଥିଲେ ମଧ୍ୟ ଅନେକ ଓଡ଼ିଆ ସେ ସବୁ ରାଜ୍ୟରେ ସେମାନଙ୍କ ଭାଷାର ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି । ଏପରିକି ଆନ୍ଧ୍ରପ୍ରଦେଶର ସିକାକୁଲମ ଓ ବିଶାଖାପାଟଣାରେ ମଧ୍ୟ ବହୁ ଓଡ଼ିଆ ଲୋକ ରହିଛନ୍ତି । ପଶ୍ଚିମବଙ୍ଗର ମେଦିନପୁର ଓ ଝାଡ଼ଖଣ୍ଡର ଷେଢ଼େଇକଳା, ଖରସୁଆଁ ଓ ଚକ୍ରଧରପୁର ପ୍ରଭୃତି ଅଞ୍ଚଳରେ ଏବେ ବି ବହୁ ଓଡ଼ିଆ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି । ଏବେ ତ କାମଧନ୍ଦା ନ ପାଇ ଅନେକ ଓଡ଼ିଆ ଶ୍ରମିକ ଓଡ଼ିଶା ବାହାରକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି । ସରକାରୀ ସ୍ତରରେ ବା ସାମାଜିକ ସ୍ତରରେ ସେମାନଙ୍କ ପାଇଁ କିଛି କରାଯାଇ ପାରୁ ନାହିଁ । ପୂର୍ବରୁ କିନ୍ତୁ 'ଉତ୍କଳ ସମ୍ମିଳନୀ' ଏକ ବଳିଷ୍ଠ ସାମାଜିକ ସଙ୍ଗଠନ ଭାବେ ଓଡ଼ିଶାର ସ୍ୱତନ୍ତ୍ରତା ଓ ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିଥିଲା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'ବନ୍ଦେ ଉତ୍କଳ ଜନନୀ' ସଂଗୀତ 'ବନ୍ଦେ ମାତରମ୍' ସଙ୍ଗୀତ ପରି ଜନସାଧାରଣଙ୍କ ମଧ୍ୟରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରିଥିଲା । ଏବେ ଓଡ଼ିଶାର ଶାସନଗତ ପରିବର୍ତ୍ତନ ହୋଇଛି । ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ସରକାରଙ୍କର ଦେଢ଼ ବର୍ଷର ପୂର୍ତ୍ତି ହୋଇଯିବ ଏଇ ଦିନକ ମଧ୍ୟରେ । ଏତିକିବେଳେ ବିଚ୍ଛିନ୍ନାଞ୍ଚଳ ଓଡ଼ିଶାର ଓଡ଼ିଆ ଲୋକଙ୍କ ମଧ୍ୟରେ ଆମର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ଓ ପ୍ରଚାର କରାଯିବା ଆବଶ୍ୟକ । ସମଗ୍ର ବିଶ୍ୱରେ ଓଡ଼ିଆମାନେ ପୁଣି ଥରେ ସଚେତନ ହୋଇ ପାରିବେ, ଯଦି ସେପରି କୌଣସି ସାମାଜିକ ସଙ୍ଗଠନ ବା ଏବର ଲୋକପ୍ରିୟ ସରକାର ଓଡ଼ିଶା ରାଜ୍ୟର ନଥିଲାବାଲାଙ୍କ କଥା ଓ ବିଚ୍ଛିନ୍ନାଞ୍ଚଳ ଲୋକଙ୍କ ବ୍ୟଥାକୁ ଅଧିକ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟାର ସମାଧାନ କରିପାରନ୍ତେ ।

## ଈଶ୍ୱରଙ୍କ ରୂପକଳ୍ପ

**ଈଶ୍ୱର ବାୟୁ ଭଳି ମୂଳତତ୍ତ୍ୱ, ବାୟୁକୁ ଖାଲି ଆଖିରେ ଦେଖି ହୁଏ ନାହିଁ । କିନ୍ତୁ ବାୟୁରେ ଯେଉଁ ଗନ୍ଧ ମିଶ୍ରଣ କରିବ, ସେ ସେହି ଗନ୍ଧ ବାହକ ହୋଇ ସେହି ଗନ୍ଧରେ ଅନୁଭୂତ ହୁଏ, ଠିକ୍ ସେହିଭଳି ଈଶ୍ୱରଙ୍କୁ ଯେଉଁ ରୂପରେ କଳ୍ପନା କରିବ, ସେହି ରୂପରେ ସେ ପ୍ରତୀୟମାନ ହେବେ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗାନ୍ଧି ଓ ଲୁଇ ଫିସର୍



ଡଃ. ବାସନ୍ତୀ ମହାନ୍ତି

ଲୁଇ ଫିସର୍‌ଙ୍କ ପୁତ୍ର ଜର୍ଜ ଫିସର୍ ଗାନ୍ଧିଙ୍କ ଜୀବନକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଚଳଚ୍ଚିତ୍ର ନିର୍ମାଣ କରିବା ପୂର୍ବରୁ ମହାତ୍ମା ଗାନ୍ଧିଙ୍କ ସଂପର୍କରେ ତନ୍ନ ତନ୍ନ କରି ଅଧ୍ୟୟନ କରିଥିଲେ। ଏପରି ଜଣେ ଅସାଧାରଣ ବ୍ୟକ୍ତି ଚରିତ୍ରକୁ କିପରି ସିନେମାରେ ପ୍ରଦର୍ଶନ କରିବେ, କୌଣସି ସିଦ୍ଧାନ୍ତରେ ପହଞ୍ଚି ନ ପାରି ସେ ଲେଖିଥିଲେ– ଜଣେ ଅତ୍ୟନ୍ତ ସକ୍ରୀୟ ପିତା, ମାତା ମାଉସୀ ନିର୍ବୋଧ ବାଳକ, ଚିର କୌତୂହଳୀ କିଶୋର ଓ ଶିଶୁ କଣ୍ଢେଇଟିର ମିଶ୍ରଣକୁ ମୁଁ କେମିତି ଚଳଚ୍ଚିତ୍ରରେ ଦେଖାଇବି ? ତତ୍ ସଙ୍ଗେ ସଙ୍ଗେ ଜଣେ ରୋଷେୟା, ଜଣେ ସେବକ, ଜଣେ ଉତ୍ସାହବର୍ଦ୍ଧକ ନେତା, ଜଣେ କଏଦୀ, ଜଣେ ଆତ୍ମ ସଂଯମୀ, ଜଣେ ଗୁରୁ, ଜଣେ ନୀତିବାଦୀ ଓ ଶିକ୍ଷକ, ଅନର୍ଗଳ ବକ୍ତା, ପାଠକ, ଲେଖକ, ଆବିଷ୍କାରକ, ପ୍ରୟୋଗବାଦୀ ଓ ମାନବ ଜାତିର ମାର୍ଗ ଉଦ୍ଭାବକ ! ଘୋଷଣା ପତ୍ର (Manifesto) ସଂକଳ୍ପ (Resoulation) ଓ ଉପବିଧି (Bye law) ପ୍ରଭୃତିର ଧୂରନ୍ଧର ଚିଠାକାର ଓ ପ୍ରକାଶକ ! ଜଣେ ଦିବ୍ୟଦ୍ରଷ୍ଟା ଜଣେ ତତ୍ତ୍ୱ ଉଦ୍ଭାବକ ! ରଣ କୌଶଳରେ ନିପୁଣ ବ୍ୟକ୍ତି, ଜଣେ କୌଶଳୀ ! ଜନଗହଳିର ଯାଦୁକର, ଜଣେ ଭାଷ୍ୟପ୍ରିୟ ଶିଶୁ ଓ ପ୍ରାଣୀମାନଙ୍କର ପ୍ରେମିକ, ଜଣେ ନିରାମିଷ ଭୋଜୀ, ପ୍ରାକୃତିକ ଚିକିତ୍ସକ ଓ ନିର୍ମଳ ଭାବମୂର୍ତ୍ତିର ମଣିଷ ! ସ୍ୱାସ୍ଥ୍ୟପ୍ରଦ ପଥ୍ୟ ନିର୍ଦ୍ଧାରିତ, ଶରୀର ଶ୍ରମ, ସରଳ ଜୀବନ ଯାପନ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଉତ୍ସାହ ପ୍ରଦାନ କରୁଥିବା ମହାତ୍ମା । ମୁକ୍ତ ଜାତୀୟ ଧାର୍ମିକ ଚେତନାରେ ବିଶ୍ୱାସ ରଖୁଥିବା ଜଣେ ଉତ୍ସାହବର୍ଦ୍ଧକ ମୁକ୍ତ ମନର ମଣିଷ । ତାହା ଜାତୀୟ ପରମ୍ପରା ହେଉ କି ବିଜାତୀୟ ଅଥବା ସ୍ୱଦେଶୀ ପରମ୍ପରାର ସଂସ୍କାର ।

ଜର୍ଜ ଫିସର୍ ହେଉଛନ୍ତି ଲୁଇ ଫିସର୍‌ଙ୍କ ସୁଯୋଗ୍ୟ ସନ୍ତାନ। ପିତା ଲୁଇ ଫିସର୍ ମହାତ୍ମା ଗାନ୍ଧିଙ୍କ ସହ ସାତଦିନ ଅତିବାହିତ କରିଥିଲେ । ସେହି ଅନୁଭବକୁ ନେଇ ସେ ଲେଖିଥିବା ଗାନ୍ଧିଙ୍କ ସମ୍ପର୍କରେ ସାତଦିନ ପୁସ୍ତକ ବିଶ୍ୱରେ ବହୁ ଚର୍ଚ୍ଚିତ । କେବଳ ସେତିକି ନୁହେଁ 'ଲାଇଫ୍ ଅଫ୍ ମହାତ୍ମା ଗାନ୍ଧି' ମଧ୍ୟ ମହାତ୍ମା ଗାନ୍ଧିଙ୍କ ଜୀବନୀ ଆଧାରିତ ହୋଇ ଯେତେସବୁ ଜୀବନୀ ଲେଖା ହୋଇଛି, ସେମାନଙ୍କ ମଧ୍ୟରେ ଅନ୍ୟତମ ପାଠକୀୟତା ଅର୍ଜନ କରିଥିବା ପୁସ୍ତକ । ଏତଦ୍ ବ୍ୟତୀତ ଲୁଇ ଫିସର୍‌ଙ୍କର ଅନ୍ୟଏକ ପୁସ୍ତକ ରୁଷିଆର କମ୍ୟୁନିଷ୍ଟ ଶାସନ ସଂପର୍କରେ ଆଧାରିତ 'ଦି ଗଡ୍ ଦ୍ୟାଟ୍ ଫେଲ' ମଧ୍ୟ ବିଶ୍ୱ ଚର୍ଚ୍ଚିତ ହୋଇଛି ।

ଏହାଛଡ଼ା ତାଙ୍କର 'ଗାନ୍ଧିଜୀ: ହିଜ୍ ଲାଇଫ୍ ଆଣ୍ଡ ମେସେଜ୍ ଫର୍ ଦି ୱାର୍ଲ୍ଡ' ୧୯୫୦ ମସିହାରେ ପ୍ରକାଶିତ ହୋଇଥିଲା ଯାହାର ଏଯାବତ୍ ୯୬ଟି ସଂସ୍କରଣ ହୋଇସାରିଲାଣ । ଏହା ପୂର୍ବରୁ ୧୯୪୭ ମସିହାରେ ସେ 'ଗାନ୍ଧିଜୀ ଆଣ୍ଡ ଷ୍ଟାଲିନ୍ ଟୁ ସାଇନ୍ସ ଅଫ୍ ଦି ୱାର୍ଲ୍ଡ', 'କ୍ରସ୍‌ରୋଡ୍' ପୁସ୍ତକ ରଚନା କରିଥିଲେ । 'ଗାନ୍ଧି ଆଣ୍ଡ ଦ ୱେଷ୍ଟର୍ଣ୍ଣ ୱାର୍ଲ୍ଡ' ପୁସ୍ତକରେ ସେ କହିଛନ୍ତି ମହାତ୍ମା ଗାନ୍ଧିଙ୍କ ସିଦ୍ଧାନ୍ତ ପାଶ୍ଚାତ୍ୟ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଜରୁରୀ ।

ଲୁଇ ମହାତ୍ମା ଗାନ୍ଧିଙ୍କ ନୀତି, ଆଦର୍ଶ, କାର୍ଯ୍ୟପନ୍ଥା ଓ ବ୍ୟକ୍ତିତ୍ୱ ପ୍ରତି ଏତେ ପ୍ରଭାବିତ ହୋଇଥିଲେ ସେ ତାଙ୍କ ସହ ସାକ୍ଷାତର ଗୋଟିଏ ମୁହୂର୍ତ୍ତର ଅନୁଭବକୁ ମଧ୍ୟ ଛାଡ଼ି ନାହାଁନ୍ତି । ସବୁତକ ଲିପିବଦ୍ଧ କରି ରଖିଛନ୍ତି । ଅତି ପାଖରୁ ସେ ତାଙ୍କୁ ଦେଖିଛନ୍ତି । ପ୍ରଥମ ଥର ମହାତ୍ମା ଗାନ୍ଧିଙ୍କୁ ସେ ୧୯୪୨ ମସିହାରେ ଦର୍ଶନ କରିବାକ ଆସିଥିଲେ । ସେଥର ସେ ଦୁଇ ମାସ ଭାରତରେ ରହିଥିଲେ । ପ୍ରତିଦିନ ମହାତ୍ମା ଗାନ୍ଧି ତାଙ୍କୁ ଘଣ୍ଟାଟିଏ ସମୟ ଦେଉଥିଲେ । ଥରେ ନିର୍ଦ୍ଧାରିତ ହୋଇଥିବା ସମୟରେ ମହାତ୍ମା ଗାନ୍ଧି ତାଙ୍କୁ ସାକ୍ଷାତ୍‌କାର ଗୃହକୁ ଭେଟିବା ପାଇଁ ଆସିଥିଲେ । କିନ୍ତୁ କୌଣସି କାରଣ ବଶତଃ ଲୁଇ ଫିସର୍ ଠିକ୍ ସମୟରେ ପହଞ୍ଚି ପାରିନଥିଲେ । ମହାତ୍ମା ଗାନ୍ଧି ତାଙ୍କୁ ଦଶମିନିଟ୍ ଅପେକ୍ଷା କରି ଫେରି ଆସିଥିଲେ । ସାମାନ୍ୟ ବିଳମ୍ବରେ ସେ ଆସି ପହଞ୍ଚିଥିଲେ, କିନ୍ତୁ ସେ'ଦିନ ଆଉ ମହତ୍ମା ଗାନ୍ଧି ତାଙ୍କୁ ସାକ୍ଷାତ୍ କରିନଥିଲେ । ପରଦିନ ନିର୍ଦ୍ଧାରିତ ସମୟରେ ପରସ୍ପର ଦେଖା ସାକ୍ଷାତ୍ ହୋଇଥିଲା ଏବଂ ପରସ୍ପର ପରସ୍ପରକୁ କ୍ଷମା ପ୍ରାର୍ଥନା କରିଥିଲେ । ଭାରତୀୟମାନଙ୍କର ସମୟାନୁବର୍ତ୍ତିତା ଉପରେ ଲୁଇ ଙ୍କର ଯେଉଁ ଭ୍ରମ ଧାରଣା ଥିଲା ତାହା ଦୂରୀଭୂତ ହୋଇଯାଇଥିଲା ଏବଂ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ପ୍ରତି ସେ ଆହୁରି ଆକର୍ଷିତ ହୋଇପଡିଥିଲେ ।

ଲୁଇ ଫିସର୍ ବୃତିରେ ସାମ୍ବାଦିକ ଥିଲେ । ସେ ଜଣେ ଇହୁଦୀ ଥିଲେ । ୧୮୯୩ ମସିହାରେ ଆମେରିକାର ଫିଲା ଡେଲ୍‌ଫିଆ ଥିଲା ତାଙ୍କର ଜନ୍ମସ୍ଥାନ । ନ୍ୟୁୟର୍କରୁ ପ୍ରକାଶିତ ବହୁଚର୍ଚ୍ଚିତ ସମ୍ବାଦପତ୍ର 'ନ୍ୟୁୟର୍କ ଇଭିନିଂ ପୋଷ୍ଟ'ରେ ସାମ୍ବାଦିକତା କରୁଥିବାରୁ ସେ ପୃଥିବୀର ବିଭିନ୍ନ ସ୍ଥାନ ପରିଭ୍ରମଣ କରୁଥିଲେ । ବିଭିନ୍ନ ଘଟଣା ସହ ସଂପୃକ୍ତ ହେଉଥିଲେ। ସେତେବେଳେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତର ଅଭିନବ ସ୍ୱାଧୀନତା ସଂଗ୍ରାମ ତାଙ୍କୁ ଆକର୍ଷିତ କରିଥିଲା । ସେ ଭାରତ ଆସିଲା ପରେ ଭାରତୀୟମାନଙ୍କର ସାମାଜିକ ସ୍ଥିତି ଦେଖି ଖୁବ୍ ଦୁଃଖୀ ହୋଇପଡିଥିଲେ । ଏ ସଂପର୍କରେ ସେ କହିଛନ୍ତି ଭାରତୀୟ କୃଷକମାନେ ଯେଉଁପରି ଘରେ ବସବାସ କରନ୍ତି ପାଶ୍ଚାତ୍ୟ ଦେଶର କୃଷକମାନଙ୍କର ଗୃହପାଳିତ ପଶୁମାନେ ସୁଦ୍ଧା ଏ ପ୍ରକାର ଘରଠାରୁ ଉନ୍ନତ ଘରେ ରୁହନ୍ତି । ଅର୍ଦ୍ଧାଧିକ ଲୋକ ଅର୍ଦ୍ଧାହାର ଓ ଅନାହାରରେ ରହୁଛନ୍ତି । ବିଭିନ୍ନ ପ୍ରକାର ରୋଗ ବ୍ୟାଧିରେ ସଢୁଛନ୍ତି । ମ୍ୟାଲେରିଆ ରୋଗ ଅହରହ ଲାଗି ରହୁଛି । ଏ ଦେଶର ହାରାହାରି ଆୟୁଷ ମାତ୍ର ୨୬ ବର୍ଷ । ଅନ୍ୟାନ୍ୟ ବ୍ରିଟିଶ ଉପନିବେଶମାନଙ୍କରେ ଏହାର ପାଞ୍ଚଗୁଣ ଅଧିକ ରହିଛି । ଏହିପରି ଅପପୁଷ୍ଟି, ଅନୁନ୍ନତ ଅଶିକ୍ଷା ଓ ଅନ୍ଧବିଶ୍ୱାସରେ ରହିଥିବା ଜନତାଙ୍କୁ ସଚେତନ କରି ତାଙ୍କ ଭିତରେ ଆତ୍ମବିଶ୍ୱାସ ଭରିଦେବା କମ୍ କଥା ନୁହେଁ । ତାଙ୍କରି ନେତୃତ୍ୱରେ ଦେଶ ଯେଉଁପରି ଜାଗି ଉଠିଥିଲା ତାହା ଇଂରେଜମାନଙ୍କର ମୁଣ୍ଡବ୍ୟଥାର କାରଣ ହୋଇଥିଲା । ଯେତେ ନିଷ୍ଠୁର ନିର୍ମମ ଅତ୍ୟାଚାର କଲେ ସୁଦ୍ଧା ସେମାନେ ମହାତ୍ମାଗାନ୍ଧିଙ୍କ ବ୍ୟକ୍ତିତ୍ୱ ନିକଟରେ ହାର ମାନୁଥିଲେ । ସତ୍ୟ ଅହିଂସା ଥିଲା ତାଙ୍କର ଅସ୍ତ୍ର । ଏହାହିଁ ଅସହାୟ କରିଦେଉଥିଲା ଇଂରେଜମାନଙ୍କୁ ।

ଲୁଇ ଫିସର୍ ପ୍ରଥମଥର ଯେତେବେଳେ ସେବାଗ୍ରାମରେ ପହଞ୍ଚିଥିଲେ, ମହାତ୍ମାଗାନ୍ଧି ତାଙ୍କୁ ସ୍ୱାଗତ କରିବାପାଇଁ ଗେଟ୍ ପାଖକୁ ଆସିଥିଲେ ଓ ହସି ହସି ସ୍ୱାଗତ କରିଥିଲେ। ଗାନ୍ଧିଙ୍କ ଶରୀରରେ ଆଣ୍ଠୁ ନ ଲୁଚା ଧୋତି ଓ ଚାଦର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତାଙ୍କୁ ସେତେବେଳକୁ ୭୨ ବର୍ଷ, ତଥାପି ଯୁବସୁଲଭ ହସ ସହ ମୁହଁ ସଦା ଚଞ୍ଚଳ ଥିଲେ । ତାଙ୍କର କେଶହିନ ମସ୍ତକ ଓ ଦନ୍ତହିନ ମୁଖ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ମର୍ଯ୍ୟାଦାବନ୍ତ କରି ଦେଉଥିଲା । ତାଙ୍କର ସରଳ ନିରାଡମ୍ବର ଅମାୟିକ ଶିଶୁ ସୁଲଭ ବ୍ୟବହାରରେ ସେ ମନ୍ତ୍ରମୁଗ୍ଧ ହୋଇଥିଲେ । ପ୍ରଥମ ସାକ୍ଷାତ୍‌ରେ ହିଁ ଲୁଇ ଫିସର୍ ଏହି ବ୍ୟକ୍ତିଟିକୁ ଆକଳନ କରି ନେଇଥିଲେ। ପାଞ୍ଚ ଫୁଟ ଦୁଇ ଇଞ୍ଚର ପତଳା ଲୋକଟିଏ ସମଗ୍ର ବିଶ୍ୱମାନବକୁ ମନ୍ତ୍ରମୁଗ୍ଧ କରି ରଖିଛି । ବେଳକୁ ବେଳ ଲୁଇ ଫିସର୍ ଆହୁରି ଭାବଗମ୍ଭୀର ହୋଇପଡୁଥିଲେ । ସେବା ଗ୍ରାମରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ ଗାନ୍ଧିଜୀ ମୁଣ୍ଡରେ ଓଦା ଗାମୁଛାଟିଏ ପକାଇଥିଲେ । ଆଶ୍ରମ ଭିତରେ ଗାନ୍ଧିଜୀଙ୍କ କୋଠରୀ ପାଖରେ ଲୁଇସ୍‌ଙ୍କୁ କୋଠାରୀଟିଏ ଦିଆଯାଇଥିଲା । ପ୍ରତିଦିନ ଏକ ଘଣ୍ଟା ବ୍ୟତୀତ ସେ ପ୍ରାତଃ ଭ୍ରମଣ, ପ୍ରାତଃ ଭୋଜନ ଓ ମଧ୍ୟାହ୍ନ ଭୋଜନ ସମୟରେ ମଧ ତାଙ୍କ ପାଖେ ପାଖେ ରହୁଥିଲେ । ଭାରତର ରାଜନୈତିକ, ଅର୍ଥନୈତିକ, ସାମାଜିକ ସମସ୍ୟା ସହ ଗାନ୍ଧିଜୀଙ୍କ ଆଧ୍ୟାତ୍ମିକ ଚିନ୍ତନ ସଂପର୍କରେ ନାନାବିଧ ଜିଜ୍ଞାସାର ନିଷ୍କପଟ ଉତ୍ତର ସେ ପାଉଥିଲେ ।

ଗାନ୍ଧିଜୀଙ୍କ ସମ୍ପର୍କରେ ମତ ଦେଇ ସେ ଲେଖିଛନ୍ତି ଗାନ୍ଧିଜୀ କଂଗ୍ରେସର କୌଣସି ପଦପଦବୀରେ ନ ଥିଲେ । ଅଥଚ ତାଙ୍କର ଇଚ୍ଛା କେବଳ କଂଗ୍ରେସ କର୍ମୀ ନୁହଁନ୍ତି, ଭାରତୀୟ ଜନସାଧାରଣଙ୍କର ଶିରୋଧାର୍ଯ୍ୟ ଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କୁ ମାନୁଥିଲେ। ଆଶ୍ରମ ଭିତରେ ସର୍ବଧର୍ମ ପ୍ରାର୍ଥନା ହେଉଥିଲା। ପଙ୍ଗତରେ ମଧ୍ୟ ସମସ୍ତେ ମିଳିମିଶି ବସୁଥିଲେ। ଗାନ୍ଧିଜୀ ସମସ୍ତଙ୍କର ଖାଇବା ଖବର ମାଆଟିଏ ପରି ବୁଝୁଥିଲେ। କାହା ଥାଳିରେ କ'ଣ ଦିଆଯିବ ଗୋଟି ଗୋଟି କରି ବୁଝୁଥିଲେ। ସମଗ୍ର ଭାରତ ବର୍ଷ ମହାତ୍ମାଗାନ୍ଧିଙ୍କୁ ଯେଉଁପରି ମୁକ୍ତିଦାତା ବୋଲି ଗ୍ରହଣ କରୁଥିଲେ ତାର ଆଉ ଏକ ଉଦାହରଣ ଖୋଜିବା ପାଇଁ ଆମକୁ ମାନବ ଇତିହାସରେ ହଜାର ହଜାର ବର୍ଷ ପଛକୁ ଫେରିବାକୁ ପଡ଼ିବ। ଯୀଶୁ ଓ ଗୌତମ ବୁଦ୍ଧ ହିଁ ତାଙ୍କ ସହ ସମକକ୍ଷ ହୋଇପାରିବେ।

ପ୍ରଶ୍ନ ଛଳରେ ଚରଖା ସଂପର୍କରେ ମହାତ୍ମା ଗାନ୍ଧି କହୁଥିଲେ ଏହା ଏକ ଆଧ୍ୟାତ୍ମିକ ଯୋଗ । ଦେଶର ପ୍ରତ୍ୟେକ ଜନତା ଯୋଗମନସ୍କ ହୋଇ ଚରଖା ଚଳେଇଲେ ଦେଶରୁ ଦାରିଦ୍ର୍ୟ ଦୂର କରାଯାଇ ପାରିବ । ଜାତୀୟ ସଂହତି ରକ୍ଷା ହେବ । ଆଧ୍ୟାତ୍ମିକ ଭାବ ଜାଗ୍ରତ ହେବ । କିନ୍ତୁ ଏହି ଚରଖା ଚଳେଇବା ପାଇଁ କୌଣସି ହିଟଲରୀ ଆଦେଶର ଆବଶ୍ୟକତା ନାହିଁ । ସ୍ୱତଃ ଆତ୍ମିକ ଆହ୍ୱାନରେ ଚରଖା ଚାଳନା କରିବାକୁ ହେବ । ପ୍ରତ୍ୟୁତ୍ତରରେ ଲୁଇ ତାଙ୍କୁ ଲଘୁ ମନ୍ତବ୍ୟ ଦେଇ କହିଥିଲେ ଆପଣ ଜଣେ 'ସୁଇଟ୍ ଟେମ୍ପରଡ୍ ଡିକ୍ଟେଟର' ।

ପ୍ରଥମଥର ଲୁଇ ଫେରିଯିବା ବେଳେ ତାଙ୍କ ହାତରେ ଆମେରିକା ରାଷ୍ଟ୍ରଦୂତ ରୁଜ୍‌ଭେଲ୍ଟଙ୍କ ପାଖକୁ ମହାତ୍ମା ଗାନ୍ଧି ଏକ ପତ୍ର ଦେଇଥିଲେ। ମହାତ୍ମା ଗାନ୍ଧିଙ୍କ ବ୍ୟକ୍ତିତ୍ୱ ଲୁଇଙ୍କୁ ଏପରି ପ୍ରଭାବିତ କରିଥିଲେ ଯେ ସେ ପୁନର୍ବାର ୧୯୪୬ ମସିହା ଜୁନ୍ ୨୫ରେ ଭାରତ ଆସିଥିଲେ । ସେତେବେଳେ ସେ ଗାନ୍ଧିଜୀଙ୍କୁ ଏକ ଭିନ୍ନ ରୂପରେ ଦେଖିଥିଲେ । ପୁନାରେ ଖୋଲା ଯାଇଥିବା ଏକ ପ୍ରାକୃତିକ ଚିକିତ୍ସାଳୟର ଗାନ୍ଧିଜୀ ଚିକିତ୍ସକ ରୂପେ ରୋଗୀ ସେବା କରୁଥିଲେ । ପ୍ରଚୁର ଜଳପାନ, ନିରାମିଷ ଭୋଜନ, ବିଶୁଦ୍ଧ ବାୟୁ, ସୂର୍ଯ୍ୟକିରଣ ଓ ପ୍ରାର୍ଥନା ଦ୍ୱାରା ସେ ରୋଗୀମାନଙ୍କୁ ରୋଗମୁକ୍ତ କରିପାରୁଥିଲେ । ସେତେବେଳେ ବିଶିଷ୍ଟ ସମାଜସେବୀ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କୁ ଗାନ୍ଧିଜୀ ଚିକିତ୍ସା କରୁଥିଲେ । ଏହା ଲୁଇଙ୍କ ପାଇଁ ଥିଲା ଆଉ ଏକ ବିସ୍ମୟ । ଗରିବ ଲୋକଙ୍କୁ ରୋଗ ଚିହ୍ନଟ କରାଇ ବିନା ଔଷଧରେ ସୁସ୍ଥ କରାଯାଉଥିଲା । ଗାନ୍ଧିଜୀଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ସଂପର୍କରେ ଲୁଇ ଫିସର୍‌ଙ୍କ ପୁତ୍ର ଯେଉଁ ମନ୍ତବ୍ୟମାନ ଦେଇଥିଲେ ତାହା ପ୍ରକୃତରେ ଲୁଇ ଫିସର୍‌ଙ୍କର ଅନୁଭବ ହିଁ ଥିଲା । ସେ ଗାନ୍ଧିଜୀଙ୍କୁ, ତାଙ୍କର ବ୍ୟକ୍ତିତ୍ୱକୁ, ତାଙ୍କର ଉଚ୍ଚ ଚିନ୍ତନକୁ, ମୂଲ୍ୟବୋଧକୁ, ମାନବିକତାକୁ, ଦେଶପ୍ରେମକୁ, ଆଧ୍ୟାତ୍ମିକତାକୁ ଭଲ ଭାବରେ ଅଧ୍ୟୟନ କରିଥିଲେ । ତାଙ୍କ ଭିତରେ କୌଣସି ଛନ୍ଦ କପଟ ନ ଥିଲା । ଇନ୍ଦ୍ରିୟମାନଙ୍କୁ ସେ ସଂପୂର୍ଣ୍ଣ ନିଜ ଆୟତ୍ତରେ ରଖିଥିଲେ । ସତ୍ୟ, ଅହିଂସା ଥିଲା ତାଙ୍କର ଅସ୍ତ୍ର । କାମ, କ୍ରୋଧ, ଲୋଭ, ମୋହଠାରୁ ସେ ସଂପୂର୍ଣ୍ଣ ଉର୍ଦ୍ଧ୍ୱରେ ଥିଲେ । ଭାରତୀୟମାନଙ୍କ ମଧ୍ୟରେ ସେ ଯେଉଁ ପ୍ରକାର ସାମାଜିକ କ୍ରାନ୍ତି ଆଣିଥିଲେ, ନିଜର ଜୀବନକୁ ପ୍ରୟୋଗଶାଳାରେ ପରିଣତ କରିଥିବା ଗାନ୍ଧି ଭାରତୀୟମାନଙ୍କ ଭିତରେ ଯେଉଁପରି ଲୋକପ୍ରିୟତା ହାସଲ କରିଥିଲେ ତାହା ଅଭୂତପୂର୍ବ ଥିଲା । କେବଳ ଭାରତବର୍ଷ ନୁହେଁ, ଆନ୍ତର୍ଜାତିକ ସ୍ତରରେ ସୁଦ୍ଧା ଏହିପରି ମୂଲ୍ୟବୋଧ ସମ୍ପନ୍ନ ବ୍ୟକ୍ତିତ୍ୱ ବିରଳ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ମର୍ମରେ ସେ ତାଙ୍କର ବାଣୀକୁ ପାଶ୍ଚାତ୍ୟ ଭୂଖଣ୍ଡରେ ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ମହାତ୍ମା ଗାନ୍ଧି ତାଙ୍କର ମହାନୁଭବତା ପ୍ରକାଶ କରି କହିଥିଲେ, ଯୀଶୁଙ୍କ ବାଣୀଠାରୁ ଆଉ କିଛି ମହତ ବାଣୀ ଅଛି କି ? ତଥାପି ସେମାନେ ଜାଣୁନାହାଁନ୍ତି, ଏତେଦିନ ଯୁଦ୍ଧ କରି ଯେ ସେମାନେ କିଛି ପାଇ ନାହାଁନ୍ତି ତାହା ସେମାନେ ଭଲ ଭାବରେ ବୁଝିଛନ୍ତି । ମହାତ୍ମା ଗାନ୍ଧିଙ୍କ ସରଳ, ନିଷ୍କପଟ, ନିରାଡ଼ମ୍ବର ଅଥଚ ସେ ସମୟର ବିଶ୍ୱ ଇତିହାସର ଜଣେ ଅପ୍ରତିହତ ଯୋଦ୍ଧାଙ୍କ ସହ ଯେଉଁ ସମୟଗୁଡ଼ିକ ଅତିବାହିତ କରିଥିଲେ ସେ ତାହାକୁ ବ୍ୟର୍ଥ ହେବାକୁ ଦେଇନାହାନ୍ତି ।

**୨୧୩ ସି–ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର**
**ମୋ: ୯୪୩୭୦୩୩୦୭୪**

# ସାମାଜିକ ଅଶାନ୍ତି ଓ ରାଜନୀତ



ପ୍ରଫୁଲ୍ଲ କୁମାର ପଣ୍ଡା

ସାମୂହିକ ଏବଂ ସାମଗ୍ରିକ ଭାବରେ ଦେଖିବାକୁ ଗଲେ ଆମ ରାଜ୍ୟ ଓଡ଼ିଶା ଭାରତରେ ଏକ ଶାନ୍ତିପ୍ରିୟ ପ୍ରଦେଶ । କାଁ ଭାଆଁ, ଘଟଣାକୁ ଛାଡ଼ିଦେଲେ ଓଡ଼ିଶାରେ ସାମାଜିକ ଶାନ୍ତି ଓ ସୌହାର୍ଦ୍ଦ୍ୟ ଉଦାହରଣ ସାପେକ୍ଷ । କିନ୍ତୁ ଅତି ଦୁଃଖ ଓ ପରିତାପର ବିଷୟ ଏହିକି ଯେ ଚଳିତବର୍ଷ ଦୁର୍ଗାପୂଜା ଭଷାଣୀ ଉତ୍ସବ ସମୟରେ ଏକ ଭୟଙ୍କର ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା । ତାହା ପରେ ପୁଣି ସାମ୍ପ୍ରଦାୟିକ ଗଣ୍ଡଗୋଳର ରୂପ ନେଇଥିଲା । ଯେହେତୁ ପ୍ରଥମ ଦିନର ଗଣ୍ଡଗୋଳରେ ବହୁସଂଖ୍ୟକ ସମ୍ପ୍ରଦାୟର କେତେ ଜଣ ଆହତ ହେଇ ଥିଲେ ଏବଂ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଥିଲେ ସେଥିପଇଁ ସେମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଏକ ସଙ୍ଗଠନ କଟକ ସହର ବନ୍ଦ ଡାକରା ଦେଇଥିଲେ । କିନ୍ତୁ ହଠାତ୍ କଟକ ବନ୍ଦ ପୂର୍ବ ଦିନ ସନ୍ଧ୍ୟା ସମୟରେ ଏକ ଭୟଙ୍କର ପରିସ୍ଥିତି ଉପୁଜିଥିଲା । ପୋଲିସକୁ ଲାଠି ଚାର୍ଜ କରିବାକୁ ପଡ଼ିଥିଲା । ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ କଟକ ଡିସିପିଙ୍କ ସମେତ ଅନେକ ପୋଲିସ କର୍ମଚାରୀ କର୍ତ୍ତବ୍ୟରତ ଅବସ୍ଥାରେ ଶାନ୍ତି ରକ୍ଷା କରିବାକୁ ଯାଇଥିବା ବେଳେ ପ୍ରଦର୍ଶନକାରୀଙ୍କ ଆକ୍ରମଣର ଶିକାର ହୋଇ ଆହତ ହେଲେ । କଟକ ସହରରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ ରହିଲା ଏବଂ ୩୬ ଘଣ୍ଟା ପାଇଁ ୧୩ଟି ଥାନା ଅଞ୍ଚଳରେ କର୍ଫ୍ୟୁ ଜାରି କରାଗଲା । ସାଧାରଣ ଜନତା ହଇରାଣ ହରକତ ହେଲେ । କଟକ ସହରକୁ ପୋଲିସ ଛାଉଣୀରେ ପରିଣତ କରିଦିଆଗଲା । କଟକବାସୀ ସମ୍ପୂର୍ଣ ସ୍ତବ୍ଧ ଏବଂ ଅତ୍ୟନ୍ତ ବିବ୍ରତ ଅବସ୍ଥାରେ ଥିଲେ । ଭଗବାନଙ୍କୁ ଅନେକ ଅନେକ ଧନ୍ୟବାଦ ଦେବା ଯେ ଓଡ଼ିଶା ପୋଲିସର ଠିକଣା ଓ ସମୟ ଉପଯୋଗୀ କାର୍ଯ୍ୟାନୁଷ୍ଠାନ, ତତ୍ପରତା ଯୋଗୁ ବଡ଼ ଅଘଟଣକୁ ଏଡାଇ ଦିଆ ଯାଇପାରିଲା । ନିରବଛିନ୍ନ ବର୍ଷା ଓ ପ୍ରତିକୂଳ ପରିସ୍ଥିତିରେ ପୋଲିସ ଓ ସୁରକ୍ଷା ବାହିନୀର ଯବାନମାନେ ଯେଉଁଭଳି କର୍ତ୍ତବ୍ୟ ସମ୍ପାଦନ କଲେ ତାହା ନିଶ୍ଚିତ ଭାବରେ ପ୍ରଶଂସନୀୟ ଓ ସେମାନଙ୍କ ସେବା ପାଇଁ ଆନ୍ତରିକ ଅଭିନନ୍ଦନ ଓ ଧନ୍ୟବାଦ୍ । କଟକରେ ଏଭଳି ଏକ ଅଘଟଣ ସାଧାରଣ ଲୋକଙ୍କୁ ବିବ୍ରତ କରିଥିଲା ।

ଏବେ ଆସନ୍ତୁ, ସମାଜରେ ଘଟୁଥିବା ଅଶାନ୍ତିକର ପରିବେଶ ପାଇଁ କେଉଁମାନେ ଓ କେଉଁ କାରଣ ଦାୟୀ ତା'ଉପରେ ଆଲୋକପାତ କରିବା । ସାମାଜିକ ଅଶାନ୍ତି କହିଲେ ଆମେ ସାଧାରଣତଃ ସମାଜରେ ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଘଟୁଥିବା ଗୋଷ୍ଠୀ ସଂଘର୍ଷ, ସମ୍ପ୍ରଦାୟକ ଦଙ୍ଗା ବା ଉତ୍ତେଜନା, ଜାତି ଗତ ଦଙ୍ଗା, ଭାଷା ଭିତ୍ତିକ ଦଙ୍ଗା, ଧର୍ମ ନାମରେ ବିଦ୍ୱେଷ, ଗୋଟିଏ ଧର୍ମ ଭିତରେ ଥିବା ବିଭିନ୍ନ ବର୍ଗଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଇତ୍ୟାଦି ଇତ୍ୟାଦି । ଏପରିକି ଗ୍ରାମ ଗ୍ରାମ ଭିତରେ ସଂଘର୍ଷ, ସାହି ସାହି ଭିତରେ ସଂଘର୍ଷ ମଧ୍ୟ ସାମାଜିକ ଅଶାନ୍ତି ସୃଷ୍ଟି କରିଥାଏ । କେବେ କେବେ ସମାଜର ବିଭିନ୍ନ ଗୋଷ୍ଠୀର ନେତାମାନଙ୍କ ମଧ୍ୟରେ ସାମୂହିକ କିମ୍ବା ବ୍ୟକ୍ତିଗତ ମନୋମାଳିନ୍ୟ ଥିଲେ ସମାଜରେ ଅଶାନ୍ତିର ସୂତ୍ରପାତ ହୁଏ । ତେବେ ଅଧିକାଂଶ ସମୟରେ ରାଜନେତାମାନଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରୋତ୍ସାହନରେ ସମାଜରେ ଗଣ୍ଡଗୋଳ ଓ ଦଙ୍ଗା ହେଉଥିବାର ଦେଖାଯାଉଛି । କ୍ଷୁଦ୍ର ରାଜନୈତିକ ଫାଇଦା ପାଇଁ ହେଉ କିମ୍ବା ଦଳରେ ନିଜର ପତିଆରା ପ୍ରଦର୍ଶନ କରିବାର ଅଭିସନ୍ଧି ହେଉ, ରାଜନେତାମାନେ ସମାଜରେ ବିଭେଦ, ବିଭାଜନ ଓ ବିଭ୍ରାଟ ସୃଷ୍ଟି କରିବାକୁ ପଛାଉ ନାହାଁନ୍ତି ।

ଏବେ ଭାଷା ଭିତ୍ତିକ ବିଦ୍ୱେଷ ମହାରାଷ୍ଟ୍ରରେ ମଧ୍ୟ ଦେଖାଦେଇଛି । ମରାଠୀ କହିବାକୁ ବାଧ୍ୟ କରାଯାଉଛି ଏବଂ ଅନ୍ୟ ଭାଷାଭାଷୀ ଲୋକଙ୍କୁ ଆକ୍ରମଣ କରାଯାଉଛି । ଅବଶୋଷର କଥା ଏହିକି ଯେ, ଆକ୍ରମଣକାରୀ ନେତା ଓ କର୍ମୀମାନେ ଆଇନରୁ ଉର୍ଦ୍ଧ୍ୱରେ ଏବଂ ରାଜନୈତିକ କାରଣ ହେତୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ନିର୍ବାଚନ ସମୟ ଆସିଲେ ଏହି ଜାତିବାଦ ଭିତ୍ତିକ ବାକ୍‌ବିତଣ୍ଡା ଖୁବ୍ ଚାଲେ । ଉଚ୍ଚ ଜାତି, ଦଳିତ, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ରାଜପୁତ, ଜାଠ, ଠାକୁର, ଯାଦବ, କୁର୍ମି ଇତ୍ୟାଦି ଇତ୍ୟାଦି ଜାତି ଓ ସମ୍ପ୍ରଦାୟକୁ ନେଇ ରାଜନୈତିକ ଦଳ ଓ ନେତାମାନେ ସେମାନଙ୍କ ରଣନୀତି ସ୍ଥିର କରନ୍ତି । ଚଳିତ ବିହାର ବିଧାନସଭା ନିର୍ବାଚନ ଦୃଷ୍ୟପଟ୍ଟକୁ ଦେଖିଲେ ଜଣା ଯାଉଛି ଯେମିତି ସେଠି ଜାତି ଓ ସମ୍ପ୍ରଦାୟକୁ ନେଇ ହିଁ ନିର୍ବାଚନ ବୈତରଣୀ ପାରି ହେବାପାଇଁ ସମସ୍ତେ ଚେଷ୍ଟିତ । ଏହି ପରିପେକ୍ଷୀରେ କୁହାଯାଇପାରିବ ଯେ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସମାଜରେ ବିଭାଜନ, ବିବାଦ, ବିଶୃଙ୍ଖଳା, ଦଙ୍ଗା ସୃଷ୍ଟି ପଛରେ ରାଜନୀତି ଓ ରାଜନେତା ଦାୟୀ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଆଲୋଚନା କରିବାର ଆବଶ୍ୟକତା ଅଛି । ଆମ ଦେଶରେ କୌଣସି ଅପରାଧ ଯେମିତିକି ହତ୍ୟା, ଧର୍ଷଣ, ଅପହରଣ ଇତ୍ୟାଦିକୁ ସାମ୍ପ୍ରଦାୟିକ ଏବଂ ଜାତିଗତ ରଙ୍ଗ ଦିଆଯାଇ, ଘଟଣାର ଅପପ୍ରଚାର କରାଯାଏ । ଯଦି କୌଣସି ଜାଗାରେ ସାଧାରଣ ବର୍ଗର କୌଣସି ଝିଅ ବା ମହିଳାକୁ ବଳାତ୍କାର ଏବଂ ହତ୍ୟା କରାଯାଏ, ତାହାକୁ ସାଧାରଣ ଘଟଣା ଭାବେ ଗ୍ରହଣ କରାଯାଏ । ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । କିନ୍ତୁ ଯଦି ପୀଡ଼ିତା ଅନୁସୂଚିତ ଜାତି, ଆଦିବାସୀ, ଦଳିତ କିମ୍ବା ଅଳ୍ପସଂଖ୍ୟକ ସମ୍ପ୍ରଦାୟର ହୋଇଥାନ୍ତି ତେବେ ଏପରି ଘଟଣାର ରୂପରେଖ ଅଲଗା ହୁଏ । ପୀଡିତାର ଜାତି ଓ ସମ୍ପ୍ରଦାୟ ନେଇ ରାଜନେତାମାନେ ତାଙ୍କୁ ସୁହାଉଥିବା କାର୍ଯ୍ୟକ୍ରମ ସ୍ଥିର କରନ୍ତି । ପୋଡ଼ାଜଳା, ରାସ୍ତା ବନ୍ଦ, ସହର ବନ୍ଦ, ବଜାର ବନ୍ଦ ଇତ୍ୟାଦି କାର୍ଯ୍ୟକ୍ରମ ବିରୋଧୀ ଦଳ ତରଫରୁ ଆରମ୍ଭ ହୁଏ । ଗଣମାଧ୍ୟମଗୁଡ଼ିକ ମଧ୍ୟ ସେଭଳି ପ୍ରଚାର ପ୍ରସାରରେ ଲାଗି ପଡ଼ନ୍ତି । ଏ କ୍ଷେତ୍ରରେ ଯଦି ଅପରାଧୀ ଭିନ୍ନ ସମ୍ପ୍ରଦାୟର ହୋଇଥାଏ ତେବେ କଥା ସରିଲା । ଘଟଣାକୁ ତୁରନ୍ତ ସାମ୍ପ୍ରଦାୟିକ ରଙ୍ଗ ଦିଆଯାଏ ଏବଂ ବିଭିନ୍ନ ପ୍ରକାର ପ୍ରତିରୋଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ତେବେ ଆମେ ବୁଝିପାରୁନୁ ଯେ ପୀଡ଼ିତା ସାଧାରଣ ବର୍ଗର ହେଉ କିମ୍ବା ଅନ୍ୟ କୌଣସି ବର୍ଗର, ସେ ଜଣେ ମହିଳା ଭାବେ ନିର୍ଯାତନାର ଶିକାର ହୋଇଛି । କୌଣସି ନିର୍ଦ୍ଦିଷ୍ଟ ବର୍ଗରେ ହେଲେ ତା'ର କଷ୍ଟ ଯନ୍ତ୍ରଣା କମ୍ କି ବେଶୀ ହେବନି ।

ଏଠି ଗୁରୁତ୍ୱପୂର୍ଣ ପ୍ରସଙ୍ଗ ହେଉଛି ସାମ୍ପ୍ରତିକ ପରିସ୍ଥିତିରେ ଆମେ ସମ୍ପୂର୍ଣ ଶାନ୍ତିପୂର୍ଣ ବାତାବରଣ ଆଶା କରି ପାରିବା କି ? ରାଜନୈତିକ ଦଳ ଏବଂ ନେତାମାନଙ୍କ ଅଶାନ୍ତି ସୃଷ୍ଟିକାରୀ ଏବଂ ବିଘଟନକାରୀ ଚିନ୍ତାଧାରା ଓ ହିଂସାତ୍ମକ କାର୍ଯ୍ୟକ୍ରମ ବନ୍ଦ କରାଯାଇ ପାରିବକି? ଦେଶରେ ଓ ସମାଜରେ ସମସ୍ତଙ୍କ ପାଇଁ ସମାନ ନ୍ୟାୟ ଏବଂ ଆଇନର ଶାସନ ପ୍ରତିଷ୍ଠା ହୋଇପାରିବ କି? ଗଣମାଧ୍ୟମମାନେ ନିରପେକ୍ଷ ଭାବରେ ପ୍ରସଙ୍ଗଗୁଡ଼ିକୁ ଜନସମୁଖରେ ଉପସ୍ଥାପନ କରିବା ପାଇଁ ସକ୍ଷମ କି? ଆମ ବିଚାରରେ ଏସବୁ ବୁଢ଼ିଆଣୀ ଜାଲ । ସେଥିରୁ ଗୋଟେ ଖିଅ ବାହାର କରାଯାଇ ପାରିବନି । କାରଣ ଆମ ଦେଶର ରାଜନୈତିକ ଦୃଶ୍ୟପଟକୁ ଗୋଟିଏ ଅପେରା ପାର୍ଟି ସଙ୍ଗେ ତୁଳନା କରାଯାଇପାରେ । ଯାତ୍ରା ଦଳରେ ବିଭିନ୍ନ ଭୂମିକା ଯଥା ନାୟକ, ନାୟିକା, ଖଳନାୟକ, ପାର୍ଶ୍ୱ ଚରିତ୍ର, ହାସ୍ୟକାର ଇତ୍ୟାଦି ଭୂମିକାରେ ବିଭିନ୍ନ କଳାକାର ଅବତୀର୍ଣ୍ଣ ହୋଇ ସେ ଚରିତ୍ରଟି ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରନ୍ତି । ସେମାନେ ନାଟ୍ୟକାରଙ୍କ ଲିଖିତ ପଙ୍‌କ୍ତି ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା ଶିଖାଯାଇଥିବା ଅଭିନୟ ଉପସ୍ଥାପନା କରିଥାନ୍ତି। ଯାତ୍ରା ସରିଲେ ଚରିତ୍ର ସରିଲା । ଆଉ ଗୋଟେ ଯାତ୍ରାର ଅଲଗା ଚରିତ୍ର, ଅଲଗା ସଂଳାପ ଓ ଅଲଗା ଅଭିନୟ । ଟିକିଏ ଗଭୀର ଭାବରେ ଚିନ୍ତା କରନ୍ତୁ ତ, ଆପଣଙ୍କୁ ପ୍ରତ୍ୟେକ ରାଜନୈତିକ ଦଳ ଏକ ଯାତ୍ରା ପାର୍ଟି ଭଳି ମନେ ହୁଅନ୍ତି । ରାଜନେତା ଓ କର୍ମୀମାନେ କୌଣସି ରାଜନୈତିକ ଦଳ ସାମାଜିକ ବାଛବିଚାର ଉର୍ଦ୍ଧ୍ୱରେ ନୁହନ୍ତି । ଯଦିଓ ସେମାନଙ୍କ ଭାଷଣ ସମାଜ ସୁଧାରିବା ଦିଗରେ ଉଦ୍ଦିଷ୍ଟ, କିନ୍ତୁ ଅସଲରେ ସବୁ ରାଜନୈତିକ ଦଳ ଭିତରେ ଜାତିବାଦ, ସାମ୍ପ୍ରଦାୟିକ ଚିନ୍ତାଧାରା, ଶୋଷଣ, ଦୁର୍ନୀତି ଓ ଅନୀତି ଭରି ରହିଛି । ଯେଉଠି ସାଶକ ଦଳ ସେଠି ଗୋଟେ ଭାଷା, ଯେଉଁଠି ଶାସକ ଦଳ ସେଠି ଏକା ପ୍ରସଙ୍ଗରେ ଠିକ ବିପରୀତ ଭାଷା । ସମସ୍ତେ ସୁବିଧା ପାଇଲେ ସରଳ ଜନତାଙ୍କର ଅଶିକ୍ଷା ଓ ଦରିଦ୍ରତାର ଫାଇଦା ଉଠାନ୍ତି । ରାଜନୈତିକ ସୁବିଧା ପାଇଁ ସମାଜରେ ଅଶାନ୍ତି ସୃଷ୍ଟି କରନ୍ତି । ସମସ୍ତେ ଏକ ଲାଉର ମଞ୍ଜି ଭଳି ରାଜନୈତିକେ ସ୍ୱାର୍ଥ ସର୍ବାଗ୍ରେ ଏବଂ ସାମାଜିକ ସ୍ୱାର୍ଥ ଓ ଜନକଲ୍ୟାଣ ପଛରେ ।

ତେବେ ଏହି ପରିସ୍ଥିତିରେ ଆମେ ସାଧାରଣ ଜନତା କିଂକର୍ତ୍ତବ୍ୟ ବିମୂଢ଼ ନହୋଇ ଆଶାବାଦୀ ହେବାର ଯଥେଷ୍ଟ କାରଣ ଅଛି । ରାଜନୈତିକ ଦଳ ଓ ରାଜନେତାମାନେ ଆମ ଗଣତାନ୍ତ୍ରିକ ପ୍ରକ୍ରିୟାର ଅଭିନ୍ନ ଅଙ୍ଗ । ତାଙ୍କୁ ସମ୍ପୂର୍ଣ ଭାବେ ଦୃଶ୍ୟପଟରୁ ବିଲୁପ୍ତ କରିବା ଚିନ୍ତାଧାରା ଅବାସ୍ତବ ଓ ଅକଳ୍ପନୀୟ । ଆମେ ସମସ୍ତେ ବିଶେଷକରି ଯୁବବର୍ଗ ହୃଦବୋଧ କରିବା ଉଚିତ ଯେ ଜନତା ହିଁ ରାଜନେତା ଓ ଦଳର ଶକ୍ତି । ଆମ ବଳରେ ସେମାନେ ବଳିୟାନ । ଆମକୁ ଅଧିକ କ୍ରିୟାଶୀଳ ହେବାର ଅଛି । ସେମାନଙ୍କ ଚାଲ୍ ଓ ବିଭିନ୍ନ ଜନବିରୋଧୀ କାର୍ଯ୍ୟକଳାପକୁ ଦୃଢ଼ଭାବରେ ପ୍ରତିବାଦ କରିବାର ଅଛି । ଦରକାରପଡ଼ିଲେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମାର୍ଗରେ ବିଦ୍ରୋହ କରିବାର ଅଛି । ସେମାନଙ୍କୁ ସ୍ୱେଚ୍ଛାଚାରୀ ଓ ଲଗାମଛଡ଼ା ଆଚରଣରୁ ନିବୃତ୍ତ କରିବାକୁ ହେବ । କିନ୍ତୁ ଦୁଃଖର ବିଷୟ ଆମେ ସାଧାରଣ ଜନତା ରାଜନେତା ଓ ରାଜନୀତି ଆଗରେ ଆତ୍ମସମର୍ପଣ କରିଦେଉଛେଁ । ଆପେ ବଞ୍ଚିଲେ ବାପର ନାଁ ନୀତିରେ ଉଦାସୀନ ଭାବ ପ୍ରଦର୍ଶନ କରୁଛେଁ । ଏବେ ସମୟ ଆସିଛି ଆମେ ମହାନ ବିପ୍ଳବୀ କବି ଗୋଦାବରୀଶ ମହାପାତ୍ରଙ୍କ କାଳଜୟୀ କବିତା 'ଉଠ କଙ୍କାଳ, ଜାଗ ଦୁର୍ବଳ'କୁ ମନେପକାଇ ସାମାଜିକ ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଏକଜୁଟ ହୋଇ ଆମର ମହାନ ଭାରତୀୟ ଦର୍ଶନ 'ବସୁଧୈବ କୁଟୁମ୍ବକମ'ର ଆଭିମୁଖ୍ୟକୁ ପ୍ରତିପାଦିତ କରି ସମାଜରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବା ।

**ମୋ: ୯୯୩୭୦୮୦୭୧୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ...

ଶୀତରେ ଥରୁଛି କନ୍ଧମାଳ ଜିଲ୍ଲା । ଏଠାରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି ପାରଦ । ୫ ଡିଗ୍ରୀ ତଳେ ରହୁଛି ତାପମାତ୍ରା । ଜି.ଉଦୟଗିରି ଓ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ତଳେ ରହୁଛି । ଆଜି(ବୁଧବାର) ସକାଳ ୫ଟା ୩୦ରେ ଝାରସୁଗୁଡ଼ା ତାପମାତ୍ରା ୭ଡିଗ୍ରୀ ରେକର୍ଡ କରାଯାଇଛି । ୧୨ ସହରରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ପାରଦ ରହିଛି । ୧୧ ଓ ୧୨ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ଶୀତ ଲହରୀ ପ୍ରବାହିତ ହେବ ।

ପ୍ରାୟ ଜିଲ୍ଲାରେ ପ୍ରବଳ ଶୀତ ଲହରୀ ଜାରି ରହିଛି । ଦିନ ତମାମ କୋହଲା ଶୀତର ପ୍ରଭାବ ରହୁଥିବା ବେଳେ ସନ୍ଧ୍ୟା ୫ଟା ପରେ ଶୀତର ପ୍ରକୋପ ବଢ଼ିବାରେ ଲାଗୁଛି । ମଧ୍ୟରାତ୍ରରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି । ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ପାହାନ୍ତିଆରୁ ଘନ କୁହୁଡି ପାଇଁ ଜିରୋ ଭିଜିବିଲିଟି ଲୋକଙ୍କ ଯାତାୟତରେ ବି ସମସ୍ୟା ଉପୁଜୁଛି । ମଣିଷ ତ ମଣିଷ, ଗୃହପାଳିତ ପ୍ରାଣୀ ବି ପ୍ରବଳ ଜାଡ଼ରେ କଷ୍ଟ ଭୋଗୁଛନ୍ତି ।

ବୁଧବାର ଭୋରରୁ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ଚିପିଲିମାରେ ୭.୬ ଡିଗ୍ରୀ, କିରେଇରେ ୮.୧ ଡିଗ୍ରୀ, ଭବାନୀପାଟଣାରେ ୮.୮ ଡିଗ୍ରୀ, ଅନୁଗୁଳରେ ୯ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୯ ଡିଗ୍ରୀ, ରାଉରକେଲାରେ ୯.୧ ଡିଗ୍ରୀ, ସୁନ୍ଦରଗଡ଼ରେ ୯.୨ ଡିଗ୍ରୀ, ନବରଙ୍ଗପୁରରେ ୯.୮ ଡିଗ୍ରୀ, ବଲାଙ୍ଗୀରରେ ୧୦ ଡିଗ୍ରୀ, କଟକ ୧୨.୬ ଡିଗ୍ରୀ ଏବଂ ଭୁବନେଶ୍ୱର ୧୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## କୋଭିଙ୍କ...

କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ଗଠନ କରାଯାଇଛି । କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଓ ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ । ଏହି କମିଟିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋସଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି ।

## ଏସ୍‌ଆଇଆର୍...

ଏସ୍‌ଆଇଆର୍ ଯୋଗୁ ବେଆଇନ ଅନୁପ୍ରବେଶକାରୀଙ୍କ ନାମ କଟାଯାଉଛି । ଯେଉଁମାନେ ବିରୋଧୀଙ୍କୁ ଭୋଟ ଦେଉଛନ୍ତି । ରାହୁଲ ହସ୍ତକ୍ଷେପ କରି ତୁରନ୍ତ କହିଲେ ଭୋଟ ଚୋରି ନେଇ ସେ ଅଭିଯୋଗ କରିଛନ୍ତି ଓ ଏହା ଉପରେ ବିତର୍କ କରିବା ପାଇଁ ଆହ୍ୱାନ ଦେଇଥିଲି । ତୁରନ୍ତ ଶାହା ଏହାର ଜବାବ ଦେଇ କହିଥିଲେ ଯେ ମୁଁ ଯାହା କହିବି ମୁଁ ସ୍ଥିର କରିବି । ଶୁଣିବା ପାଇଁ ଧୈର୍ଯ୍ୟ ଧରନ୍ତୁ । କେଉଁ କ୍ରମରେ କୁହାଯିବ ତାହା ଉଲ୍ଲେଖ କରିବି । ଏହାପରେ ରାହୁଲ ଗାନ୍ଧି କହିଥିଲେ ଯେ ଗୃହ ମନ୍ତ୍ରୀ ଭୟଭୀତ ହୋଇ ଉତ୍ତର ଦେଉଛନ୍ତି । ଏହା ସତ ଉତ୍ତର ନୁହେଁ । ଶ୍ରୀ ଶାହା କହିଥିଲେ ଯେ ଆପଣଙ୍କ ଦ୍ୱାରା ଉତ୍ତେଜିତ ହେବି ନାହିଁ । ନିଜସ୍ୱ ଶୈଳୀରେ କହିବି । ମୋର ଭାଷଣ ମୋ ଇଚ୍ଛା ଅନୁସାରେ ଚାଲିବ । ବିରୋଧୀ ଦଳ ନେତା ହୋଇଥିବାରୁ ଆପଣଙ୍କର କହିବାର ଅଧିକାର ରହୁଛି । ମୁଁ ବୁଝିପାରୁଛି ସେ କାହିଁକି କହୁଛନ୍ତି । ଆପଣ କହିବା ବେଳେ ଠିଆ ହୋଇ କହିନଥିଲୁ ଯେ ଆପଣ ମିଛ କହୁଛନ୍ତି । ଶ୍ରୀ ଶାହା କହିଥିଲେ ଯେ ରାହୁଲଙ୍କ ହାଇଡ୍ରୋଜେନ ବମ୍ କେବଳ ଭୋଟ ଚୋରି ବାବଦରେ ଏକ ଧାରଣା ସୃଷ୍ଟି କରାଯାଉଛି । କେତେକ ପରିବାର ଅଛନ୍ତି ବଂଶାନୁଗତ ଭାବେ ଭୋଟ ଚୋରି କରିଛନ୍ତି । ସେ ନେହରୁ ଓ ଗାନ୍ଧି ପରିବାରକୁ ଇଙ୍ଗିତ କରିଥିଲେ । ସେହିଭଳି ଶ୍ରୀ ଶାହା କହିଥିଲେ ଯେ ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲ ୨୮ ଭୋଟ କଂଗ୍ରେସ ପ୍ରେସିଡେନ୍ସିରୁ ପାଇଥିଲେ । ଜବାହରଲାଲ ନେହରୁ ୨ ଭୋଟ ପାଇଥିଲେ । ହେଲେ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ । ଏହା ହେଉଛି ଭୋଟ ଚୋରି । ଦ୍ୱିତୀୟ ଭୋଟ ଚୋରି ଇନ୍ଦିରା ଗାନ୍ଧି କରିଥିଲେ ଓ କୋର୍ଟ ତାଙ୍କ ନିର୍ବାଚନକୁ ଖାରଜ କରିଥିଲେ । ୧୯୭୫ରେ ଆହ୍ଲାବାଦ ହାଇକୋର୍ଟ ନିର୍ବାଚନରେ ଅନିୟମିତତା କରିଥିବାରୁ ଇନ୍ଦିରା ଗାନ୍ଧିଙ୍କୁ ଦୋଷୀ କରିବା ସହ ରାଇବରେଲୀରୁ ସେ ଜିତିଥିବା ନିର୍ବାଚନକୁ ବାତିଲ କରିଥିଲେ । ୬ ବର୍ଷ ପାଇଁ କୌଣସି ସରକାରୀ ପଦବୀରେ ନରହିବା ପାଇଁ ଅଯୋଗ୍ୟ ଘୋଷିତ କରିଥିଲେ । ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ସଂରକ୍ଷିତ ରଖିଥିଲେ ଓ ଜରୁରୀକାଳୀନ ପରିସ୍ଥିତିରେ ନିର୍ବାଚନ ଆଇନକୁ ସଂଶୋଧନ କରାଯାଇଥିଲା । ଏସ୍‌ଆଇଆର୍ ହେଉଛି ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ଏକ ପ୍ରକ୍ରିୟା । ଗଣତନ୍ତ୍ରରେ ନିର୍ବାଚନ ପରିଚାଳନାରେ ଆଧାର ଥିବା ଭୋଟର ତାଲିକା ଦୂଷିତ ହୁଏ । ତେବେ ନିର୍ବାଚନ କିପରି ସ୍ୱଚ୍ଛ ହୋଇପାରିବ । ସମୟ ସମୟରେ ଭୋଟର ତାଲିକାର ସମ୍ପୂର୍ଣ୍ଣ ସଂଶୋଧନ ହେବାର ଆବଶ୍ୟକତା ରହିଛି ।

## ବ୍ରାଉନ୍‌ସୁଗର...

ଆମ କଥା ନମାନିବୁ ଓ ଦୁଇଜଣ ଟଙ୍କା ଜରିମାନା ନଦେବୁ ତେବେ ଏହି ଭିଡିଓକୁ ଏଆଇରେ ପ୍ରସ୍ତୁତ କରାଇ ରେପିଷ୍ଟ ବୋଲି ତୋତେ ଉପସ୍ଥାପିତ କରି ସୋସିଆଲ ମିଡିଆରେ ଭାଇରାଲ କରାଇଦେବୁ । ଏହି ନିର୍ଯାତନା ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟରେ ଗତ ୨୪ ତାରିଖରେ ଘଟିଥିବା ବେଳେ ନିର୍ଯାତିତ ଛାତ୍ର ଜଣଙ୍କ ଘରେ କହିନଥିଲେ । ଦିନକୁ ଦିନ ନିର୍ଯାତନା ବଢିବାରୁ ସେ ବାଧ ହୋଇ ମା'ଙ୍କୁ ସବୁକଥା କହିଥିଲେ ।

ନିର୍ଯାତିତ ଛାତ୍ରଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ଗଣମାଧ୍ୟମକୁ କହିଛନ୍ତି । ଏହି ନିର୍ଯାତନାରେ ନିର୍ଯାତିତ ଛାତ୍ରର କ୍ଲାସ୍‌ମେଣ୍ଟ, ଜଣେ ଛାତ୍ରୀ ଓ ଅନ୍ୟ କେତେକ ସିନିୟର ଛାତ୍ର ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି । ନିଶା କାରବାରକୁ ନେଇ କ୍ରାଇବ୍ରାଞ୍ଚ ଏସ୍‌ଟିଏଫ୍, କମିଶନରେଟ୍ ପୋଲିସ ଓ ରାଜ୍ୟ ପୋଲିସ ରାଜ୍ୟବ୍ୟାପୀ ଧରପଗଡ କରୁଥିବା ବେଳେ ଶିକ୍ଷାନୁଷ୍ଠାନ ପରିସରରେ ଝିଅ-ପୁଅ ମିଳିତ ଭାବେ ଡ୍ରଗ୍ସ ସେବନ କରିବା କେତେଦୂର ଯଥାର୍ଥ । ତାହା କିପରି ସମ୍ଭବ ହେଉଛି ।

ଅଭିଭାବକମାନେ ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇଁ ବେସରକାରୀ ବିଶ୍ୱବିଦ୍ୟାଳୟରେ ଅଧିକ ଟଙ୍କା ଖର୍ଚ୍ଚ କରି ପାଠ ପଢାଉଥିବା ବେଳେ ସେମାନେ ଏହିପରି କୁକାର୍ଯ୍ୟ କରିବା ସହ କୁକାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏପରିକି କେବଳ ସେବନ ନୁହେଁ ସେମାନଙ୍କ ମଧ୍ୟରୁ କେତେକ ବ୍ରାଉନସୁଗର କାରବାରରେ ଲିପ୍ତ ଥିବା କୁହାଯାଉଛି । ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ଡ୍ରଗ୍ସ ସେବନ ଓ କାରବାରର ପର୍ଦ୍ଦାଫାସ ହେବା ସହ ପୀଡିତ ଛାତ୍ର ନ୍ୟାୟ ପାଇବେ ବୋଲି ତାଙ୍କ ମା' ଗଣମାଧ୍ୟମକୁ କହିଛନ୍ତି ।

## ଓଡ଼ିଶା...

ଆନ୍ଦୋଳନ ବେଳେ ସେ ଗାନ୍ଧି ପରିବାରକୁ କଟୁ ସମାଲୋଚନା କରୁଥିଲେ । ସେଭଳି ଜଣେ ବ୍ୟକ୍ତି କିଭଳି କଂଗ୍ରେସର ନେତୃତ୍ୱ ନେଇପାରିବେ ବୋଲି ମୋକିମ ପ୍ରଶ୍ନ ଉଠାଇଛନ୍ତି । ମୋକିମ କହିଛନ୍ତି ବର୍ତ୍ତମାନ ଦଳର ଅବସ୍ଥା ଯାହା ପାରଦର୍ଶିତା, ଯୋଗ୍ୟତା ଓ ଦକ୍ଷତା ଆଧାରରେ ଯୁବ ନେତୃତ୍ୱର ଆବଶ୍ୟକତା ରହିଛି । କଂଗ୍ରେସକୁ ପୂନଃ ଜୀବନ ଦରକାର । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭକ୍ତ ଓ ତାଙ୍କ ପୁତ୍ର କୋସଲ ଆନ୍ଦୋଳନକୁ ସମର୍ଥନ କରିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ମୋକିମ ଚିଠିରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, କଟକରେ କଂଗ୍ରେସ ଜିତି ପାରୁନଥିଲା, ମୁଁ ଜିତାଇଛି । ୧୦ ମାସ ହେଲାଣି ଭକ୍ତ ନେତୃତ୍ୱ ନେଇଛନ୍ତି, ସେ କ'ଣ କରିଛନ୍ତି ? ସେ କଂଗ୍ରେସ ପରିବାରରୁ ଆସିନାହାଁନ୍ତି । ଜନତା ଦଳରୁ ଆସିଛନ୍ତି । ବୁଥ ଲେବୁଲକୁ ସେ ଯାଇନାହାଁନ୍ତି । କେବଳ ଭୁବନେଶ୍ୱରରେ ବସିଲେ କିଛି ହେବ ନାହିଁ ବୋଲି ମୋକିମ ଉଲ୍ଲେଖ କରିଛନ୍ତି ।

ଏହା ସହିତ ଦଳର ହାଇକମାଣ୍ଡଙ୍କୁ ମଧ୍ୟ ସମାଲୋଚନା କରିବା ପାଇଁ ସେ ପଛାଇନାହାଁନ୍ତି । ସେ କହିଛନ୍ତି, ଓଡିଶାରେ କଂଗ୍ରେସକୁ ସୁଦୃଢ କରିବା ପାଇଁ ହାଇକମାଣ୍ଡ ଚାହୁଁନାହାଁନ୍ତି । ସେ ବିଧାୟକ ଥିଲା ବେଳେ ୩ ବର୍ଷ ମଧ୍ୟରେ ରାହୁଲଙ୍କୁ ଦେଖାକରିବାକୁ ସୁଯୋଗ ପାଇନାହାଁନ୍ତି । ବର୍ତ୍ତମାନ ଦଳର ଜାତୀୟ ସଭାପତି ଶ୍ରୀ ଖଡଗେଙ୍କୁ ୮୩ ବର୍ଷ ହେଲାଣି । ସେ କିପରି ଯୁବ ଗୋଷ୍ଠୀଙ୍କୁ ନେତୃତ୍ୱ ଦେବେ ? ମୁଁ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖିଛି, ଆଶା ସେ ବିଚାର କରିବେ ବୋଲି ଶ୍ରୀ ମୋକିମ କହିଛନ୍ତି ।

ମୋକିମଙ୍କର ଏହି ବୟାନ୍ ଓ ଚିଠିଲେଖାକୁ ନେଇ କଂଗ୍ରେସରେ ଝଡ ସୃଷ୍ଟି ହୋଇଛି । ତେବେ ତାଙ୍କ ପତ୍ରକୁ ନେଇ ହାଇକମାଣ୍ଡ କି ନିଷ୍ପତ୍ତି ନେଉଛନ୍ତି ଓ ରାଜ୍ୟ କଂଗ୍ରେସର ଗତି କୁଆଡେ ଯାଉଛି ତାହା ଦେଖିବାକୁ ବାକି ରହିଲା ।

# ସ୍ୱାବଲମ୍ବୀ ଓଡ଼ିଶାର ଚା ଖଟି କର୍ମଶାଳା, ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ,(ସବ୍ୟୁ): ଭଦ୍ରକର ସିଏମ ଫିଟନେସ କ୍ଲବର ସମ୍ମିଳନୀ କକ୍ଷରେ ସ୍ୱାବଲମ୍ବୀ ଓଡିଶା ଓ ଅଭୟକ୍ତି ଟେକର ମିଳିତ ଉଦ୍ୟମରେ ଆୟୋଜିତ ଏହି ଚା ଖଟି ନାମକ ଆଲୋଚନା ଓ ଭାବ ବିନିମୟ କାର୍ଯ୍ୟକ୍ରମରେ ସ୍ୱାବଲମ୍ବୀ ଓଡ଼ିଶାର ଅଧ୍ୟକ୍ଷ ତଥା ଟେଷ୍ଟ କେ୍‌ୱଷ୍ଟର ପ୍ରତିଷ୍ଠାତା ସଦାଶିବ ମିଶ୍ର ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଛି ।।ସ୍ୱାବଲମ୍ବୀ ଓଡିଶାର ସଦସ୍ୟ ତଥା ଅଭ୍ୟକ୍ତି ଟେକର ପ୍ରତିଷ୍ଠାତା ଅଧ୍ୟକ୍ଷ ଜୀବନ ଜ୍ୟୋତି ମହାକୁଡ଼ କର୍ମଶାଳାକୁ ଉଦଘାଟନ କରି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ଅଂଶ ଗ୍ରହଣ କରିଥିବା ଭଦ୍ରକର ଜଣେ ସଫଳ ଯୁବଦ୍ୟୋଗୀ "କଲ୍ୟାଣୀ ଗ୍ରୁପ ଅଫ କମ୍ପାନୀର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବିଭୁଚନ୍ଦନ ଜେନା ଓ ଯୁବ ଉଦ୍ୟୋଗୀ ସିଏମ ଫିଟନେସ କ୍ଲବର ପ୍ରତିଷ୍ଠାତା,ଓ୍ୱେଲନେସ୍ କୋଚ ଚନ୍ଦନ ମହାପାତ୍ରଙ୍କୁ ଶ୍ରୀମିଶ୍ର ପୁଷ୍ପଗୁଚ୍ଛ,ଉତରୀୟ ଓ ମେମେଂଟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ସାମ୍ବାଦିକଙ୍କ ସମେତ ସଫଳ ଯୁବଦ୍ୟୋଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କର୍ମଶାଳାରେ ଭଦ୍ରକର ବହୁ ଉଦ୍ୟୋଗୀ, ବ୍ୟବସାୟୀ,ଷ୍ଟାର୍ଟଅପ୍ ସଂସ୍ଥାପକ,ନିବେଶକ ଏବଂ ନବାଚାରୀମାନେ ସକ୍ରିୟ ଅଂଶ ଗ୍ରହଣ କରି ଭାବରେ ଭଦ୍ରକକୁ ନବାଚାର,ଉଦ୍ୟମୀତା ଓ ପ୍ରଯୁକ୍ତିର ଉଦିୟମାନ କେନ୍ଦ୍ର ଭାବେ ଗଢ଼ି ତୋଳିବାର ଶପଥ ନେଇଥିଲେ ।

# ସମାଜକୁ ବଦଳାଇବାରେ ସାହିତ୍ୟର ରହିଛି ବଳିଷ୍ଠ ଭୂମିକା




ଭୁବନେଶ୍ୱର (ସବ୍ୟୁ) ସାରସ୍ୱତ ସମାଜ, ଓଡିଶା, ଭୁବନେଶରର ଡ଼ିସେମ୍ବର-୨୫ର ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟୟୁନିଟ-୩ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡକଫର ଉଷାରାଣୀ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକା ତଥା ବରିଷ୍ଠ ପୋଲିସ ପଦାଧିକାରୀ ଶ୍ରୀମତୀ ମାନସୀ ପାତ୍ର ଆମ ଓଡିଆ ସାହିତ୍ୟର ଆଙ୍ଗିକ ଅଭିବୃଦ୍ଧି ବିଶ୍ୱ ସାହିତ୍ୟିକୁ ଚାହିଁ ଯଥେଷ୍ଟ ହୋଇଛି । ବିଶ୍ୱ ସାହିତ୍ୟିକୁ ଅନୁସରଣ କରି ଆମ ସାହିତ୍ୟରେ ନୂତନ ଦିଗନ୍ତ ସୃଷ୍ଟି ହୋଇଛି ବୋଲି ମତବ୍ୟକ୍ତ କରିବା ସହିତ ଅନୁଷ୍ଠାନର ମାତୃଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ତଥା ସଂଯାଜକ ଭାବରେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକ ତଥା ସୁସାହିତ୍ୟିକ ଯୋଗେନ୍ଦ୍ର କୁମାର ନାୟକ ସାହିତ୍ୟ କେବେ କଳ୍ପନା ବିଳାସୀ ବା ସ୍ୱପ୍ନଜୀବୀ ହୋଇପାରେନା । ସାହିତ୍ୟ ସର୍ବଦା ବାସ୍ତବ ଜୀବନକୁ ପାଥେୟ କରି ଗଢି ଉଠିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ବର୍ତ୍ତମାନ ଶୋଷଣ ଓ ଦୁର୍ନୀତିରେ ଭରପୁର ସମାଜକୁ ବଦଳାଇବାରେ ସାହିତ୍ୟର ବଳିଷ୍ଠ ଭୂମିକା ରହିଛି ବୋଲି କହିଥିଲେ । ପରେ କବି ଯୋଗେନ୍ଦ୍ର କୁମାର ନାୟକ ଓ କବୟତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ ସର୍ବଶ୍ରୀ ଅନନ୍ତ କୁମାର ଜେନା, ଉଷାରାଣୀ ମହାନ୍ତି, ଶଶୀପ୍ରଭା ଦାସ, ନିରୁପମା ରଥ, ପୀତାମ୍ବର ପରିଡା, ସନ୍ତୋଷ କୁମାର ଦାସ, ଧ୍ରୁବ ଚରଣ ସେଠୀ, ଶରତ ସାହୁ, ଚିତ୍ତରଞ୍ଜନ ନନ୍ଦ, ନର୍ମଦା ଦୋରା, ଜଗନ୍ନାଥ ନାୟକ, ବଟକୃଷ୍ଣ ପଣ୍ଡା, ଅରୁଣ କୁମାର ଡାକୁଆ,ଭାସ୍କର ମହାପାତ୍ର, ଅନନ୍ତ ଚରଣ ସାହୁ, ସବିତା ଶତପଥୀ, ବିରଞ୍ଚି ନାରାୟଣ ଶତପଥୀ, ଆହ୍ଲାଦିନୀ, ସତଯଶା ମିଶ୍ର, ନିରୂପମା ରାୟ, ରଞ୍ଜିତା ତ୍ରିପାଠୀ, ବୀଣାପାଣି ମିଶ୍ର, ଉଷାରାଣୀ ମହାନ୍ତି, ବାସନ୍ତୀ ତ୍ରିପାଠୀ, କ୍ଷେତ୍ର ମୋହନ ଦାଶ,ତରୁଣ କୁମାର ମିଶ୍ର, ଦେବରାଜ ନାୟକ, ବିଷ୍ଣୁ ପ୍ରିୟା ଜେନା, ଇତିଶ୍ରୀ ପତି, ପତିତପାବନ ପତି, ରଶ୍ମିତା ସାହୁ, ଭରତ ଚରଣ ବେହେରା, ବିଜୟ କୁମାର ବହଳୀ, ଅଲେଖ ଚରଣ ରାଉତ ଓ ଭାରତୀ ଭୂଷଣ ପଟ୍ଟନାୟକ ସ୍ୱରଚିତ କବିତା ପାଠ କରିଥିଲେ । ଅନୁଷ୍ଠାର ଉପସଭାପତି ନିଖିଳ କୁମାର ବଳବନ୍ତରାୟଆସର ପରିଚାଳନାରେ ସହଯୋଗ କରିଥିଲେ । ସର୍ବଶେଷରେ କବି କ୍ଷେତ୍ର ମୋହନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# କେଏଲ୍‌ଏଫ ଓ ପେଙ୍ଗୁଇନ ପକ୍ଷରୁ ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ

ଭୁବନେଶ୍ୱର (ସବ୍ୟୁ) : ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆ ସହ ସହଭାଗିତାରେ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲଏଫ) ପକ୍ଷରୁ ଶୁଭାରମ୍ଭ ହେବାକୁ ଯାଉଛି କେଏଲ୍‌ଏଫ ପେଙ୍ଗୁଇନ ପୁସ୍ତକ ସମୀକ୍ଷା ପ୍ରତିଯୋଗିତା - ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ' । ଏହି ଉତ୍ସାହଜନକ ଜାତୀୟ ପଦକ୍ଷେପ ପୁସ୍ତକ ପାଇଁ ଆଗ୍ରହକୁ ଉଜ୍ଜୀବିତ କରିବା, ଉତ୍ସାହପୂର୍ଣ୍ଣ ସାହିତ୍ୟିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଓ ଭାରତର କୋଣ ଅନୁକୋଣରୁ ପାଠକମାନଙ୍କୁ ସଂଯୋଜିତ କରିବା ପାଇଁ ଲକ୍ଷ୍ୟ ରଖିଛି । କେଏଲ୍‌ଏଫ । ପେଙ୍ଗୁଇନ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ ପୁସ୍ତକ ପ୍ରେମୀମାନଙ୍କୁ ୧୦ଟି ସ୍ୱତନ୍ତ୍ର ପୁସ୍ତକକୁ ପଢିବା, ସମୀକ୍ଷା କରିବା ଓ ତାହା ଉପରେ ନିଜର ମତାମତ ସେୟାର କରିବା ପାଇଁ ଆମନ୍ତ୍ରିତ କରିଛି । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ଭାରତର ଏହି ଅନ୍ୟତମ ସର୍ବାଧିକ ସମ୍ମାନଜନକ ସାହିତ୍ୟ ମହୋତ୍ସବରେ ଉତ୍ସାହଜନକ ପୁରସ୍କାର ଜିତିବା ଓ ସ୍ୱୀକୃତି ପାଇବା ପାଇଁ ସୁଯୋଗ ପ୍ରଦାନ କରିବ ।

ଏହି ପ୍ରତିଯୋଗିତା ଡିସେମ୍ବର ୩ ତାରିଖ ୨୦୨୫ରୁ ଲାଇଭ ରହିଛି ଓ ଡିସେମ୍ବର ୨୨ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବ । ପ୍ରତିଯୋଗିତା ପାଇଁ ପଠନ ତାଲିକାରେ ପେଙ୍ଗୁଇନର ଏଡିଟୋରିଆଲ ଟିମ୍ ଦ୍ୱାରା ଚୟନ କରାଯାଇଥିବା ଏକ ଯନିଶୀଳ ଭାବେ ମନୋନିତ ପୁସ୍ତକଗୁଡିକ ସାମିଲ ରହିବ । ପୁସ୍ତକ ପାଇନଥିବା ଅଂଶଗ୍ରହଣକାରୀଙ୍କୁ ସହଜରେ ଆକ୍ସେସ କରାଯାଇପାରୁଥିବା ଆମାଜନ ଲିଙ୍କ ପ୍ରଦାନ କରାଯିବ । ପୁସ୍ତକଗୁଡିକୁ ପଢିବା ପରେ ଅଂଶଗ୍ରହଣକାରୀମାନେ ପୁସ୍ତକର ଏକ ଫଟୋ ସହିତ ୧୦୦୦ ଶବ୍ଦ ମଧ୍ୟରେ ଏକ ସମୀକ୍ଷା ଦାଖଲ କରିବେ, ଯାହାକୁ ସେମାନେ ନିଜର ଇନ୍‌ଷ୍ଟାଗ୍ରାମ ପେକ୍ରେ ସେୟାର କରିବେ । ପରେ ସମୀକ୍ଷାଗୁଡିକୁ କେଏଲଏଫ ଓ ପେଙ୍ଗୁଇନ ଦ୍ୱାରା ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରାଯିବ । ପ୍ରତିଯୋଗିତାର ଚୟନ ପ୍ରକ୍ରିୟାରେ କେଏଲଏଫ ୧୫ଟି ଟାଇଟଲର ଏକ ସର୍ଟଲିଷ୍ଟ ପ୍ରସ୍ତୁତ କରିବାରେ ସହଯୋଗ କରିବ, ଯେଉଁଥିରୁ ପେଙ୍ଗୁଇନର ଦୁଇ ଜଣ ଏଡିଟର ଓ କେଏଲଏଫର ଜଣେ ପ୍ରତିନିଧିଙ୍କ ଏକ ଜୁରୀ ବିଜେତାଙ୍କୁ ଚୟନ କରିବ । ଏହି ପ୍ରତିଯୋଗିତାର ବିଜେତାଙ୍କ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ଓ ରନର୍-ଅପଙ୍କ ପାଇଁ ୫୦୦୦ ଟଙ୍କାର ପୁରସ୍କାର ସହିତ ପେଙ୍ଗୁଇନର ପ୍ରକାଶିତ ପୁସ୍ତକଗୁଡିକର ଏକ ହାମ୍ପର ରହିଛି ।

# ଯୌତୁକ ନିଷେଧ ଅଧିନିୟମ କର୍ମଶାଳା

ଭଦ୍ରକ,(ସବ୍ୟୁ) :ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଦିଲ୍ଲିପ କୁମାର ରାଉତରାୟ, ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଯୌତୁକ ନିଷେଧ ଅଧିନିୟମ-୧୯୬୧ ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୂପାଲୀ ମିତ୍ର ଉକ୍ତ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସମାଜରେ ମହିଳାମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହିତ ମାନସିକସ୍ତରରେ ଏବଂ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଯୌତୁକ ନିଷେଧ ଅଧିନିୟମ-୧୯୬୧ କିଭଳି ତୃଣମୂଳ ସ୍ତରରେ ପହଂଚାଯାଇ ପାରିବ ତାହା ଉପରେ ଗୁରୁତ୍ୱଆରୋପ କରିଥିଲେ ।


**ଡକ୍ୟୁମେଣ୍ଟ ହଜିଯାଇଛି**

ଆମେ ସରୋଜିନୀ ମହାନ୍ତି, ସ୍ୱାମୀ: ପ୍ରସନ୍ନ କୁମାର ମହାନ୍ତି, ସାକିନି: ସୁଜଳ (ବଡପଡା), ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ, ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଯେ ଆମେ ବିଶ୍ୱରଞ୍ଜନ ସାସମଲଙ୍କ ଠାରୁ ଖାତା ନମ୍ବର- ୨୧୫୦, ମୌଜା: ସମଙ୍ଗ, ପ୍ଲଟ୍ ନମ୍ବର- ୫୧୭୫, ଏରିଆ: ଏ୦.୦୩୦ଡି. କ୍ରୟ କରିଅଛୁ । କିନ୍ତୁ ବିଶ୍ୱରଞ୍ଜନ ସାସମଲଙ୍କ ନାମରେ ଥିବା ରେଜିଷ୍ଟ୍ରି ଦଲିଲ ନମ୍ବର- ୧୧୧୪୮୧୫୦୨୮୧୯,ତା୨୭.୦୫.୨୦୧୫ରିଖ ଟି ମୋହନ ସାହୁଙ୍କ ଠାରୁ କ୍ରୟ କରିଥିଲେ । ସେହିଭଳି ମୋହନ ସାହୁ ଏହି ସମ୍ପତ୍ତିକୁ ରେଜିଷ୍ଟ୍ରି ଦଲିଲ ନଂ. ୪୧୪, ତା୨୮.୦୧.୨୦୦୮ ଦ୍ୱାରା ମାଗିଆ ପ୍ରଧାନଙ୍କ ଠାରୁ କ୍ରୟ କରିଥିଲେ, ଏପରି ଗୋଟିଏ ଯାକ ଓରିଜିନାଲ ଦଲିଲ ଗତ ତା୦୫.୧୦.୨୦୨୫ରିଖ ସକାଳ ୧୦ଘଣ୍ଟା ୩୦ମିନିଟ ସମୟରେ ସତ୍ୟବାଦୀ ବଜାର ବସଷ୍ଟାଣ୍ଡ ନିକଟରେ କେଉଁଆଡ଼େ ହଜିଯାଇଅଛି । ଯଦି କେହି ବ୍ୟକ୍ତି ପାଇଛନ୍ତି ଆମକୁ ଫେରାଇବାକୁ ଅନୁରୋଧ ଏବଂ ଏହି ଗୋଟିଏ ଦଲିଲ ପାଇବାପରେ ଯଦି କେହି ଅନ୍ୟ କାର୍ଯ୍ୟରେ ଲଗାଇଥିବା ସେଥିପାଇଁ ସେମାନେ ଦାୟୀ ରହିବେ ।

(ସରୋଜିନୀ ମହାନ୍ତି)
ମୋ: ୯୦୪୦୪୪୭୧୪୫

**AFFIDAVIT**

I, Shaikh Quamiaruddin, S/o- Sekh Mahammad Basheer, resident of At-Kanipada Sabalanga, Po-Sabalanga Kanipada, Ps-Derabish, Dist- Kendrapara, Pin-754208 Odisha declare by this affidavit No-2245 Dtd.-10/12/2025 that now onwards I shall be known as Sekh Mahammad Kamiruddin for all future purposes

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dtd. 21st November 2025, I, Urmila Behera, resident of At-Patharabandha, Second Postal Colony, Behera Sahi, PO- Rasulgarh, PS- Saheed Nagar, Bhubaneswar, Dist.- Khordha, Odisha, Pin-751010 declare that have changed my son's name from "SWAYAMKAR BEHERA" to "SUDHANSU BEHERA". Henceforth he shall be known as "SUDHANSU BEHERA" for all purposes.

"Urmila Behera"

**AFFIDAVIT**

By virtue of an affidavit sworn before Executive Magistrate, Jharsuguda on dated 10th of December 2025, I Bidyutlata Devi W/o.Late Anirudha Debata, R/o.Ward No.16, Adarsh Colony, PO: K.M.Road, PS/Dist: Jharsuguda,Odisha, hereby declare by this affidavit. that my name has been wrongly written in Aadhaar Card No. 689425359020 as Bidyut Debta in place of Bidyutlata Devi, Henceforth I shall be known as Bidyutlata Devi for all purposes.

**AFFIDAVIT**

By an Affidavit No. 312, Dt 06.11.2025 sworn before the Notary Public, Cuttack, I Kamalesh Sagar, S/o - Late Nanalal Sagar, resident of 107/A, Shree Niketan, Firingi Bazar, PS - Purighat, Dist. - Cuttack declare that in Passport No. - B0215543 my name has been mentioned as Kamalesh Kumar Sagar instead of Kamalesh Sagar. Both Kamalesh Sagar and Kamalesh Kumar Sagar is same and one person.

**AFFIDAVIT**

By an Affidavit No 313, Dt 06.11.2025 sworn before the Notary Public, Cuttack, I Kishor Sagar, S/o - Late Nanalal Sagar resident of 107/A, Shree Niketan, Firingi Bazar, P.S - Purighat, Dist. - Cuttack declare that in passport No. - B3127735 my name has been mentioned as Kishor Kumar Sagar instead of Kishor Sagar. Both Kishor Sagar and Kishor Kumar Sagar is same and one person.

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar. I, Norma Dunlop Mahanty, Aged (63), W/o- Ravinandan Mahanty, At- Flat No. 02, Ramkripa Building, Dilip Gupte Marg, Mumbai, Mahim, Maharashtra- 400016, At Present Plot No. 27-A, Station Square Kharvel Nagar, Unit-3, Ps/Po- Kharvel Nagar, Bhubaneswar- 751001, Dist- Khurda. Declare by this affidavit No. 79, Dt. 23.11.2021, After marriage to Ravinandan Mahanty I have changed my name from **Nilima Ray** to **Norma Dunlop Mahanty**. Hanceforth, I shall be known as **Norma Dunlop Mahanty** for all purpose.

Sd/- Norma Dunlop Mahanty

B-820

GOVERNMENT OF ODISHA, "e" - PROCUREMENT NOTICE
OFFICE OF THE SUPERINTENDING ENGINEER, PURI (R&B) DIVISION, PURI
WORKS DEPARTMENT
Short Tender Call Notice
E-mail : eerbpuri@yahoo.co.in
Bid Identification No. SE (R&B) Puri-45/2025-26

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Single Cover System** in ONLINE MODE from the eligible class of contractors registered with the State Governments and contractors of equivalent Grade / Class registered with Central Government / Railways.

1. Nature of Work : Barricading Works.
2. No of Work : 1 Nos.
3. Tender Cost : Rs. 6000.00 (On-Line)
4. Class of bidders : 'D' & 'C' Class
5. Available of Bid document in the Website : From 10.00 AM of Dt. 11.12.2025 to 05.00 PM of Dt.15.12.2025
6. Last Date of receipt of tender : Dt. 15.12.2025 up to 05.00 PM
7. Date of opening of Bid : dt. 16.12.2025 at 11.00 AM
8. The Biddes have to participate in ONLINE bidding only. Further details can be seen from the Website : **https://tenderodisha.gov.in**. Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Puri (R&B) Division, Puri

OIPR : 34064/11/0047/2526

A-1094

GOVERNMENT OF ODISHA : OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 07SEMID (KJR/2025-2026) Dt 08.12.2025

The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through 'e' procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 4 (Four) Nos. |
| Estimated Cost | Various from Rs. to 57.13 lakhs to Rs. 93.30 Lakhs approximately. |
| Tender Paper Cost | Mentioned in Column No. 6 of Tender call notice |
| Period of completion | 6 (Six) calendar months |
| Availability of Bid Documents | From 12.12.2025 to 22.12.2025 in Website (www.tenderorissa.gov.in) |
| Period of receipt of Bid through online | From 12.12.2025 to 22.12.2025 through online. |
| Date of Opening of Technical Bid Documents | At 11.00 AM. on 23.12.2025 in the office chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 26.12.2025 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 30.12.2025 in the office chamber of the Superintending Engineer, M.I. Division, Koenjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III. |
| Name and Address of the OIT | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID-eemikjr@yahoo.co.in |

Further Details can be seen from the website : **www.tendersorissa.gov.in**

Sd/- (Er. Rashmi Rekha Chattar)
Superintending Engineer, M.I. Division, Keonjhar

OIPR : 32123/11/0019/2526

O-1730

GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
e-PROCUREMENT NOTICE NO. Tender Online 13 JJPT of 2025-26

1. Name of work : Building Works.
2. Total No of Work : 02 Nos. Building Works
3. Estimated Cost (Approx.) : Rs 84.00 Lakhs
4. Period of Completion : 270 Days
5. Class of contractors : "B" Class

**Other details as follows :**

a) Procurement officer : Superintending Engineer, Rural Works Division, Jajpur
b) Availability of tender online & submission of bid : 12.12.2025 at 10.00 AM to 22.12.2025 upto 5.00 PM
c) Last date & time of seeking of tender clarification : 20.12.2025 upto 5.00 PM
d) Opening of Technical Bid : 23.12.2025 at 11.30 A.M.

Further details can be seen from the Govt, website **www.tendersodisha.gov.in**

**Note:- If situation arises the transparent lottery will be held on 30.12.2025 , At 11:30 AM**

Sd/- Superintending Engineer
Rural Works Division, Jajpur

OIPR : 25047/11/0057/2526

MM-347

OFFICE OF THE DIVISIONAL FOREST OFFICER,
RAYAGADA FOREST DIVISION: RAYAGADA
QUOTATION CALL NOTICE FOR THE FY 2025-26

Sealed quotations are invited from the intending suppliers / manufacturers for the supply of the following uniform articles for forest personnel of Rayagada Forest Division as per the following specifications. Interested vendors may submit their quotations along with samples by postal means or to be dropped at the tender box available at the office in a sealed envelope. It must reach the office of the undersigned on or before 15.12.2025.

| Sl. No. | Item | Specifications | Approximate Quantity |
|---|---|---|---|
| 1 | Khaki coloured cloth | Khaki-colored uniform cloth, suitable for making full-sleeved shirts and pants, made of durable, breathable fabric with a minimum GSM of 250, ideal for field conditions. Fabric must be of a recognized brand preferably Raymonds. | 400 meters |

For further details on procedure of submission, criteria of selection, product delivery, contact information and other important notes please visit the tender section of the webpage **https/rayagada.odisha.gov.in/tender.**

Sd/- Divisional Forest Officer
Rayagada Division

OIPR : 08062/11/0015/2526

O-1693

OFFICE OF THE SUPERINTENDING ENGINEER,
RWS & S DIVISION, BARGARH
Email : eerwss_bgh@nic.in, Ph (O) :-06646 233220, FAX :- 06646 234626
No. 4539 Dt. 03.12.2025
GOVERNMENT OF ODISHA "e" PROCUREMENT NOTICE
Bid Identification No 07 Dt of 2025-26

The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'C' or 'B' registered with any department of State Government or equivalent class of Central Govt.etc. to be eventually drawn up in P1 Contract Form for the below work as per terms and condition noted below.

1. Name of the work:. Construction of Government Quarter for Assistant Engineer, RWS&S Section-II at Sohela under RWS&S Division Bargarh.
2. Approx. Estimated cost: - Rs 27.45 lakh.
3. Date and time of availability of document in the portal:- Dt 11.12.2025 to Dt 29.12.2025 up to 5.00 P.M
4. Last date/ time for receipt of bids in the portal:- Dt 29.12.2025 up to 5.00 P.M
5. Date & time of Opening of Tender: - Dt 30.12.2025 at 11.00 A.M.
6. Name and address of the Officer Inviting Bid :- Superintending Engineer, RWS&S Division, Bargarh, District:- Bargarh

Further details can be seen from the e-procurement portal http//tendersorissa.gov.in"
The authority reserves the right to reject any or all the tenders without assigning any reason thereof.

Sd/- Superintending Engineer,
RWS&S Division, Bargarh

OIPR : 25018/11/0007/2526

C-1760

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ ବାଲେଶ୍ୱର
OFFICE OF THE EXECUTIVE ENGINEER, PUBLIC HEALTH DIVISION, B ALASORE.
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls(a)gmail.com, Phone-9438660004)
NO 6644 / DATE 04/12/25
2nd CORRIGENDUM
Tender for the work

"Supply, Installation, Testing & Commissioning of DG Sets (CPCB IV + GEN Set with AMF Pannel) with Movable Trolley including shed for Remuna Town.

In continuation to this office Bid-Identification No.SEPHBLS-29 of 2025-26 dt. 12.11.2025. The following amendments have been made to Critical Dates.

| 1 | Item/Clause | Description | Existing Critical Dates | 1st time corrigendum of Critical dates | 2nd corrigendum of Revised / Amended Critical Dates |
|---|---|---|---|---|---|
| | Critical Dates in NIT, Section-1 of DTCN | Last date and time of seeking clarification | 17.00 Hrs. of dt. 28.11.2025 | 17.00 Hr. of dt. 05.12.2025 | 17.00 Hr. of dt. 10.12.2025 |
| | | Last date and time of bidding on-line | 17.00 Hrs. of dt. 03.12.2025 | 17.00 Hr. of dt. 10.12.2025 | 17.00 Hr. of dt. 15.12.2025 |
| | | Date and time of opening Bid | 12.00 Hrs. of dt. 04.12.2025 | 12.00 Hr. of dt. 11.12.2025 | 12.00 Hr. of dt. 16.12.2025 |

All other terms and conditions Un-Altered.

Sd/- Superintending Engineer,
P.H. Division, Balasore

OIPR : 13053/11/0042/2526


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଆଇଆଇଏମ୍‌ଟିରେ ଭାରତର ଅର୍ଥନୈତିକ ବ୍ୟବସ୍ଥା ସଂପର୍କରେ ଆଲୋଚନାଚକ୍ର

ଭୁବନେଶ୍ୱର , (ସବ୍ୟୁ): ଭୁବନେଶ୍ୱରର ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) "ଭାରତରେ ଅର୍ଥନୈତିକ ବ୍ୟବସ୍ଥା ଓ ପ୍ରାରମ୍ଭିକ ପର୍ଯ୍ୟାୟରୁ ବର୍ତ୍ତମାନ ପିଢ଼ି ପର୍ଯ୍ୟନ୍ତ ଏହାର ଚ୍ୟାଲେଞ୍ଜ" ଶୀର୍ଷକ ଏକ ଅଧିବେଶନ ଆୟୋଜନ କରିଛି। ଏହି ଅବସରରେ ଅରୁଣାଚଳ ପ୍ରଦେଶ ଇଟାନଗରର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପ୍ରଭାରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ନାୟକଙ୍କୁ ଆତିଥ୍ୟ କରିବାର ଗୌରବ ମିଳିଥିଲା। ଅଧିବେଶନ ଆରମ୍ଭରେ ଆଇଆଇଏମଟି ଭୁବନେଶ୍ୱରର ଆସୋସିଏଟ୍ ଡିନ୍ ସୋମା ମିତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସେ ଭାରତର ବିକଶିତ ଅର୍ଥନୈତିକ ପରିଦୃଶ୍ୟକୁ ବୁଝିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ପରେ ପ୍ରଫେସର ନାୟକ ଏକ ବ୍ୟାପକ ଏବଂ ଚିନ୍ତନାତ୍ମକ ବକ୍ତୃତା ପ୍ରଦାନ କରିଥିଲେ। ସେ ବିଭିନ୍ନ ପର୍ଯ୍ୟାୟ ମାଧ୍ୟମରେ ଭାରତର ଅର୍ଥନୈତିକ ବ୍ୟବସ୍ଥାର ପରିବର୍ତ୍ତନକୁ ଦର୍ଶାଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ (ପ୍ରଥମ-ଚତୁର୍ଥ ଅର୍ଥ କମିଶନ), ଜନସଂଖ୍ୟା-କୈନ୍ଦ୍ରିକ ଏବଂ ଆଦର୍ଶ ଆଭିମୁଖ୍ୟ, ପରିବର୍ତ୍ତନ ପର୍ଯ୍ୟାୟ (ପଞ୍ଚମ-ଅଷ୍ଟମ ଅର୍ଥ କମିଶନ): ଆନ୍ତଃରାଜ୍ୟ ଅସମାନତାର ଚିହ୍ନଟ ଏବଂ ମୂଲ୍ୟାଙ୍କନ, ସମ୍ପ୍ରସାରଣ ପର୍ଯ୍ୟାୟ (ନବମ-ଦ୍ୱାଦଶ ଅର୍ଥ କମିଶନ): ବହୁ-ପରିମାଣ ଏବଂ ତଥ୍ୟ-ଚାଳିତ ଢାଞ୍ଚା ଗ୍ରହଣ ଏବଂ ଆଧୁନିକ ପର୍ଯ୍ୟାୟ (ତ୍ରୟୋଦଶ-ପଞ୍ଚଦଶ ଅର୍ଥ କମିଶନ): ସ୍ୱଚ୍ଛ, କାର୍ଯ୍ୟଦକ୍ଷତା-ଭିତ୍ତିକ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଭାରତର ଆର୍ଥିକ ସ୍ଥାପତ୍ୟ ଓ ସନ୍ତୁଳିତ ଏବଂ ସ୍ଥାୟୀ ଅର୍ଥନୈତିକ ବିକାଶ ବଜାୟ ରଖିବା ପାଇଁ ଜଟିଳ ଚ୍ୟାଲେଞ୍ଜ ଉପରେ ତାଙ୍କ ଅଭିଭାଷଣ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିଥିଲା। ବକ୍ତୃତା ପରେ, ଏକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଛାତ୍ର ଏବଂ ଅଧ୍ୟାପକ ଉଭୟ ପ୍ରଫେସର ନାୟକଙ୍କ ସହ ସକ୍ରିୟ ଭାବରେ ଆଲୋଚନା କରିଥିଲେ। ସେମାନେ



ଭାରତର ଅର୍ଥନୈତିକ ବ୍ୟବସ୍ଥା ସହିତ ଜଡିତ ବିଭିନ୍ନ ପ୍ରଶ୍ନ ଏବଂ ଚିନ୍ତାଧାରା ଉପରେ ଆଲୋଚନା କରିଥିଲେ, ଯାହା ଏକ ସମୃଦ୍ଧ ଶୈକ୍ଷିକ ଆଦାନପ୍ରଦାନକୁ ସକ୍ଷମ କରିଥିଲା। ଆଇଆଇଏମଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ଧନ୍ୟବାଦ ପ୍ରସ୍ତାବ ଏବଂ ପ୍ରଶଂସାପତ୍ର ପ୍ରଦାନ ସହିତ ଅଧିବେଶନ ଶେଷ ହୋଇଥିଲା।

## ରେଡିଓ ସମ୍ପର୍କ ପକ୍ଷରୁ ମହିଳା ଏବଂ ଝିଅମାନଙ୍କ ଉପରେ

# ଡିଜିଟାଲ୍ ହିଂସା ବିରୁଦ୍ଧରେ ୧୬ ଦିନିଆ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) : ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସମ୍ପର୍କ ୮୯.୬, ମୁରୁଦାବାଦ, ନିଶ୍ଚିନ୍ତକୋଇଲି, କଟକ, ଓଡିଶାର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଚଳିତ ବର୍ଷ ଏହି କେନ୍ଦ୍ର ଲିଙ୍ଗ ଭିତ୍ତିକ ଡିଜିଟାଲ ହିଂସା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ମାର୍ଟ ସଂଗଠନ ସହଯୋଗରେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକରେ ୧୬ ଦିନିଆ ଅଭିଯାନ ଆୟୋଜନ କରିଥିଲା । ଏହି ଅଭିଯାନ ୨୫ ନଭେମ୍ବରରୁ ଆରମ୍ଭ ହୋଇ ୧୦ ଡିସେମ୍ବର ୨୦୨୫ରେ ସମାପ୍ତ ହୋଇଥିଲା। ଏହି ଅଭିଯାନ ଡିଜିଟାଲ ହିଂସାର ବ୍ୟାପକତା ଏବଂ ପ୍ରଭାବ ବିଷୟରେ ସମ୍ପ୍ରଦାୟକୁ ସଚେତନ କରିବା ଏବଂ ଏହାର ପ୍ରତିରୋଧ ପାଇଁ ମିଳିତ ଭାବରେ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପ୍ରଦାୟକୁ ସାମିଲ କରିବା ପାଇଁ ବିଭିନ୍ନ ଅଭିନବ ଉପାୟ ଅବଲମ୍ବନ କରାଯାଇଥିଲା ଯଥା ସଚେତନତା ରାଲି, ସାଇକଲ ରାଲି, ସଭା, ରଙ୍ଗୋଲି, ଚିତ୍ରକଳା ମାଧ୍ୟମରେ ସୃଜନଶୀଳ ସନ୍ଦେଶ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ନ୍ୟାରୋକାଷ୍ଟିଙ୍ଗ, ସଖୀ ସେଣ୍ଟରକୁ ପରିଦର୍ଶନ, ସାମାଜିକ ଗଣମାଧ୍ୟମରେ ପ୍ରଚାର, ପୋଷ୍ଟର ମାଧ୍ୟମରେ ସଚେତନ, ଏକକ ନାଟକ, ରେଡିଓରେ ୧୬ଟି ଅଧ୍ୟାୟର ପ୍ରସାର, ପୋଲିସ ଅଧିକାରୀଙ୍କ ସହିତ ଯୋଗାଯୋଗ ଓ ଆଲୋଚନା ଇତ୍ୟାଦି । ଏହି ଅଭିଯାନର ସନ୍ଦେଶ ପ୍ରାୟ ୫୦୦୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ପହଞ୍ଚିଥିଲା । ଏହି ଅଭିଯାନ ଉଦ୍ଦେଶ୍ୟ ବିଷୟରେ ରେଡିଓ ସମ୍ପର୍କର ମୁଖ୍ୟ ତଥା ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଲେ "ସମ୍ପ୍ରଦାୟକୁ




ସଶକ୍ତ କରିବା ସେମାନଙ୍କୁ ସୁରକ୍ଷା ଦେବା ଉଭୟ ବାସ୍ତବ ଦୁନିଆରେ ଏବଂ ଅନଲାଇନରେ। ଆମେ ସମସ୍ତ ପ୍ରକାରର ଡିଜିଟାଲ ହିଂସାକୁ ଦୂର କରିବା ପାଇଁ ଏକଜୁଟ ହେବା।" ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କହିଲେ, "ଡିଜିଟାଲ ଦୁନିଆ ବହୁତ ଦ୍ରୁତ ଗତିରେ ବିସ୍ତାରିତ ହେଉଥିବାରୁ, ମହିଳାମାନଙ୍କ ବିରୁଦ୍ଧରେ ଅନଲାଇନ୍ ହିଂସା ମଧ୍ୟ ବୃଦ୍ଧି ପାଉଛି - ଆମେ ସମସ୍ତେ ମିଶି ମହିଳା ମାନଙ୍କୁ ସଶକ୍ତ ଏବଂ ସୁରକ୍ଷିତ ଡିଜିଟାଲ ଭବିଷ୍ୟତ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବା । ସୋସିଆଲ ମିଡିଆ ଅଭିଯାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ସୋସିଆଲ ମିଡିଆର ଶକ୍ତିକୁ ସ୍ୱର ଉଠାଇବା, ଅପବ୍ୟବହାରକୁ ଚ୍ୟାଲେଞ୍ଜ କରିବା ଏବଂ ପ୍ରତ୍ୟେକ ମହିଳା ଏବଂ ଝିଅଙ୍କ ପାଇଁ ଏକ ସୁରକ୍ଷିତ ଡିଜିଟାଲ ସ୍ଥାନ ନିର୍ମାଣ କରିବା ପାଇଁ ଆହ୍ୱାନ ଦିଆଯାଉଥିଲା। ଏହି ପ୍ରୟାସ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ତଥା ସମାନତା ଉପରେ ଆଧାରିତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲା ଓ ସେମାନଙ୍କର ଦୈନନ୍ଦିନ ଜୀବନରେ ଅଫଲାଇନ୍ ଏବଂ ଅନଲାଇନ୍ ଉଭୟ ସ୍ଥାନରେ ଲିଙ୍ଗ ଭିତ୍ତିକ ହିଂସାକୁ ଦୂର କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ଭାଗୀଦାରୀତାକୁ ଉତ୍ସାହିତ କରିଥିଲା ।

## ରାଜ୍ୟ ସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ

# ଦିବ୍ୟାଙ୍ଗମାନେ ଈଶ୍ୱରଙ୍କ ସନ୍ତାନ : ସେମାନଙ୍କୁ ସମ୍ମାନ କରିବା ଆମର କର୍ତ୍ତବ୍ୟ

ଭୁବନେଶ୍ୱର, (ସବ୍ୟୁ) : ଦିବ୍ୟାଙ୍ଗମାନେ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ସେମାନଙ୍କୁ ସମାଜରେ ଅନ୍ୟମାନଙ୍କ ଭଳି ସମାନ ସ୍ଥାନ ପ୍ରଦାନ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏଥିରେ କେହି ଅବହେଳା କରିବା ଉଚିତ୍ ନୁହେଁ ବୋଲି ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ -୨୦୨୫ ରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି ।

ରାଜଧାନୀର ବିପିନ ବିହାରି ଚୌଧୁରୀ ସ୍ମୃତିବ୍ରାଧିତ ବିଦ୍ୟାଳୟ ଖେଳ ପଡିଆ ଠାରେ ବ୍ରିଙ୍ଗ ସ୍ମାଇଲ୍, ଦୈନିକ ଖବରକାଗଜ 'ନନ୍ଦିନୀ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ମିଳିତ ସହଯୋଗରେ 'ରାଜ୍ୟ ସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ - ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ରାଜ୍ୟରୁ ୪ହଜାରର ଅଧିକ ଦିବ୍ୟାଙ୍ଗ ପିଲାଙ୍କ ସମେତ ସେମାନଙ୍କ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୧୬ଟି ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ । ଏଥିରେ ବିଶିଷ୍ଟ ସମାଜସେବୀ ପ୍ରଭାସ ଆଚାର୍ଯ୍ୟ, ହାଇଟେକ ଗ୍ରୁପ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ସମାଜସେବୀ କରୁଣା କର ନାୟକ, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ଙ୍ଗ ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରିଙ୍ଗ ସ୍ମାଇଲର ଅଧକ୍ଷା ସୁଚରିତା ମିଶ୍ର କହିଲେ ଯେ ହସ ଫୁଟାଇବା ଆମ ଲକ୍ଷ୍ୟ,




ଦୈନିକ ଖବର କାଗଜ ନନ୍ଦିନୀର ସମ୍ପାଦକ ହେମନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଦିବ୍ୟାଙ୍ଗ ପିଲାମାନଙ୍କୁ ସମ୍ବୋଧିତ କରି ଅତିଥିମାନେ ସେମାନଙ୍କୁ ଭଗବାନଙ୍କ ଅବତାର ବୋଲି ବର୍ଣ୍ଣନା କରିବା ସହିତ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ବିକଶିତ କରାଯାଇ ପାରିଲେ ରାଷ୍ଟ୍ର ଗଠନରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ମତ ଦେଇଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀକା ଉଶାଲତା ମହାନ୍ତି, ସମାଜସେବୀ ବିଶ୍ୱଜିତ ମିଶ୍ର, ଆଡଭୋକେଟ ସୁମନ୍ତ ସ୍ୱାଇଁ, କାଶୀନାଥ ବେହେରା, ଆୟିଶା ରଥ, ଇବ୍ରାହିମ ଅଲ୍ଲି, ପ୍ରସନ୍ନ କୁମାର ପାତ୍ର, ଚିରଞ୍ଜିବୀ ଦାସ, କାଳନ୍ଦୀ ବେହେରା ଏବଂ ଗୌରାଙ୍ଗ ସୁବୁଦ୍ଧି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଚାରି ଜଣ ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭର ହେବା ପାଇଁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସିଲାଇ ମେସିନ ପ୍ରଦାନ କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଦିବ୍ୟାଙ୍ଗ ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସଭାରେ ଉପସ୍ଥିତ ଥିବା ଅତିଥିମାନେ ଦିବ୍ୟାଙ୍ଗ ପିଲାମାନଙ୍କ ସହିତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହିଥିବା ଲକ୍ଷ୍ୟ କରାଯାଇଥିଲା । ସଭା ପରିଚାଳନା ହେମନ୍ତ ସିଂ କରିଥିବା ବେଳେ ବିଜୟ ରାଜ ଧନ୍ୟବାଦ ଅର୍ପଣ କରିଥିଲେ । ନୂତନ ଚଳଚ୍ଚିତ୍ର ମୋଟର ସାଇକେଲର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ନାୟକ ଅଭିଷେକ ପଣ୍ଡା, ଜୋତି ଏବଂ ନାୟିକା ପ୍ରିତୀଙ୍କ ସମେତ ଚଳଚ୍ଚିତ୍ରର ସମସ୍ତ ସଦସ୍ୟ ଯୋଗ ଦେଇ ପିଲାମାନଙ୍କ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଚକୋଲେଟ ପ୍ରଦାନ କରିଥିଲେ । ଶେଷରେ 'ନନ୍ଦିନୀଦର ସାଧାରଣ ପ୍ରଶାସନିକ ଅଧିକାରୀ ସ୍ୱାଗତ ପାତ୍ର ତିନି ହଜାର ଚାଦର ଦିବ୍ୟାଙ୍ଗ ପିଲାଙ୍କୁ ବଣ୍ଟନ କରିଥିଲେ । ଶିକ୍ଷା ଓ ଅନୁସନ୍ଧାନ, ହାଇଟେକ ଗ୍ରୁପ ଏବଂ ଭେଙ୍କେଟଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ଦିବ୍ୟାଙ୍ଗ ପିଲାମାନଙ୍କୁ ମହୋତ୍ସବ ସ୍ଥଳକୁ ଆଣିବା ପାଇଁ ପରିବହନ ବ୍ୟବସ୍ଥା କରିଥିବା ବେଳେ ହାଇଟେକ ମେଡିକାଲ ଦିବ୍ୟାଙ୍ଗ ପିଲାଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକ ଶିବିର ବ୍ୟବସ୍ଥା କରିଥିବା ବେଳେ ଏକ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦେଇଥିଲେ ।

## ଏଚ୍‌ଆର୍‌ଏସ୍ ଆଲୁଗ୍ଲେଜ ଲିମିଟେଡ

# ପବ୍ଲିକ ଅଫରରୁ ୫୦.୯୨ କୋଟି ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ ଯୋଜନା

ଭୁବନେଶ୍ୱର, (ସବ୍ୟୁ) : ଆଲୁମିନିୟମ ଉପାଦଗୁଡିକର ଡିଜାଇନ, ବିନିର୍ମାଣ ଏବଂ ସ୍ଥାପନ କ୍ଷେତ୍ରରେ ନିୟୋଜିତ ଏଚଆରଏସ ଆଲୁଗ୍ଲେଜ ଲିମିଟେଡ ଏହାର ପବ୍ଲିକ ଅଫରରୁ ୫୦.୯୨ କୋଟି ଟଙ୍କା ପର୍ଯନ୍ତ ପାଣ୍ଠି ସଂଗ୍ରହ ଯୋଜନା କରୁଛି । ପବ୍ଲିକ ଅଫର ସବସ୍କ୍ରିପସନ ନିମନ୍ତେ ୨୦୨୫ ଡିସେମ୍ବର ୧୧ ତାରିଖରେ ଉନ୍ମୁକ୍ତ ହେବ ଏବଂ ୨୦୨୫ ଡିସେମ୍ବର ୧୫ ତାରିଖରେ ବନ୍ଦ ହେବ । କୁମୁଲେଟିଭ କାପିଟାଲ ପ୍ରାଇଭେଟ ଲିମିଟେଡ ଏହି ଅଫରର ଲିଡ ମାନେଜର ରହିଛି । ସେୟାରଗୁଡିକ ବିଏସଇ ଏସଏମଇ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବ । ୫୦.୯୨ କୋଟି ଟଙ୍କାର ଇନିସିଆଲ ପବ୍ଲିକ ଅଫର ମାର୍କେଟ ମାର୍କର ଅଂଶ ୨୭.୪୮ ଲକ୍ଷ ସେୟାର ସମେତ ୫୩.୦୪ ଲକ୍ଷ ଇକ୍ୱିଟି ସେୟାରର ତାଜା ଇସୁ ହେବ । ସର୍ବସାଧାରଣଙ୍କ ନିମନ୍ତେ ଯୋଗାଇ ଦିଆଯାଉଥିବା ମୋଟ ଇସୁ ମଧ୍ୟରେ ପ୍ରତେକ ୧୦ ଟଙ୍କା ଫେସ ଭାଲୁ ବିଶିଷ୍ଟ ସେୟାର ପିଛା ୯୪-୯୬ ଟଙ୍କା ମୂଲରେ ୫୦.୨୯ ଲକ୍ଷ ଇକ୍ୱିଟି ସେୟାର ରହିଛି ।

# ଗାଡି ଧକ୍କାରେ ବାଇକ ଚାଳକ ମୃତ : ରାସ୍ତା ଅବରୋଧ

ଟାଙ୍ଗୀ, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ଛକ ନିକଟରେରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଥିବା ପୁଲିସ ସୂତ୍ରରୁ ପ୍ରକାଶ । ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ କୁହୁଡି ଅଞ୍ଚଳର ଜଣେ ୪୦ ବର୍ଷ ବୟସ୍କ ବ୍ୟକ୍ତି ଯାହାଙ୍କ ବାଇକରେ ଯାଉଥିବା ବେଳେ ଟାଙ୍ଗୀ ଥାନା ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ର ବ୍ରାହ୍ମଣୀ ଛକ ନିକଟରେ ଏକ ଅଜଣା ଗାଡି ଦେଖଣାହାରିଙ୍କ କହିବା ମୁତାବକ ଏକ ଯାତ୍ରୀବାହୀ ବସ ଧକ୍କା ଦେଇ ଘଟଣା ସ୍ଥଳରୁ ପଳାଇଥିଲା । ଘଟଣାସ୍ଥଳରେ ସଂପୃକ୍ତ ବ୍ୟକ୍ତିର ଶୋଚନୀୟ ଭାବେ ମୃତ୍ୟୁ ଘଟିଥିବା ଜଣାପଡିଛି। । ସେଠାରେ ଉତେଜନା ଦେଖା ଦେଇଥିଲା । ଫଳରେ ପ୍ରାୟ ଏକ ଘଣ୍ଟା ରାଜପଥ ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା । ଘଟଣାସ୍ଥଳରେ ଟାଙ୍ଗୀ ଆଇଆଇସି ରବିନ୍ଦ୍ର କୁମାର ଭୂଜବଳ ପହଞ୍ଚି ପରିସ୍ଥିତି ସ୍ୱାଭାବିକ କରିଥିଲେ । ପୁଲିସ ଶବ ଜବତ କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଛେଦ ପାଇଁ ରଖାଯାଇଥିବା ଜଣାପଡିଛି। ଦୁର୍ଘଟଣା ଘଟାଇ ଥିବା ଗାଡି ଜବତ ହୋଇପାରିନାହି ।

# କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ତନିସ୍କ ଷ୍ଟୋର୍‌ର ୨୦ତମ ବାର୍ଷିକୋତ୍ସବ

କଟକ, (ସ୍ୱପ୍ର): ଦେଶର ଅନ୍ୟତମ ବୃହତ୍ ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋର୍‌ର ୨୦ତମ ବର୍ଷ ପାଳିତ ହୋଇଛି । କଟକରେ ଦୁଇ ଦଶନ୍ଧିର ଯାତ୍ରାରେ ଗ୍ରାହକଙ୍କ ମାନଙ୍କୁ ସର୍ବୋତ୍ତମ ଗହଣା ଯୋଗାଇ ସେମାନଙ୍କ ବିଶ୍ୱାସ ଭାଜନ ହୋଇ ପାରିଛି । ଏହି ସେଲିବ୍ରେଶନ୍‌ରେ ଚାରଚାନ୍ଦ ଲଗାଇବା ପାଇଁ ତନିସ୍କ ଗ୍ରାମ ପିଛା ସୁନା ଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । ସେହିଭଳି ହୀରା ମୂଲ୍ୟ ଉପରେ ୨୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି ତନିସ୍କ । ଗ୍ରାହକ ବିଶାଳ ଗହଣା ସମ୍ଭାରଗୁଡ଼ିକ ମଧ୍ୟରୁ ନିଜ ପସନ୍ଦର ଗହଣା ଚୟନ କରିପାରିବେ । ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ବ୍ୟାପକ ଡିଜାଇନ୍ ସମ୍ଭାର ରହିଛି । ସେଗୁଡ଼ିକ ହେଲା ଆବାହନ, ମୃଗାଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ରୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ ଇଟ୍ ଇତ୍ୟାଦି । ସେଲିବ୍ରେଶନ୍‌ର ଅଂଶବିଶେଷ ଗ୍ରାହକ ତନିସ୍କର ନୂତନ ଫେଷ୍ଟିଭ୍ କଲେକ୍ସନ 'ଆବାହନ୍'କୁ ଦେଖିପାରିବେ । ଆଧୁନିକ ହାଲୁକାରେ ଗହଣା 'ଷ୍ଟ୍ରିଙ୍ଗ ଇଟ୍' ଏଠାରେ ରହିଛି । ଷ୍ଟୋର୍‌ରେ ମଧ୍ୟ ମଙ୍ଗଳସୂତ୍ରର ଏକ୍ସକ୍ଲୁସିଭ୍




କଲେକ୍ସନ 'ଡୋର୍' ରହିଛି । ସାବିତ୍ରୀ ଉତ୍ସବ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସ୍ରୋତିକା' ଏବଂ ପୁରୁଷମାନଙ୍କ ପାଇଁ ସମର୍ଥିତ ଗହଣା କଲେକ୍ସନ 'ଗାଭୀର' ଏଠାରେ ରହିଛି । ବ୍ରାଣ୍ଡର ବିବାହ ଗହଣା ଉପହାର ବ୍ରାଣ୍ଡ 'ରିଭା ବାୟ ତନିସ୍କ' ଭାରତର ସମୃଦ୍ଧ ପରମ୍ପରାକୁ ପାଳନ କରୁଥିବା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ବ୍ରାଇଡାଲ ପିସ୍ ପ୍ରଦାନ କରୁଛି । ଏ ବସରରେ ତନିସ୍କର ଏରିଆ ବିଜନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କୁହନ୍ତି, କଟକ କ୍ୟାନ୍‌ମେଣ୍ଟ୍ ରୋଡ୍ ଷ୍ଟୋର୍‌ର ୨୦ ବର୍ଷ ପାଳନ କରି ଆମେ ଅତ୍ୟନ୍ତ ଗର୍ବିତ । ଏହା ତନିସ୍କର ଭରସା ଏବଂ ଉର୍ଷତାର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖଣ୍ଟ । ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ତନିସ୍କ ନିଖୁଣ କାରିଗରୀ,ଆକର୍ଷଣୀୟ ଡିଜାଇନ୍ ଏବଂ ଉଚ୍ଚମାନର ଉତପାଦ ଗ୍ୟାରେଣ୍ଟି ପଦ୍ରାନ କରି ଆସୁଛି । ଷ୍ଟେଟ୍ ଅଫ୍-ଦ ଆର୍ଟ ଇକ୍ୱିମେଣ୍ଟ ସହ ଏକ ପୂର୍ଣ୍ଣ ସମନ୍ୱିତ ୟୁନିଟ୍‌ରେ ଗହଣା ପ୍ରସ୍ତୁତ କରାଯାଉଛି । ୩୦୦ରୁ ଉର୍ଦ୍ଧ୍ୱର୍ ସହରରେ ତନିସ୍କ ରିଟେଲ ଚେନ୍‌ର ୫୦୦ରୁ ଉର୍ଦ୍ଧ୍ୱର ଏକ୍ସକ୍ଲୁସିଭ୍ ବୁଟିକ୍ ରହିଛି ।

# ନବ ରସରେ 'ବିନ୍ଦୁ ସୀମା' ଓ 'ବ୍ୟଙ୍ଗ କବି'

ଭୁବନେଶ୍ୱର, (ସବ୍ୟୁ) : ସପ୍ତମ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବରେ କବି ରମାକାନ୍ତ ରଥ ମଞ୍ଚରେ ଟିଭି ଭାଷା ଆନ୍ଦୋଳନ ଓଡିଶା ତରଫରୁ ଓଡ଼ିଆ କବିତାରେ ନବରସ ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବରସର ଯୁଗଳବନ୍ଦୀ କବିତା ପୁସ୍ତକ "ବିନ୍ଦୁ ସୀମା" ଉନ୍ମୋଚିତ ହୋଇଯାଇଛି । ଆଲୋଚନାକୁ ଉଦଘାଟନ କରି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓଡ଼ିଆ କବିତାରେ ନବରସ ଏବଂ ଓଡ଼ିଆ ଭାଷା ସାହିତ୍ୟରେ ନବରସ ଉପରେ ଆଲୋଚନା କରି ଅଭିଭାଷଣ ରଖିଥିଲେ । ନାଟ୍ୟକାର ବିଜୟ ଦାସ ବିନ୍ଦୁସୀମା ପୁସ୍ତକର ସମୀକ୍ଷା କରିଥିଲେ । ବିଶିଷ୍ଟ ଅତିଥି ଭାବରେ ସୁସାହିତ୍ୟିକ ସତ୍ୟବ୍ରତ ପଣ୍ଡା ଭାଷା ଆନ୍ଦୋଳନର କାର୍ଯ୍ୟକ୍ରମ, ଓଡ଼ିଆ ଭାଷାସାହିତ୍ୟରେ ନବରସର




ପ୍ରୟୋଗ ସହିତ ଓଡ଼ିଆ ଭାଷାର ସୁରକ୍ଷାରେ ସାହିତ୍ୟିକମାନଙ୍କର ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୁସ୍ତକର ପ୍ରକାଶକ ରାଜ କିଶୋର ଦାସ ଏବଂ ବିଶିଷ୍ଟ ବ୍ୟଙ୍ଗକବି ସତ୍ୟନାଶ ଯୋଗଦେଇ ତାତ୍ତ୍ୱିକ ଆଲୋଚନା କରିଥିଲେ ଔ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ଜାନକୀଶ ବଡପଣ୍ଡା ଔ ସେ ଲୋକାର୍ପିତ ହୋଇଥିବା କବିତା ପୁସ୍ତକ ଉପରେ ଆଲୋଚନା ଓ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁସାହିତ୍ୟିକ ଶ୍ରୁତକୀର୍ତ୍ତି ତ୍ରିପାଠୀ । ସ୍ୱାଗତ ଭାଷଣ ରଖିଥିଲେ ଭାଷା ଆନ୍ଦୋଳାନ୍, ଓଡିଶାର ଆବାହକ ପବିତ୍ର ମହାରଥା । ବିନ୍ଦୁସୀମା ରଚୟିତା କବୀ ବିନ୍ଦୁ ନିବେଦିତା ପଟ୍ଟନାୟକ ଏବଂ ଡଃ ଅସୀମା ସାହୁ ନିଜର କବିତାଗୁଡିକର ଯୁଗଳବନ୍ଦୀ ଆବୃତ୍ତି କରିଥିଲେ । ଏହି ନୂତନ ପ୍ରୟୋଗ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆଭାସୀ ପ୍ରକାଶନୀର ସମ୍ପାଦକ ସାରଦା ପ୍ରସାଦ ମହାପାତ୍ରଙ୍କ ଆବାହକତ୍ୱରେ ବିଶିଷ୍ଟ ବ୍ୟଙ୍ଗକବି ମାନଙ୍କ ସମାବେଶରେ ବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଥିଲା । ବ୍ୟଙ୍ଗ କବି ସତ୍ୟାନାଶ, ଡ଼ ରମାକାନ୍ତ ମହାପାତ୍ର, ଡ଼ ଗିରୀଶ ରଞ୍ଜନ, ଶ୍ରୀମାନ ଦୁର୍ବଳିଆ, ଚିଲିକା ଚଢ଼େଇ ରୋଜି ମିଶ୍ର, କୃଷ୍ଣେନ୍ଦୁ ହୋତା, ଦିଲ୍ଲୀପ ଶତପଥୀ, ପ୍ରିୟବ୍ରତ ପଣ୍ଡା, ପ୍ରସନ୍ନ ଦାଶ କବିତା ପାଠ କରିଥିଲେ।

# ଏଏସ୍‌ଜି ଚକ୍ଷୁ ଚିକିତ୍ସାଳୟର ୨୦ତମ ପ୍ରତିଷ୍ଠା ଦିବସ

କଟକ, (ସ୍ୱପ୍ର): ଲିଙ୍କରୋଡ଼ ସ୍ଥିତ ଏଏସଜି ଚକ୍ଷୁ ଚିକିତ୍ସାଳୟର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚିକିତ୍ସାଳୟର ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ପଣ୍ଡା, ଡାକ୍ତର ରାଜା ଅଗ୍ରୱାଲ, ଡାକ୍ତର ସୋନାଲି



ଷଡ଼ଙ୍ଗୀ, ଡାକ୍ତର ଖୁସି ଅଗ୍ରୱାଲ, ମ୍ୟାନେଜର ତରୁଣ କୁମାର ପତି, ଅମିତ କୁମାର ପଣ୍ଡା, ଚିତରଞ୍ଜନ ପଣ୍ଡା ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କେକ କାଟି ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ। ଏହି ପ୍ରତିଷ୍ଠା ଦିବସରେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଏକ ଥିମ ରଖାଯାଇଥିଲା। ଯାହାର ନାମ ଦିଆଯାଇଥିଲା 'ହେଲଦୀ ଭିଜନ ଫର ପୋଲିସ ହିରୋଜ'। ସମାଜରେ କାର୍ଯ୍ୟରତ ପୋଲିସ ମାନଙ୍କୁ ନିଶୁଳ୍କ ଚକ୍ଷୁ ସେବା ଯୋଗାଇଦେବା ସହିତ ଆଗାମୀ ଦିନରେ ସାଧାରଣ ଜନତାଙ୍କୁ ଏଥିରେ ସାମିଲ କରି ଉନ୍ନତ ଚକ୍ଷୁ ଚିକିତ୍ସା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ।

# ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍‌୭୧୦୦ ଏନ୍‌ଭିମିଇ

## ଏସ୍‌ଏସ୍‌ଡି ବର୍ତ୍ତମାନ ଭାରତରେ ଉପଲବ୍ଧ

ଭୁବନେଶ୍ୱର : ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍‌୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି, ସାଣ୍ଡିସ୍କର ଏକ ଉଚ୍ଚମାନର ଗେମିଂ ଡ୍ରାଇଭ୍, ଯାହାକି ବର୍ତ୍ତମାନ ଭାରତରେ ଉପଲବ୍ଧ ହୋଇଛି । ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍‌୭୧୦୦ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖେଳାଳୀମାନଙ୍କୁ ଅତ୍ୟଧିକ ଭିଜୁଆଲ୍ ଏବଂ ଇମର୍ସିଭ୍ ଗେମ୍‌ର ସମ୍ପୂର୍ଣ୍ଣ ଲାଭ ଉଠାଇବାରେ ସାହାଯ୍ୟ କରିବା । ସାଣ୍ଡିସ୍କର ସର୍ବଶେଷ ଟିଏଲ୍‌ସି ୩ଡି ଏନ୍‌ଏଏନ୍‌ଡି ସହିତ ନିର୍ମିତ, ଏହି ନୂତନ ଏସ୍‌ଏସ୍‌ଡି ୭,୨୫୦ଏମ୍‌ବି/ଏସ୍ ପଠନ ଏବଂ ୬,୯୦୦ଏମ୍‌ବି/ଏସ୍ ରାଇଟ୍ ୧ (୧-୨ଟିବି ମଡେଲ୍) ପର୍ଯ୍ୟନ୍ତ ଗତି ପ୍ରଦାନ କରେ, ଯାହାର କାର୍ଯ୍ୟଦକ୍ଷତା ଆମ ପୂର୍ବ ପିଢି୪ ଏସ୍‌ଏସ୍‌ଡି ତୁଳନାରେ ୩୫% ପର୍ଯ୍ୟନ୍ତ ଅଧିକ ଅଟେ । ଏହି ଅବସରରେ ଭାରତର ବରିଷ୍ଠ ଡାଇରେକଫର ସେଲ୍ସ ଖାଲିଦ ୱାନି କହିଛନ୍ତି ଯେ, ଯେହେତୁ ଖେଳଗୁଡିକ ଅଧିକ ଜଟିଳ ଏବଂ ଷ୍ଟୋରେଜ୍ ତୀବ୍ର ହୋଇଯାଏ, ଆଜିର ଖେଳାଳୀ ଉଚ୍ଚ କାର୍ଯ୍ୟଦକ୍ଷତା ଏସ୍‌ଏସ୍‌ଡି ଆବଶ୍ୟକ କରନ୍ତି ଯାହା ଦୀର୍ଘ ଗେମପ୍ଲେ ପାଇଁ ଶକ୍ତି ପ୍ରଦାନ କରେ । ଏସ୍‌ଏନ୍‌୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି ହେଉଛି ପରବର୍ତୀ ପିଢ଼ିର ଗେମିଂ ପାଇଁ କେବଳ ଡ୍ରାଇଭ୍ କାରଣ ଏହାର ଆଶ୍ଚର୍ଯ୍ୟଜନକ କାର୍ଯ୍ୟଦକ୍ଷତା, ଉଚ୍ଚ କ୍ଷମତା ଏବଂ ଦ୍ରୁତ ଲୋଡ୍ ଦୀର୍ଘ ସମୟ ପ୍ରଦାନ କରେ ଯାହା ଖେଳାଳୀମାନଙ୍କୁ ସେମାନଙ୍କର ସର୍ବୋତମ ଖେଳ ଖେଳିବାରେ ସାହାଯ୍ୟ କରେ ।

## ମତଦାନ କେନ୍ଦ୍ର ସୁବ୍ୟବସ୍ଥା କରଣ ନିମନ୍ତେ

# ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ଦଳ ବୈଠକ

ଖୋର୍ଦ୍ଧା, (ସବ୍ୟୁ) : ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଗୋଟଇଏ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ୮ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସାବ୍ୟସ୍ତ କେନ୍ଦ୍ର ତଥା ଭୋଟଦାନ କେନ୍ଦ୍ର ଗୁଡ଼ିକର ସୁବ୍ୟବସ୍ଥା କରଣ କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଜେଡି ଜିଲ୍ଲା ଉପସଭାପତି ଉମାକାନ୍ତ ପଟ୍ଟନାୟକ, କଂଗ୍ରେସ ଜିଲ୍ଲା ଉପସଭାପତି ସୌମ୍ୟ ପଟ୍ଟନାୟକ, ସି.ପି.ଆଇ (ଏମ୍)ର କର୍ମକର୍ତ୍ତା ଅନନ୍ତ ମଙ୍ଗରାଜ, ବିଜେପିର ବଦ୍ରି ନାରାୟଣ ଦାସ, ଆମ ଆଦମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ, ବିଜେଡିର ସୂର୍ଯ୍ୟକାନ୍ତ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟାଳୟ ବରିଷ୍ଠ ସହାୟିକା ସାଗରିକା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧକ୍ଷତା କରି କହିଲେ ଯେ ନୂତନ ଭାବେ କରାଯାଇଥିବା ଭୋଟ କେନ୍ଦ୍ର ଓ ସ୍ଥାନାନ୍ତର ହୋଇଥିବା ଭୋଟ କେନ୍ଦ୍ର ଗୁଡ଼ିକ ଲୋକମାନେ ଜାଣିବା ପାଇଁ ସମସ୍ତ ରାଜନୈତିକ ଦଳ ସେମାନେ ତାଙ୍କର ପ୍ରତିନିଧି ପଠାଇ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ପୂର୍ବ ସାଧାରଣ ନିର୍ବାଚନ ସମୟରେ ୧୯୭୧ ମତଦାନ କେନ୍ଦ୍ର ଥିବାବେଳେ ଭାରତର



ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସମ୍ପ୍ରସାରଣ ହୋଇ ୨୦୨୫ ମସିହାରେ ୨୪୩୪ ମତଦାନ କେନ୍ଦ୍ର ସ୍ଥିରିକରଣ କରାଯାଇଛି। ୧୧୧ ଜୟଦେବ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ପୂର୍ବ ମତଦାନ କେନ୍ଦ୍ର ୨୩୬ ଥିବାବେଳେ ନୂତନ ଭାବେ ୧୫ ଗୋଟି ମତଦାନ କେନ୍ଦ୍ର କରାଯାଇ ମୋଟ ୨୫୧ ମତଦାନକେନ୍ଦ୍ର ହୋଇଅଛି। ସେହିପରି ୧୧୨ ଭୁବନେଶ୍ୱର ମଧ୍ୟ ପୂର୍ବରୁ ୨୦୨ ଥିବାବେଳେ ନୂତନ ଭାବେ ୧୭ ଗୋଟି ମତଦାନ କେନ୍ଦ୍ର ବର୍ଦ୍ଧିତ କରାଯାଇ ମୋଟ ୨୧୯, ୧୧୩ଭୁବନେଶ୍ୱର (ଉତର) ୨୬୯ ଥିବାବେଳେ ୩ ଗୋଟି ସ୍ଥାନାନ୍ତର ଓ ୮୭ ଗୋଟି ନୂତନ ମତଦାନ କେନ୍ଦ୍ରକୁ ନେଇ ମୋଟ ୩୫୬ ଗୋଟି,୧୧୪ ଏକାମ୍ର (ଭୁବନେଶ୍ୱର) ପୂର୍ବରୁ ୨୪୮ ଥିବା ବେଳେ ୨୮ ବୃଦ୍ଧି ହୋଇ ୨୭୬ ଗୋଟି,୧୧୫ ଜଟଣୀ ପୂର୍ବରୁ ୨୬୨ ଥିବାବେଳେ ୮୪ ଗୋଟି ବୃଦ୍ଧି କରାଯାଇ ୨୪୬ ଗୋଟି,୧୧୬ ବେଗୁନିଆ ପୂର୍ବରୁ ୨୩୯ ଥିବାବେଳେ ୪ ଗୋଟି ସ୍ଥାନାନ୍ତର କେନ୍ଦ୍ରକୁ ଓ ୬୭ ବୃଦ୍ଧି କେନ୍ଦ୍ରକୁ ନେଇ ମୋଟ୩୦୬ ମତଦାନ କେନ୍ଦ୍ର,୧୧୭ ଖୋର୍ଦ୍ଧା ପୂର୍ବରୁ ୨୪୮ କେନ୍ଦ୍ର ଥିବାବେଳେ ୧୧ଗୋଟି ସ୍ଥାନାନ୍ତର ଓ ୯୧ ଗୋଟି ନୂତନ କେନ୍ଦ୍ରକୁ ନେଇ ମୋଟ ୩୪୮ ଏବଂ ୧୧୮ ଚିଲିକା ପୂର୍ବରୁ ୨୪୮ ଥିବାବେଳେ ଗୋଟିଏ ସ୍ଥାନାନ୍ତର ଓ ୮୪ ଗୋଟିଁ ନୂତନ କେନ୍ଦ୍ରକୁ ନେଇ ମୋଟ ୩୩୨ ଗୋଟି ମତଦାନ କେନ୍ଦ୍ର କରାଯାଇଛି।

# ଟ୍ରମ୍ପଙ୍କ ଅଜବ ଭିସା ଆଇନ

## ଯାଞ୍ଚ ହେବ ଫେସବୁକ୍-ଇନଷ୍ଟାଗ୍ରାମ ପୋଷ୍ଟ

**ୱାଶିଂଟନ:** ଆମେରିକା ଭିସା ସୋସିଆଲ ମିଡିଆ ପ୍ରୋଫାଇଲ ସ୍କ୍ରିନିଂ ଆଇନ ଆଣିଛି। ଏପରି କରି ଆମେରିକା ଓ-୧ଇ ଭିସା ଆବେଦନକାରୀ ଏବଂ ସେମାନଙ୍କ ନିର୍ଭରଶୀଳ (ଓ-୪ ନିର୍ଭରଶୀଳ)ଙ୍କ ପାଇଁ ଭିସା ସ୍କ୍ରିନିଂ ଏବଂ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଷ୍ଟେଟ୍ ଡିପାର୍ଟମେଣ୍ଟ ଦ୍ୱାରା ଜାରି କରାଯାଇଥିବା ଏକ ନୂତନ ନିର୍ଦ୍ଦେଶ ଅନୁଯାୟୀ, ଡିସେମ୍ବର ୧୫ ରୁ, ସମସ୍ତ ଓ-୧ଇ ଆବେଦନକାରୀ ଏବଂ ସେମାନଙ୍କ ନିର୍ଭରଶୀଳମାନଙ୍କୁ ସେମାନଙ୍କର ସମସ୍ତ ସୋସିଆଲ ମିଡିଆ ପ୍ରୋଫାଇଲର ଗୋପନୀୟତା ସେଟିଂସ୍ 'ସାର୍ବଜନୀନ'କରିବାକୁ ପଡିବଛ ଆମେରିକା ଯିବା ପୂର୍ବରୁ ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ପୋଷ୍ଟ ଯାଞ୍ଚ ହେବ। ଏହି ସ୍କ୍ରିନିଂ ଏବେ ଛାତ୍ର ଏବଂ ଏକ୍ସଚେଞ୍ଜ ପରିଦର୍ଶକଙ୍କ ବ୍ୟତୀତ କାର୍ଯ୍ୟ ଭିସା ଆବେଦନକାରୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଏହି କଟକଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରବାସନ ନିୟମକୁ କଡ଼ାକଡ଼ି କରିବା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ପଦକ୍ଷେପ ଭାବରେ ଦେଖାଯାଉଛି। ଏହି ସମୟରେ, ସାକ୍ଷାତକାର ସ୍ଲଟ୍ ହଠାତ୍ ବାତିଲ ହେବା ଭାରତରେ ହଜାର ହଜାର ଆବେଦନକାରୀଙ୍କୁ ଦ୍ୱନ୍ଦରେ ପକାଇଛି।

ଷ୍ଟେଟ୍ ଡିପାର୍ଟମେଣ୍ଟର ଏକ ନୂତନ ଆଦେଶ ଅନୁଯାୟୀ, ଓ-୧ଇ ଏବଂ ଓ-୪ ଭିସା ଆବେଦନକାରୀଙ୍କୁ ଡିସେମ୍ବର ୧୫ ତାରିଖରୁ ସେମାନଙ୍କର ଅନଲାଇନ୍ ଉପସ୍ଥିତିର ସମୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡିବ। ଏହି ଯାଞ୍ଚକୁ ସହଜ କରିବା ପାଇଁ, ସମସ୍ତ ଆବେଦନକାରୀଙ୍କୁ ସେମାନଙ୍କର ସମସ୍ତ ସୋସିଆଲ ମିଡିଆ ପ୍ରୋଫାଇଲର ଗୋପନୀୟତା ସେଟିଂସ୍ 'ସାର୍ବଜନୀନ' କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଏହି ନିୟମ, ଯାହା ପୂର୍ବରୁ ଛାତ୍ର (ଏ/M ଭିସା) ଏବଂ ଏକ୍ସଚେଞ୍ଜ ପରିଦର୍ଶକ (ର ଭିସା) ପାଇଁ ଲାଗୁ ହୋଇଥିଲା, ଏବେ ଓ-୧ଇ ଏବଂ ଓ-୪ ଧାରକଙ୍କ ପାଇଁ ବିସ୍ତାର କରାଯାଇଛି। ଏହି ନିଷ୍ପତ୍ତି ହେଉଛି ଟ୍ରମ୍ପ ପ୍ରଶାସନର ପ୍ରବାସନ ନିୟମକୁ କଠୋର କରିବା ନୀତିର ସର୍ବଶେଷ ଅଂଶ।

ଷ୍ଟେଟ୍ ଡିପାର୍ଟମେଣ୍ଟ ଏହି ନୂତନ କଠୋରତାକୁ ସମର୍ଥନ କରି କହିଛି ଯେ ପ୍ରତ୍ୟେକ ଭିସା ନିଷ୍ପତ୍ତି ଏକ ଜାତୀୟ ସୁରକ୍ଷା ନିଷ୍ପତ୍ତି। ବିଭାଗର ଲକ୍ଷ୍ୟ ହେଉଛି ସମସ୍ତ ଉପଲବ୍ଧ ସୂଚନାକୁ ସ୍କ୍ରିନିଂ ଏବଂ ତଦନ୍ତରେ ବ୍ୟବହାର କରି ଭିସା ଆବେଦନକାରୀଙ୍କୁ ଚିହ୍ନଟ କରିବା ଯେଉଁମାନେ ଆମେରିକାର ଜାତୀୟ ସୁରକ୍ଷା କିମ୍ବା ସାର୍ବଜନୀନ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରନ୍ତି। ମାର୍ଗଦର୍ଶିକାରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଆମେରିକାର ଭିସା ଏକ ସୁବିଧା, ଅଧିକାର ନୁହେଁ। ଏହି ପଦକ୍ଷେପ ନିଶ୍ଚିତ କରିବ ଯେ ଆମେରିକାରେ ପ୍ରବେଶ କରୁଥିବା ଲୋକମାନଙ୍କର ଆମେରିକୀୟମାନଙ୍କୁ କ୍ଷତି ପହଞ୍ଚାଇବାର କୌଣସି ଉଦ୍ଦେଶ୍ୟ ନାହିଁ। ଦ୍ୱାରା ପରିଚାଳିତ।

# ସାମ୍ବାଦିକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିବଦ୍ଧ

## • ପ୍ରିଣ୍ଟ ମିଡିଆ ବିଜ୍ଞାପନ ଦର ୨୬% ବୃଦ୍ଧି



**ନୂଆଦିଲ୍ଲୀ:** ଭାରତ ସରକାର ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ। ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଏବଂ ସେମାନଙ୍କର ପରିବାର ପାଇଁ ସମଗ୍ର ଦେଶରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ଅଧୀନରେ ସରକାରୀ ଚିକିତ୍ସା ଯୋଗାଇ ଦିଆଯାଉଛି। ଏଥିରେ ସିଜିଏଚଏସ ହାରରେ ସରକାରୀ/ ସିଜିଏଚଏସ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ସାମ୍ବାଦିକ କଲ୍ୟାଣ ଯୋଜନା (ଜେଡବ୍ଲ୍ୟୁଏସ୍)ସାମ୍ବାଦିକଙ୍କ ମୃତ୍ୟୁ ଯୋଗୁଁ ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ସାମ୍ବାଦିକ/ମିଡିଆ କର୍ମଚାରୀ କିମ୍ବା ସେମାନଙ୍କ ପରିବାରକୁ ଏକକାଳୀନ ସହାୟତା ରାଶି ପ୍ରଦାନ କରିବା ପାଇଁ ସରକାର ସାମ୍ବାଦିକ କଲ୍ୟାଣ ଯୋଜନା (ଜେଡବ୍ଲ୍ୟୁଏସ) କାର୍ଯ୍ୟକାରୀ କରିଛନ୍ତି।

ଏହି ସହାୟତା ସେହି ସାମ୍ବାଦିକମାନଙ୍କୁ ମଧ୍ୟ ପ୍ରଦାନ କରାଯିବ, ଯେଉଁମାନେ ସ୍ଥାୟୀ ଭାବରେ ଶାରୀରିକ ଅକ୍ଷମ କିମ୍ବା ତାଲିକାଭୁକ୍ତ ପ୍ରମୁଖ ରୋଗରେ ପୀଡିତ। ଦୁର୍ଘଟଣା ଯୋଗୁଁ ଗୁରୁତର ଆଘାତର ସମ୍ମୁଖୀନ ହେଉଥିବା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ସାମ୍ବାଦିକମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯିବ। ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଏବଂ ଅଣ-ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଜେଡବ୍ଲ୍ୟୁଏସ୍ ଯୋଜନା ଅଧୀନରେ, ସରକାର ୨୦୧୪-୧୫ରୁ ୨୦୨୪-୨୫ ପର୍ଯ୍ୟନ୍ତ ୪୦୨ ଜଣ ସାମ୍ବାଦିକ/ମିଡିଆ କର୍ମଚାରୀ କିମ୍ବା ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। "ମାନ୍ୟତା ପ୍ରାପ୍ତ ପତ୍ରକାର କଲ୍ୟାଣ ସମିତି ଦିଲ୍ଲୀ"ରୁ ପ୍ରାପ୍ତ ପ୍ରତିନିଧିତ୍ୱ ସମ୍ପର୍କରେ, ଭାରତରେ ସମ୍ବାଦପତ୍ରଗୁଡିକ ପ୍ରେସ ଏବଂ ପତ୍ରିକା ପଞ୍ଜିକରଣ ଆଇନ, ୨୦୨୩ ଏବଂ ଏହାର ୨୦୨୪ ନିୟମ ଅନୁଯାୟୀ ପଞ୍ଜୀକୃତ, ସେଗୁଡିକର ପଞ୍ଜୀକରଣ ପାଇଁ 'ପ୍ରେସ ସେବା ପୋର୍ଟାଲ' ଏକ ସହଜ, ସୁଲଭ ଅନଲାଇନ ପ୍ରଣାଳୀ ପ୍ରଦାନ କରୁଛି। କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି) ପ୍ରିଣ୍ଟ ମିଡିଆକୁ ସ୍ୱଚ୍ଛ ଭାବରେ ବିଜ୍ଞାପନ ଜାରି କରେ ଏବଂ ନିକଟରେ ବିଜ୍ଞାପନ ଦର ୨୬% ପର୍ଯ୍ୟନ୍ତ ବୃଦ୍ଧି କରିଛି। କମିଟିଗୁଡିକର ମନୋନୟନ ସିବିସି, ପିଆଇବି ଏବଂ ଭାରତୀୟ ପ୍ରେସ ପରିଷଦର ସମ୍ପୃକ୍ତ ନୀତି ନିର୍ଦ୍ଦେଶାବଳୀ ଅନୁସାରେ କରାଯାଇଥାଏ।

# ୟୁନେସ୍କୋର ଅମୂର୍ତ୍ତ ଐତିହ୍ୟ ତାଲିକାରେ ସାମିଲ ହେଲା ଦୀପାବଳି

**ନୂଆଦିଲ୍ଲୀ:** ପ୍ରତିବର୍ଷ ପରି ଏବର୍ଷ ମଧ୍ୟୟୁନେସ୍କୋ ଏକ ଭାରତୀୟ ପର୍ବକୁ ଅମୂର୍ତ୍ତ ଐତିହ୍ୟ ତାଲିକାରେ ସାମିଲ କରିଛି। ଚଳିତ ବର୍ଷ ଦୀପାବଳିକୁ ଅମୂର୍ତ୍ତ ଐତିହ୍ୟ ତାଲିକାରେ ସାମିଲ କରାଯାଇଛି। ୟୁନେସ୍କୋର ଆନ୍ତର୍ଜାତୀୟ କମିଟିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି, ଯାହା ଫଳରେ ବିଶ୍ୱ ସ୍ତରରେ ଭାରତର ସାଂସ୍କୃତିକ ପରିଚୟକୁ ନୂତନ ସ୍ୱୀକୃତି ମିଳିଛି। ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ? ଏହି ପର୍ବ ଭାରତର ଆଧ୍ୟାତ୍ମିକତା, ବିବିଧତା ଏବଂ ସାମାଜିକ ଏକତାକୁ ପ୍ରତିଫଳିତ କରେ। ୟୁନେସ୍କୋର ଏହି ପଦକ୍ଷେପ ଭାରତୀୟ ପରମ୍ପରାକୁ




ସଂରକ୍ଷଣ କରିବାରେ ଏବଂ ବିଶ୍ୱବ୍ୟାପୀ ଏହାର ଗୁରୁତ୍ୱ ବୃଦ୍ଧି କରିବାରେ ସାହାଯ୍ୟ କରିବ। ତେବେ ଏହା ପ୍ରଥମ ଥର ନୁହେଁ। ଏହା ପୂର୍ବରୁ ବିୟୁନେସ୍କୋ ଭାରତୀୟ ପର୍ବକୁ ଅମୂର୍ତ୍ତ ଐତିହ୍ୟ ତାଲିକାରେ ସାମିଲ କରିଛି।

ଦୀପାବଳିକୁ ଅମୂର୍ତ୍ତ ଐତିହ୍ୟ ତାଲିକାରେ ସାମିଲ କରାଯିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସି ବ୍ୟକ୍ତ କରିଛନ୍ତିଛ ଏକ୍ସରେୟୁନେସ୍କୋ ଟୁଇଟ୍ ରି-ସେୟାର କରି ସେ ଲେଖିଛନ୍ତି, ""ଭାରତ ଏବଂ ବିଶ୍ୱରେ ଥିବା ଆମ ଲୋକମାନେ ଆଜି ଖୁସିରେ ଅଧୀର। ଆମ ପାଇଁ, ଦୀପାବଳି ଆମ ସଂସ୍କୃତି ଏବଂ ନୀତି ସହିତ ନିବିଡ଼ ଭାବରେ ଜଡିତ। ଏହା ଆମ ସଭ୍ୟତାର ଆତ୍ମା। ଏହା ଆଲୋକ ଏବଂ ଧାର୍ମିକତାକୁ ପ୍ରତିପାଦିତ କରେ। ୟୁନେସ୍କୋ ଅମୂର୍ତ୍ତ ଐତିହ୍ୟ ତାଲିକାରେ ଦୀପାବଳିକୁ ସାମିଲ କରାଯିବା ଦ୍ୱାରା ବିଶ୍ୱସ୍ତରରେ ଏହି ଉତ୍ସବର ଲୋକପ୍ରିୟତା ଅଧିକ ବୃଦ୍ଧି ପାଇବ। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଅନନ୍ତକାଳ ପର୍ଯ୍ୟନ୍ତ ଆମର ମାର୍ଗଦର୍ଶନ କରୁଥାଆନ୍ତୁ।

# ଇଣ୍ଡିଗୋ ସେବା ସ୍ୱାଭାବିକ ପାଇଁ ଟିମ୍ ଗଠନ

ନୂଆଦିଲ୍ଲୀ, ୧୦।୧୨ (ସବ୍ୟୁ): ଇଣ୍ଡିଗୋ ବିମାନ ବିଭ୍ରାଟକୁ ସୁବ୍ୟବସ୍ଥିତ କରିବା ଲାଗି ଡିଜିସିଏ ପକ୍ଷରୁ ଦୁଇଟି ଟିମ୍ କରାଯାଇଛି। ଗୋଟିଏ ଟିମ୍ ଗୁରୁଗାଓଁରେ ଥିବା ଇଣ୍ଡିଗୋ ଅଫିସରେ ଏହାର ଅପରେସନ ଦେଖିବ। ବିଶେଷ କରି କ୍ରିୟୁମାନଙ୍କୁ କେଉଁଭଳି ଭାବରେ ବ୍ୟବହାର କରାଯାଉଛି ଓ ବାତିଲ ହେବା ବିମାନର ଯାତ୍ରୀ ଟଙ୍କା ଫେରସ୍ତ ବାବଦରେ ମଧ୍ୟ ଅନୁଧ୍ୟାନ କରିବ।

ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ ଯୋଗୁ ପାଇଲଟ ଓ କ୍ରିୟୁ ସଦସ୍ୟଙ୍କୁ ଅଧିକ ବିଶ୍ରାମ ଦେବାକୁ କୁହାଯାଇଥିଲା। ଫଳରେ ଏଥିଯୋଗୁ ଇଣ୍ଡିଗୋର ବିମାନ ସେବା ବାଧାପ୍ରାପ୍ତ ହୋଇଥିଲା। ଗତ ୨ ତାରିଖରୁ ପ୍ରାୟ ୫ହଜାର ବିମାନ ବାତିଲ ହୋଇଥିଲା।ଡିଜିସିଏପକ୍ଷରୁଇଣ୍ଡିଗୋ ବିମାନର ଅପରେସନ ଦେଖିବା ପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସନ୍ଧ୍ୟା ୬ଟା ସୁଦ୍ଧା ଦୈନିକ ରିପୋର୍ଟ ଦେବେ। ପ୍ରଥମ ଟିମ୍ କେତେ ଉଡ଼ାଣ, ପାଇଲଟ୍‌ଙ୍କୁ ସଖ୍ୟା ଓ କ୍ରିୟୁ ସଦସ୍ୟମାନଙ୍କୁ କେତେ ଘଣ୍ଟା କାର୍ଯ୍ୟ କରାଯାଉଛି, କେଉଁମାନେ ପ୍ରଶିକ୍ଷଣରେ ଅଛନ୍ତି ଆଦି ବିଷୟରେ ତଦାରଖ କରିବ। ଏୟାର ଲାଇନ୍ସ ନେଟ୍‌ୱାର୍କର ସମ୍ପୂର୍ଣ୍ଣ ଅପରେସନ୍ ଚିତ୍ର ଏହି ଟିମ୍ ପାଖରେ ରହିବ। ଏହାଛଡ଼ା କେଉଁ ଯାତ୍ରୀମାନଙ୍କୁ କେତେ ଅର୍ଥ ଫେରସ୍ତ କରାଯାଇଛି ତାହା ମଧ୍ୟ ତଦାରଖ ହେବ। ପୂର୍ବରୁ ଇଣ୍ଡିଗୋ ବିମାନ ଚଳାଚଳକୁ ୧୦% ହ୍ରାସ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ ବିମାନ ସେବା ଅପରେସନ୍‌କୁ ସୁବ୍ୟବସ୍ଥିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ବୁଧବାର ଇଣ୍ଡିଗୋର ୬୫ ହଜାର କର୍ମଚାରୀ ଏକାଠି ହୋଇ ଏକ୍ସରେ ପୋଷ୍ଟ କରିଛନ୍ତି ଯେ ଯାତ୍ରୀମାନେ ଭରସା ରଖନ୍ତୁ। ଶୀଘ୍ର ସ୍ୱାଭାବିକ ଅବସ୍ଥା ଫେରିବ। ଇଣ୍ଡିଗୋ ବୋର୍ଡ଼ ଏହାକୁ ଅତି ନିକଟରୁ ଅନୁଧ୍ୟାନ କରୁଛି। ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷ ଓ ବହୁ ଟିମ୍ ସ୍ୱାଭାବିକ ବ୍ୟବସ୍ଥା ପାଇଁ ମୁତୟନ ହୋଇଛନ୍ତି।

# ଲୋକାଭିମୁଖୀ ପ୍ରଶାସନକୁ ଉତ୍ତରଦାୟୀ କରିବା ଉପରେ ଆଲୋକପାତ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ "ଦୈନନ୍ଦିନ ଆବଶ୍ୟକତା ସୁନିଶ୍ଚିତ କରିବା - ସମସ୍ତଙ୍କ ପାଇଁ ଜନସେବା ଓ ସମ୍ମାନ" ଶୀର୍ଷକ ଜାତୀୟ ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ନିଜର ଅଭିଭାଷଣରେ ସେ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ବିଶ୍ୱ ମାନବାଧିକାର ଦିବସର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତରେ ନାଗରିକଙ୍କ ସମ୍ମାନକୁ ସୁରକ୍ଷିତ ରଖିବା ଏବଂ ପ୍ରୋତ୍ସାହନ ଦେବା ଲାଗି ସାମ୍ବିଧାନିକ ଆଦର୍ଶ, ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ସାମାଜିକ ମୂଲ୍ୟବୋଧ ମିଳିତ ଭାବେ କାର୍ଯ୍ୟ କରିଥା'ନ୍ତି ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ମାନବାଧିକାର ଉପରେ ସାର୍ବଜନୀନ ଘୋଷଣାନାମା (1948)ର ଧାରା 25(1)ର ସ୍ମରଣ କରିଥିଲେ। ଏହା ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା, ସାମାଜିକ ସେବା ଏବଂ ବିପଦ ସମୟରେ ସୁରକ୍ଷା ସହିତ ଯଥେଷ୍ଟ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାର ଅଧିକାର ସୁନିଶ୍ଚିତ କରିଥାଏ। ଡକ୍ଟର ମିଶ୍ର କହିଥିଲେ, ମାନବାଧିକାର ଦିବସ କେବଳ ଏକ ଐତିହାସିକ ଘୋଷଣାର ସ୍ମୃତିଚାରଣ ନୁହେଁ ବରଂ ଏହା ମର୍ଯ୍ୟାଦାର ଜୀବନ୍ତ ଅନୁଭୂତି ଉପରେ ବିଚାର କରିବାର ଏକ ଆହ୍ୱାନ। ମାନବାଧିକାର ଦିବସର ଚଳିତ ବର୍ଷର ବିଷୟବସ୍ତୁ "ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା", ନାଗରିକ ଗଢ଼ି ତୋଳିବାରେ ଜନସେବା ଏବଂ ବିଭିନ୍ନ ଅନୁଷ୍ଠାନଗୁଡ଼ିକର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥାଏ ବୋଲି ସେ କହିଥିଲେ। ମାନବାଧିକାରକୁ ନେଇ ସାର୍ବଜନୀନ ଘୋଷଣାନାମା ପ୍ରସ୍ତୁତ କରିବାରେ ଭାରତର ଐତିହାସିକ ଭୂମିକାକୁ ଡକ୍ଟର ମିଶ୍ର ସ୍ମରଣ କରିଥିଲେ। ବିଶେଷ କରି ସେ ଡକ୍ଟର ହଂସା ମେହତାଙ୍କ କଥା ମନେ ପକାଇଥିଲେ, ଯିଏ ଏହି ଘୋଷଣାପତ୍ରରେ "ସବୁ ଲୋକ




ସ୍ୱାଧୀନ ଏବଂ ସମାନ ଭାବେ ଜନ୍ମ ନେଇଛନ୍ତି" ବୋଲି ସୁନିଶ୍ଚିତ କରିଥିଲେ। ଏହା ଲିଙ୍ଗଗତ ସମାନତା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ଥିଲା। ଖାଦ୍ୟ, ଜଳ, ବାସଗୃହ, ଶିକ୍ଷା ଏବଂ ନ୍ୟାୟର ଉପଲବ୍ଧତା ଜରିଆରେ ଅଧିକାର ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ମାନବାଧିକାରର ବିଚାର ଏବେ ନାଗରିକ ଏବଂ ରାଜନୈତିକ ଅଧିକାର ଠାରୁ ଆଗକୁ ବଢ଼ି ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଅଧିକାର ପର୍ଯ୍ୟନ୍ତ ପହଞ୍ଚିଲାଣି। ବର୍ତ୍ତମାନ ଏହାର ସ୍ୱରୂପ ବଦଳି ଏଥିରେ ପ୍ରଯୁକ୍ତିବିଦ୍ୟା, ପରିବେଶ, ଡିଜିଟାଲ ଅନ୍ତର୍ଭୂକ୍ତିକରଣ, ପରିବେଶ ପାଇଁ ଚିନ୍ତା ଏବଂ ନୂଆ ଦୁର୍ବଳତା ସାମିଲ ହୋଇଛି। ବର୍ତ୍ତମାନ କେବଳ ସ୍ୱାଧୀନତା ଜରିଆରେ ନୁହେଁ, ବରଂ ଗୋପନୀୟତା, ସ୍ଥାନାନ୍ତର ସୁବିଧା, ସ୍ୱଚ୍ଛ ପରିବେଶ ଏବଂ ଡିଜିଟାଲ ଅନ୍ତର୍ଭୂକ୍ତିକରଣର ଉପଲବ୍ଧତା ମାଧ୍ୟମରେ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ମୂଲ୍ୟାଙ୍କନ କରାଯାଉଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ, ଭାରତର ସଭ୍ୟତାଗତ ଲୋକ ପରମ୍ପରାରେ ସମ୍ମାନ ଏବଂ କର୍ତ୍ତବ୍ୟକୁ ସାର୍ବଜନୀନ ଜୀବନରେ ପ୍ରାଥମିକତା ଦିଆଯାଉଥିଲା। ଧର୍ମ, ନ୍ୟାୟ, କରୁଣା ଏବଂ ସେବା ଭଳି ବିଚାର ସଚ୍ଚୋଟ ବ୍ୟବହାର ଏବଂ କଲ୍ୟାଣ ପ୍ରତି ଧ୍ୟାନ ଦେଉଥିଲା। ଅନୁରୂପ ଭାବେ ଅହିଂସା ସଂଯମତାକୁ ପ୍ରୋତ୍ସାହିତ କରୁଥିଲା। ବସୁଧୈବ କୁଟୁମ୍ବକମ୍ ଭଳି ବିଚାର ସମ୍ପୂର୍ଣ୍ଣ ମାନବଜାତିକୁ ଗୋଟିଏ ପରିବାର ରୂପେ ବିବେଚନା କରୁଥିଲା। ଏହି ସିଦ୍ଧାନ୍ତଗୁଡ଼ିକ ଭାରତର ସମ୍ବିଧାନ ପ୍ରସ୍ତୁତିକୁ ପ୍ରଭାବିତ କରିଥିଲା।

# ମିଳିତ ସମରାଭ୍ୟାସ ନେଇ ଚିନ୍ତାରେ ପାକିସ୍ତାନ

**ନୂଆଦିଲ୍ଲୀ:** ଭାରତ ଆରବ ସାଗର ଉପରେ ଫ୍ରାନ୍ସ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଏକ ପ୍ରମୁଖ ବାୟୁ ସମରାଭ୍ୟାସ କରୁଛିଛ ଏହି ଅଭ୍ୟାସର ଲକ୍ଷ୍ୟ ତ୍ରିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ଏବଂ ଭାରତ ମହାସାଗର ଅଞ୍ଚଳ ତଥା ବ୍ୟାପକ ଭାରତ-ପ୍ରଶାନ୍ତ ମହାସାଗରରେ ସାମରିକ ସମନ୍ୱୟ ବୃଦ୍ଧି କରିବା। ଏହି ବିମାନ ଯୁଦ୍ଧ ଅଭ୍ୟାସ ପାଇଁ ଭାରତୀୟ ବାୟୁସେନା ଏହାର ସୁଖୋଇ-ଏବଂ ଜାଗୁଆର ଲଢୁଆ ବିମାନ ନିୟୋଜିତ କରିବଛ ଏମାନଙ୍କ ସହିତ ୭୮ ଏୟାର ଟ୍ୟାଙ୍କର୍ ଏବଂ ଏୟାରବୋର୍ଣ୍ଣ ପ୍ରାରମ୍ଭିକ ସତର୍କତା ତଥା ନିୟନ୍ତ୍ରଣ ବିମାନ ରହିଛି। ସମସ୍ତ ବିମାନ ଗୁଜରାଟର ଜାମନଗର ଏବଂ ନାଲିଆ ଏୟାରବେସ୍ ରୁ ଉଡ଼ାଣ ଭରିବ। ଫ୍ରାନ୍ସ ଏବଂୟୁଏଇ ଅଲ୍ ଧାଫ୍ରା ବାୟୁସେନା



ଘାଟିରୁ ରାଫେଲ୍ ଏବଂ ମିରାଜ ଯୁଦ୍ଧ ବିମାନ ଏବଂ ଅନ୍ୟାନ୍ୟ ସହାୟକ ବିମାନ ସହିତ ଅଂଶଗ୍ରହଣ କରିବେଛ ଭାରତ ଡିସେମ୍ବର ୧୦ ଏବଂ ୧୧ ରେ ପାକିସ୍ତାନର କରାଚୀରୁ ୨୦୦ ନଟିକାଲ୍ ମାଇଲ୍ ଦୂରରେ ଏହି ଅଭ୍ୟାସ କରୁଛି ଛ ଏହି ଅଭ୍ୟାସ ପାଇଁ ଏୟାରମ୍ୟାନ୍‌ଙ୍କୁ ଏକ ନୋଟିସ୍ ଜାରି କରାଯାଇଛି। ଏହି ତିନି ଦେଶ ପୂର୍ବରୁ ଡିସେମ୍ବର ୨୦୨୪ରେ ଡେଜର୍ଟ ନାଇଟ୍ ନାମକ ଏକ ସମାନ ବାୟୁଯୁଦ୍ଧ ଅଭ୍ୟାସ କରିଥିଲେ।

# ପାକ ସେନା ମୁଖପାତ୍ରଙ୍କ ଅଭଦ୍ରାମି

## ସାମ୍ବାଦିକାଙ୍କୁ ସର୍ବସମ୍ମୁଖରେ ମାରିଲେ ଆଖି

**ଇସଲାମାବାଦ:** ସବୁ ବେଳେ ମିଛ କହି ଲୋକଙ୍କୁ ଭ୍ରମିତ କରୁଥିବା ପାକିସ୍ତାନ ସେନାର ମୁଖପାତ୍ରଙ୍କ ଆଉ ଗୋଟିଏ ଅସଲ ଚରିତ୍ର ସାମ୍ନାକୁ ଆସିଛି। ଅଭଦ୍ରାମୀର ସୀମା ଟପିଛନ୍ତି ପାକିସ୍ତାନ ଆଇଏସପିଆର ମହାନିର୍ଦ୍ଦେଶ ଲେଫଟନାଣ୍ଟ ଜେନେରାଲ ଅହମଦ ଶରିଫ ଚୌଧୁରୀ। ସେ ସର୍ବସମ୍ମୁଖରେ ଜଣେ ମହିଳା ସାମ୍ବାଦିକଙ୍କୁ ରାସ୍ତା କଡ଼ର ଟୋରି ଭଳି ଆଖି ମାରିଛନ୍ତି। ମହିଳା ସାମ୍ବାଦିକ ଜଣଙ୍କ ପ୍ରେସ କନଫରେନ୍ସରେ ପ୍ରଶ୍ନ କରୁଥିବା ବେଳେ ଜେନେରାଲ ଅହମଦ ଶରିଫ ଚୌଧୁରୀ ତାଙ୍କୁ ଆଖି ମାରୁଥିବାର ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି।

ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ସାମ୍ବାଦିକ ଅବସା କୋମଲ ମାଇକ ଧରି ଜେନେରାଲ ଅହମଦ ଶରିଫ ଚୌଧୁରୀଙ୍କୁ କିଛି ପ୍ରଶ୍ନ କରୁଛନ୍ତି। ଜେଲରେ ଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜେନେରାଲ ଚୌଧୁରୀ ଜାତୀୟ ସୁରକ୍ଷା ପ୍ରତି ବିପଦ, ଦେଶ ବିରୋଧୀ ତ%୦ ଓ ସେ ଦିଲ୍ଲୀର କାଠ କେ,,ଇ ଭଳି କାମ କରୁଥିବା ଅଭିଯୋଗ କରିଥିବାରୁ କୋମଲ ସେହି ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ ଯେ ଏହା ଅତୀତ ଠାରୁ କେମିତି ଭିନ୍ନ କିମ୍ବା ଆମେ ଭବିଷ୍ୟତରେ କିଛି ପରିବର୍ତ୍ତନ ଆଶା କରିପାରିବୁ କି ନା ଏହା କେବଳ ଇମ୍ରାନ ଖାନଙ୍କ ବିରୋଧରେ ବୟାନବାଜୀ?" ଚୌଧୁରୀ କଥା ବୁଲାଇ ଇମ୍ରାନ ଖାନଙ୍କ ଉଦ୍ଦେଶ୍ୟରେ ୪ର୍ଥ ପଏଣ୍ଟ ଆଡ କରି ସେ ଜଣେ ମାନସିକ



ରୋଗୀ ମଧ କହିଥିଲେଛ ଏହା କହିବା ପରେ ସେ କୋମଲଙ୍କୁ ଚାହିଁ ସ୍ମିତ ହାସ୍ୟ ଦେଇଥିଲେ ଓ ଅଭଦ୍ରଙ୍କ ଭଳି ବାମ ଆଖି ମାରିଥିଲେ। ଏହା ଦେଖି କୋମଲ ମଧ ସର୍ବସମ୍ମୁଖରେ ନିଜକୁ ଅସ୍ୱାବଭିକ ମନେ କରିଥିଲେ। ଜେନେରାଲ ଅହମଦ ଶରିଫ ଚୌଧୁରୀଙ୍କ ଆଖି ମରା ଭିଡିଓ ଭାଇରାଲ ହେବା ପରେ ତାଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।। ସେ ସେନାରେ କାମ କରିବାକୁ ଯୋଗ୍ୟ ନୁହନ୍ତି ବୋଲି ଅନେକ ମତ ରଖିଛନ୍ତି। ଭାରତର ଅପରେସନ ସିନ୍ଦୂର ବେଳେ ପାକିସ୍ତାନ ସରକାରଙ୍କ ମିଛ ପ୍ରଚାରର ଦାୟିତ୍ୱ ଜେନେରାଲ ଅହମଦ ଶରିଫ ଚୌଧୁରୀ ହିଁ ପାଇଥିଲେଛ ଭାରତର ଘନଘନ ଆକ୍ରମଣରେ ପାକିସ୍ତାନ ଘାଇଲା ହୋଇଥିଲେ ହେଁ ଚୌଧୁରୀ ସାମ୍ନାକୁ ଆସି ବାହାସ୍ଫୋଟ ମାରୁଥିଲେଛ ତାଙ୍କ ମିଛ ବାରମ୍ବାର ପର୍ଦ୍ଦାଫାସ ହୋଇଥିଲେ ହେଁ ସେ ନିଜ ପ୍ରକୃତରେ ପରିବର୍ତ୍ତନ କରି ନଥିଲେଛ ଏବେ ତାଙ୍କର ଅଭଦ୍ରାମୀ ସାମ୍ନାକୁ ଆସିଛି।

# ଦ୍ରୁତ ଗତିରେ ଚାଲିଛି ୧୩୩୭ ଷ୍ଟେସନର ପୁନଃବିକାଶ

**ନୂଆଦିଲ୍ଲୀ:** କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଲୋକସଭାରେ ରେଳ ପୁନର୍ବିକାଶ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରେଳ ମନ୍ତ୍ରଣାଳୟ ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଷ୍ଟେସନଗୁଡ଼ିକର ପୁନଃବିକାଶ ପାଇଁ ଅମୃତ ଭାରତ ଷ୍ଟେସନ ଯୋଜନା ଆରମ୍ଭ କରିଛି। ଏହି ଯୋଜନାରେ ଷ୍ଟେସନଗୁଡ଼ିକର ଉନ୍ନତି ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ।

### ଅମୃତ ଭାରତ ଷ୍ଟେସନ ଯୋଜନା

ମାଷ୍ଟର ପ୍ଲାନରେ ଷ୍ଟେସନ ଏବଂ ଚଳାଚଳ କ୍ଷେତ୍ରକୁ ସହଜରେ ପହଞ୍ଚ ସୁବିଧା, ସହରର ଉଭୟ ପଟକୁ ଷ୍ଟେସନ ସହ ଯୋଡ଼ିବା, ଷ୍ଟେସନ ଅଟ୍ଟାଳିକାର ନିର୍ମାଣ, ପ୍ରତୀକ୍ଷାଳୟ, ଶୌଚାଳୟ, ବସିବା ବ୍ୟବସ୍ଥା, ପାଣି ବୁଥ୍ ଆଦିର ଉନ୍ନତିକରଣ ସାମିଲ ରହିଛି। ଯାତ୍ରୀଙ୍କ ଯାତାୟାତ ଆବଶ୍ୟକତା ମୁତାବକ ପ୍ରଶସ୍ତ ଫୁଟ୍ ଓଭର ବ୍ରିଜ୍ / ଏୟାର କନକୋର୍ସର ବ୍ୟବସ୍ଥା, ଲିଫ୍ଟ/ଏସ୍କେଲେଟର/ ରାମ୍ପର ବ୍ୟବସ୍ଥା, ପ୍ଲାଟଫର୍ମ ପୃଷ୍ଠ ଏବଂ ଛାଉଣିରେ ଉନ୍ନତିକରଣ, ଏକ ଷ୍ଟେସନ୍ ଏକ ଉତ୍ପାଦ ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କର ବ୍ୟବସ୍ଥା କରାଯାଉଛି। ଏହାବ୍ୟତୀତ ପାର୍କିଂ କ୍ଷେତ୍ର, ବହୁମୁଖୀ ସଂଯୋଗ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ପ୍ରତ୍ୟେକ ଷ୍ଟେସନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକଜିକ୍ୟୁଟିଭ୍ ଲାଉଞ୍ଜ, ବ୍ୟବସାୟିକ ବୈଠକ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଆଦିର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏହି ଯୋଜନାରେ ଦୀର୍ଘସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, ଆବଶ୍ୟକତା ଅନୁସାରେ ବାଲାଷ୍ଟଲେସ୍



ଟ୍ରାକ୍ ପ୍ରଦାନ ଇତ୍ୟାଦି, ପର୍ଯ୍ୟାୟକ୍ରମେ ଓ ଅନୁକୂଳତା ଆଧାରରେ ତଥା ଦୀର୍ଘକାଳୀନ ଭାବରେ ଷ୍ଟେସନରେ ସିଟି ସେଣ୍ଟର ସୃଷ୍ଟି କରିବାର ମଧ୍ୟ ଚିନ୍ତା କରାଯାଇଛି। ବର୍ତ୍ତମାନ ସୁଦ୍ଧା, ଏହି ଯୋଜନା ଅଧୀନରେ ବିକାଶ ପାଇଁ ୧୩୩୭ ଷ୍ଟେସନ ଚିହ୍ନଟ କରାଯାଇଛି। ଅମୃତ ଭାରତ ଷ୍ଟେସନ ଯୋଜନାରେ ରେଳ ଷ୍ଟେସନଗୁଡ଼ିକରେ ବିକାଶ କାର୍ଯ୍ୟ ଭଲ ଗତିରେ ଆଗକୁ ବଢ଼ୁଛି। ଏପର୍ଯ୍ୟନ୍ତ ୧୫୫ ଷ୍ଟେସନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜୋନାଲ ରେଳବାଇରୁ ପ୍ରାପ୍ତ ପ୍ରସ୍ତାବ, ପ୍ରମୁଖ ସହର ଓ ପର୍ଯ୍ୟଟନ ଏବଂ ତୀର୍ଥସ୍ଥାନରେ ଅବସ୍ଥିତ ଷ୍ଟେସନଗୁଡ଼ିକ ଉପରେ ଆଧାର କରି ଷ୍ଟେସନଗୁଡ଼ିକ ଚୟନ କରାଯାଉଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଥିବା ଷ୍ଟେସନଗୁଡ଼ିକର ବିକାଶ / ଉନ୍ନତିକରଣ / ଆଧୁନିକୀକରଣ ସାଧାରଣତଃ ଯୋଜନା ଶୀର୍ଷକ-୫୩ 'ଗ୍ରାହକ ସୁବିଧା' ଅଧୀନରେ ପାଣ୍ଠି ଯୋଗାଇ ଦିଆଯାଏ। ଯୋଜନା ଶୀର୍ଷକ-୫୩ ଅଧୀନରେ ଆବଣ୍ଟନ ଏବଂ ଖର୍ଚ୍ଚର ବିବରଣୀ କାର୍ଯ୍ୟ-ଭିତ୍ତିକ କିମ୍ବା ଷ୍ଟେସନ-ଭିତ୍ତିକ କିମ୍ବା ରାଜ୍ୟଭିତ୍ତିକ ନୁହେଁ ବରଂ ଜୋନାଲ ରେଳବାଇ-ଭିତ୍ତିକ ରଖାଯାଏ। ଯୋଜନା ଶୀର୍ଷକ-୫୩ ଅଧୀନରେ ଆର୍ଥିକ ବର୍ଷ ୨୦୨୫-26 ପାଇଁ ୧୨,୧୧୮ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି ଏବଂ ଏପର୍ଯ୍ୟନ୍ତ ୭,୨୫୩ କୋଟି ଟଙ୍କା ବ୍ୟୟ (ଅକ୍ଟୋବର, ୨୦୨୫ପର୍ଯ୍ୟନ୍ତ) କରାଯାଇଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ବିକାଶ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ବଜେଟ ସହାୟତା ଆଧାରିତ। ତଥାପି, ସରକାରୀ-ଘରୋଇ ସହଭାଗୀତା (ପିପିପି) ମୋଡ୍ ଅଧୀନରେ ବିକାଶ ପାଇଁ ୧୫ଟି ଷ୍ଟେସନକୁ ଚିହ୍ନଟ କରାଯାଇଛି ଏବଂ ଏଥିରୁ ପ୍ରାପ୍ତ ଅଭିଜ୍ଞତା ଉପରେ ଆଧାର କରି, ଯୋଜନାର ଆହୁରି ବିକାଶ ପାଇଁ ପରିକଳ୍ପନା କରାଯାଇଛି। ଷ୍ଟେସନଗୁଡ଼ିକର ପୁନଃବିକାଶ/ଆଧୁନିକୀକରଣ ଯୋଜନା ଏବଂ କାର୍ଯ୍ୟକାରିତା ସମୟରେ ଐତିହ୍ୟ ଦୃଷ୍ଟିରୁ ମୂଲ୍ୟବାନ ଜିନିଷଗୁଡ଼ିକର ସଂରକ୍ଷଣ ପାଇଁ ରେଳ ମନ୍ତ୍ରଣାଳୟ ସଂକଳ୍ପବଦ୍ଧ। ଢାଞ୍ଚା/ ଆଧୁନିକୀକରଣର ସନ୍ଦର୍ଭ ଏବଂ ଅବସ୍ଥା ଆଧାରରେ ସ୍ଥାନ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଥାଏ।

## ଜାତୀୟ ସ୍ତରୀୟ ମାଷ୍ଟର୍ସ ଓପନ ଆଥେଲେଟିକ୍ସ ମିଟ

# ପ୍ରକାଶ ଗଡ଼ନାୟକଙ୍କୁ ୨ଟି ରୌପ୍ୟ ପଦକ



ଅନୁଗୋଳ,୧୦।୧୨(ସବ୍ୟୁ): ୭ମ ଜାତୀୟ ସିନିୟର ସିଟିଜେନ୍ ଓପନ୍ ଆଥଲେଟିକ୍ସ ସଂଘ ତରଫରୁ ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦ୍ ନଗରର ଓସମାନିଆ ୟୁନିଭରସିଟି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାର ୮ ଜଣ ମାଷ୍ଟର ଆଥଲେଟ୍ ଭାଗନେଇଥିଲେ । ଅନୁଗୁଳ ଜିଲ୍ଲାର ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରୀଡାବି ପ୍ରକାଶ ଗଡ଼ନାୟକ ମଧ୍ୟ ଅଂଶ ଗ୍ରହଣ କରି ୨ଟି ରୌପ୍ୟ ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ଏହି ଖେଳରେ ଦେଶର ପ୍ରାୟ ବିଭିନ୍ନ ରାଜ୍ୟରୁ ୮୦୦ରୁ ଅଧିକ ଖେଳାଳି ଭାଗନେଇଥିଲେ । ଆମ ଅନୁଗୁଳ ମାଟିର ସୁନାପୁଅ ପ୍ରକାଶ ୧୦୦ମି. ୨୦୦ମି. ଓ ଲମ୍ବଜିଆଁରେ ଅଂଶ ଗ୍ରହଣ କରି ୨ଟି ରୌପ୍ୟପଦକ ହାତେଇଛନ୍ତି । ସେଥିପାଇଁ ତାଙ୍କୁ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ମହଲାରୁ ପ୍ରଶଂସାର ସୁଅ ଛୁଟି ଚାଲିଛି । ସୂଚନା ଥାଉକି ଚଳିତ ବର୍ଷ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ୩ଟି ମାଷ୍ଟର ଆଥ୍ଲେଟିକ୍ସ ଚାମ୍ପିୟନସିପରେ ଭାଗନେଇ ୭ଟି ସ୍ୱର୍ଣ୍ଣପଦକ ସାଉଁଣ୍ଟି ସାରିଛନ୍ତି । କେବଳ ଜାତୀୟସ୍ତରରେ ଏଯାବି ପ୍ରକାଶ ମାଷ୍ଟର ଆଥ୍ଲେଟ୍ ଭାବେ ୨୦୧୧ ପରଠାରୁ ୩୦ଟି ପଦକ ହାତରେ ସାରିଛନ୍ତି ।

ସୂଚନା ଥାଉକି ପ୍ରକାଶ ବାୟୁସେନାରୁ ସ୍ୱେଚ୍ଛାକୃତ ଭାବେ ଅବସର ନେବା ପରଠାରୁ (୨୦୧୦) ମାଷ୍ଟର୍ସ ଆଥଲେଟ୍ ଭାବରେ ଅନେକ ରାଜ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଅନେକ ସଫଳତା ସାଉଣ୍ଟି ଆଣିଛନ୍ତି । ସେ ଅନ୍ତର୍ଜାତୀୟ ସ୍ତରରେ ବାଙ୍ଗଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ, ଭୂଟାନ ଓ ଥାଇଲାଣ୍ଡ ପ୍ରଭୃତି ଦେଶରେ ନିଜର ଜଲୱା ଦେଖାଇ ୧୨ଟି ସ୍ୱର୍ଣ୍ଣ ପଦକ ସହ ସମୁଦାୟ ୧୯ଟି ଅନ୍ତର୍ଜାତୀୟ ପଦକ ଜିଣି ଭାରତକୁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ସେଥିପାଇଁ ପ୍ରକାଶଙ୍କୁ କ୍ରୀଡା କ୍ଷେତ୍ରରେ ଏହି ଅଭୂତପୂର୍ବ ସଫଳତା ପାଇଁ ଅନୁଗୁଳ ଜିଲ୍ଲା ପ୍ରଶାସନିକ ତରଫରୁ ୨୦୨୨ ମସିହାରେ ତାଙ୍କୁ ଜିଲ୍ଲା ମହୋତ୍ସବରେ " ଅନୁଗୁଳ ଗୌରବ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ୧୪ ତାରିଖରେ ଢ଼େଙ୍କାନାଳ ଜିଲ୍ଲାର ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ୨୩ତମ କପିଳାସ ମହୋତ୍ସବରେ ପ୍ରକାଶଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା " ସାମନ୍ତ ସୂର୍ଯ୍ୟନାରାୟଣ ସ୍ମୃତି ସମ୍ମାନ"ରେ ସମ୍ମାନିତ ହୋଇଥିଲେ । ଶ୍ରୀ ପ୍ରକାଶ ଏକାଧାରାରେ ଜଣେ ବାୟୁଯୋଦ୍ଧା, ସମାଜସେବୀ, ବାଦ୍ୟକାର, କଣ୍ଠଶିଳ୍ପୀ, ଚିତ୍ରକର ଓ ଦ୍ରୁତ ସାଇକେଲ ଷ୍ଟଳିକ ଭାବରେ ଅନୁଗୁଳ ଜିଲ୍ଲାରେ ବେଶ୍ ଖ୍ୟାତିଲାଭ କରିପାରିଛନ୍ତି । ଅଧୁନା ପ୍ରକାଶ ଅନୁଗୁଳ ଜିଲ୍ଲାର ଖଲାରୀ ପଞ୍ଚାୟତ ଗଡପଦାସାହିର (ଶାନ୍ତ ବିହାର)ରେ ନିଜର ପରିବାର ସହ ଅବସ୍ଥାନ କରୁଛନ୍ତି ।

## ଭାରତୀୟ ଟିମକୁ ମୁଖ୍ୟମନ୍ତ୍ରୀଙ୍କ ବଧେଇ



ଭୁବନେଶ୍ୱର,୮।୧୧(ସବ୍ୟୁ): ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଟି-୨୦ ମ୍ୟାଚର ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ବିଜୟ ହାସଲ କରିଛି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଷ୍ଟାଡିୟମରେ ବସି ଖେଳ ଉପଭୋଗ କରୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭାରତର ବିଜୟରେ ଖୁସି ପ୍ରକଟ କରିଛନ୍ତି । ସେ ଏକ୍ସରେ ଭାରତୀୟ ଟିମକୁ ଅଭିନନ୍ଦନ ଜଣାଇଛନ୍ତି । ମୁଖ୍ୟମନ୍ତ୍ର ଉଲ୍ଲେଖ କରିଛନ୍ତି ଯେ, ଏକ ରୋମାଞ୍ଚକର ସନ୍ଧ୍ୟା ଆମେ ଦେଖିଲୁ । ଭାରତୀୟ କ୍ରିକେଟ ଦଳକୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ଏକ ଉପଯୁକ୍ତ ବିଜୟ ପାଇଁ ମୋର ହାର୍ଦ୍ଦିକ ଅଭିନନ୍ଦନ । ପ୍ରଦର୍ଶନ ହୋଇଥିବା ଦକ୍ଷତା, ସଂଯମତା ଏବଂ ଦଳଗତ ମନୋଭାବ ଦେଶକୁ ଗର୍ବିତ କରିଥିଲା । ଏହି ସ୍ମରଣୀୟ ମ୍ୟାଚ୍ ପାଳନ କରିବା ସମୟରେ, ମୁଁ ଆଗାମୀ ଟୁର୍ଣ୍ଣାମେଣ୍ଟରେ ଟିମ୍ ଇଣ୍ଡିଆର ସଫଳତା ପାଇଁ ମୋର ଶୁଭକାମନା ଜଣାଉଛି । ସେମାନେ ସେମାନଙ୍କର ପ୍ରତିଭା ଏବଂ ଦୃଢ଼ତା ସହିତ ଦେଶକୁ ଅନୁପ୍ରାଣିତ କରିଚାଲିବେ । ମୁଁ ଓଡ଼ିଶା କ୍ରିକେଟ୍ ସଂଘ, ଆୟୋଜନ କମିଟି ଏବଂ ସମ୍ପୃକ୍ତ ସମସ୍ତ ସରକାରୀ ଅଧିକାରୀଙ୍କ ଉତ୍କୃଷ୍ଟ ପ୍ରୟାସକୁ ମଧ୍ୟ ପ୍ରଶଂସା କରୁଛି । ସେମାନଙ୍କ କାର୍ଯ୍ୟ ବାରବାଟୀର ପ୍ରତ୍ୟେକ ଦର୍ଶକଙ୍କ ପାଇଁ ଏକ ସୁଗମ, ସ୍ପନ୍ଦନଶୀଳ ଏବଂ ଉପଭୋଗ୍ୟ ଅଭିଜ୍ଞତା ସୁନିଶ୍ଚିତ କରିଥିଲା ।

## ୧୧ରୁ ସତ୍ୟବ୍ରତ - ତପନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର,୧୦।୧୨(ସବ୍ୟୁ): କ୍ଲବ-୭୩,ଭୁବନେଶ୍ୱର ଆନୁକୂଲ୍ୟରେ ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଯାଉଛି ସତ୍ୟବ୍ରତ -ତପନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ । ଏହା ଡିସେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଫୁଟବଲ ଏକାଡେମି ପଡିଆ,ୟୁନିଟ-୧ ଠାରେ ଅନୁଷ୍ଠିତ ହେବ । ଶ୍ରେଷ୍ଠ ୮ଟି ଦଳ ଭାଗ ନେଉଛନ୍ତି । ଅଂଶଗ୍ରହଣ କରୁଥିବା ଦଳଗୁଡିକ ହେଲେ ଫାଓ ଇଲେଭେନ , କଟକ, ସନରାଇଜ କ୍ଲବ, କଟକ, ମଙ୍ଗଳା କ୍ଲବ, କଟକ, ଇଣ୍ଡିପେଣ୍ଡେଣ୍ଟ, କ୍ଲବ, କଟକ, ସମ୍ବଲପୁର ଫୁଟବଲ ଏକାଡେମୀ, ଝାରସୁଗୁଡା ଦଳ,ୟୁନିଟ-୬, ଭୁବନେଶ୍ୱର ଏବଂ କିଶୋର କ୍ଲବ, ଭୁବନେଶ୍ୱର । ଏହି ଟୁର୍ଣ୍ଣାମେଣ୍ଟ ପ୍ରତ୍ୟେକ ଦିନ ଦିବାରାତ୍ର ଆଧାରରେ ଦିନକୁ ଦୁଇଗୋଟି ମ୍ୟାଚ ଅପରାହ୍@ ୩ଟା ଠାରୁ ଆରମ୍ଭ ହେବ ବୋଲି କ୍ଲବ-୭୩ର ଅଧକ୍ଷ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଟୁର୍ଣ୍ଣାମେଣ୍ଟ ମୋଟ ୪,୫୫୦୦୦/- ପୁରସ୍କାର ରାଶି ରହିଛି । ଫାଇନାଲରେ ୫୨ଟି ବଲ ଦର୍ଶକଙ୍କୁ ବଣ୍ଟାଯିବ ।

ପୁରସ୍କାର ରାଶି ଆକାରରେ ମ୍ୟାନ୍ ଅଫ୍ ଦ ମ୍ୟାଚ ପାଇଁ ୪୫ ହଜାର ଟଙ୍କା,ବେଷ୍ଟ ଗୋଲକିପର, ବେଷ୍ଟ ଡିଫେଣ୍ଡର, ବେଷ୍ଟ ମିଡ ଫିଲଡର ଓ ବେଷ୍ଟ ଫରୱାର୍ଡ ପାଇଁ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ଆକାରରେ ଦିଆଯିବ । ସେହିପରି ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପାଇଁ ୨୦,୦୦୦, ରନର୍ସ ଅପ୍ ଟିମକୁ ଏକ ଲକ୍ଷ ଓ ଚାମ୍ପିଅନ ଟିମକୁ ୨ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ । ମ୍ୟାନ ଅଫ୍ ଦ ଫାଇନାଲ ବିବେଚିତ ଖେଳାଳିଙ୍କୁ ୧୦.୦୦୦ ଓ ସେମିଫାଇନାଲରେ ମ୍ୟାନ୍ ଅଫ୍ ଦ ସେମିଫାଇନାଲ ବିବେଚିତ ଖେଳାଳିଙ୍କୁ ୭,୫୦୦ ଟଙ୍କା ପୁରସ୍କାର ଦିଆଯିବ ।

## ଡିସେମ୍ବର ୨ ୧ରେ ଜିମ୍ନାଷ୍ଟିକ ପ୍ରତିଯୋଗିତା

ଭୁବନେଶ୍ୱର,୧୦।୧୨(ସବ୍ୟୁ): ଜିମ୍ନାଷ୍ଟିକ ଆସୋସିଏସନ ର ଜିଲ୍ଲା ସ୍ତରୀୟ ଆରଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗିତା ଚଳିତ ମାସ ୨୧ ତାରିଖ ଦିନ ଜେଏମ ସ୍ପୋର୍ଟସ ଏକାଡେମୀ ଠାରେ ସକାଳ ୧୦ ଟା ବେଳେ ଅନୁଷ୍ଠିତ ହେବଛ ଏଥିରେ ସିନିୟର, ଜୁନିଅର, ସବ୍ ଜୁନିଅର ଓ ଅଣ୍ଡର ୧୦ ଏବଂ ୮ ର ଉଭୟ ବାଳକ ଓ ବାଳିକା ବର୍ଗ ରେ ପ୍ରତିଯୋଗୀତା ହେବଛ ଅଣ୍ଡର ୮ ବାଳକ ଓ ବାଳିକା ବର୍ଗ ରେ କେବଳ ଫ୍ଲୋର ଏକ୍ସର୍ସାଇଜ, ଅଣ୍ଡର ୧୦ ବାଳକ ବର୍ଗ ରେ ଫ୍ଲୋର ଏକ୍ସର୍ସାଇଜ ଓ ଭଲଫିଂ ଟେବଲ, ବାଳିକା ବର୍ଗ ରେ ଫ୍ଲୋର ଏକ୍ସର୍ସାଇଜ ଓ ବାଲାନ୍ସିଂ ବିମ, ସବ ଜୁନିଅର ରେ ଜିଏଫଆଇ ରୁଲ୍ ଏବଂ ଜୁନିଅର ଓ ସିନିୟର୍ ରେ ଏଫଆଇଜି ରୁଲ ହିସାବ ରେ ଅନୁଷ୍ଠିତ ହେବଛ ଆସୋସିଏସନ ର ସଂପାଦକ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ସେଠୀ ଭୁବନେଶ୍ୱର ର ସମସ୍ତ ଜିମ୍ନାଷ୍ଟ ମାନଙ୍କୁ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିବାକୁ ସୂଚନା ଦେଇଛନ୍ତିଛ ଅଧିକ ବିବରଣୀ ପାଇଁ ନିମ୍ନଲିଖିତ ନମ୍ବର ରେ ଯୋଗାଯୋଗ କରିବା ପାଇଁ ଜଣାଇଛନ୍ତିଛ

ଯୋଗାଯୋଗ ନଂ - ୯୪୩୮୫୦୪୯୧୫, ୯୪୩୭୯୩୪୦୨୪, ୯୪୩୭୨୮୨୧୨୩

## କୁଚ ବିହାର ଟ୍ରଫି

# କର୍ଣ୍ଣାଟକ ୨୪୨ ରନରେ ଆଗୁଆ



ବଲାଙ୍ଗିର,୮।୧୧(ସବ୍ୟୁ): ଓଡିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସିୟ କୁଚ ବିହାର ଟ୍ରଫି କ୍ରିକେଟର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କର୍ଣ୍ଣାଟକ ଦଳ ଗତ କାଲିର ପ୍ରଥମ ଦିନ ଖେଳରୁ ସଂଗୃହିତ ୫୦ ରନ୍ ୧ ୱିକେଟରୁ ଖେଳ ଆରମ୍ଭ କରି ଆଜି ଦ୍ୱିତୀୟ ଦିବସର ଖେଳ ଶେଷ ସୁଦ୍ଧା ୩ ୱିକେଟ ହରାଇ ୪୧୨ ରନ୍ ସଂଗ୍ରହ କରିଛି। ଫଳରେ କର୍ଣ୍ଣାଟକ ଦଳ ୨୪୨ ରନ୍ ରେ ଆଗୁଆ ଅଛି। କର୍ଣ୍ଣାଟକ ତରଫରୁ ମଣିକାନ୍ତ ଶିବାନନ୍ଦ ୨୨୭ ରନ୍, ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ ଓ ଅନଭେ ଦ୍ରାଭିଡ୍ ୬୨ ରନ୍ କରି ଅପରାଜିତ ଅଛନ୍ତି। ଓଡିଶା ଦଳରୁ ସଫଳ ବୋଲର ଭାବେ ପୀୟୁଷ ମହାନ୍ତି ୨ ଗୋଟି ଓ୍ୱିକେଟ ହାସଲ କରିଛନ୍ତି। ଆସନ୍ତା କାଲି ଖେଳ ଜାରି ରହିବ ବୋଲି ସଂଘ ସୁତ୍ର ରୁ ପ୍ରକାଶ ।

## ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା

# ମହିଳା ପ୍ରି-କ୍ୱାର୍ଟରରେ ଉନ୍ନତି, ଅନମୋଲ, ତନଭି



ଭୁବନେଶ୍ୱର/କଟକ,୮।୧୧(ସବ୍ୟୁ): ସ୍ଥାନୀୟ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟେଡ଼ିଅମ ଠାରେ ଅନ୍ତର୍ଜାତୀୟ ବେଡ଼ମୀଣ୍ଟନ ପ୍ରତିଯୋଗିତା "ଓଡିଶା ମାଷ୍ଟର୍ସ 2025" ର ମହିଳା ସିଙ୍ଗଲସ, ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂଡ ମିକ୍ସଡ଼ ଡବଲସ ଏ ସମସ୍ତ ବିଭାଗ ର 76 ଟି ମେଚ ଖେଳ ହୋଇଯାଇଅଛି । ଦ୍ୱିତୀୟ ଦିନ ର ଏହି ଆନ୍ତର୍ଜାତୀୟ ପ୍ରତିଯୋଗୀତା ରେ ମୁଖ୍ୟ ଅତିଥି ଭାବେ ରାଜ୍ୟସରକାର ଙ୍କ କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ଖେଳାଳୀ,ଆୟୋଜକ, ଏବଂ ଦର୍ଶକ ମାନଙ୍କୁ ଶୁଭେଚ୍ଛା ବର୍ତା ଦେଇଥିଲେ । ଏ ଅବସରରେ କଟକ ସଦର ମାନ୍ୟବର ବିଧାୟକ ପ୍ରକାଶ ସେଠି, କ୍ରୀଡା ନିର୍ଦ୍ଦେଶକ ଡ଼. ବିଜୟ ଯେଦୁଲ୍ଲା,କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, କଟକ ମହାନଗର ନିଗମ ଅଧକ୍ଷା କିରଣ ଦୀପ କୌର ସହଟା, ସିନେମା ଅଭିନେତା ଶ୍ରୀତମ ଦାସ, ପ୍ରତିଯୋଗୀତା ର ଡାଇରେକଟର ବେଣୁଗୋପାଳ ମହାଲିଙ୍ଗମ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଦ୍ୱିତୀୟ ଦିନରେ ଖେଳାଯାଇ ଥିବା ମହିଳା ସିଙ୍ଗଲ ପୁରୁଷ ସିଙ୍ଗଲ ବିଭାଗ ରେ ଭାରତୀୟ ଖେଳାଳିମାନେ ଉତ୍ତମ ପ୍ରଦର୍ଶନ ସହ ପ୍ରି କ୍ୱାର୍ଟର ପର୍ଯ୍ୟାୟ ରେ ପହଂଚିଛନ୍ତି ମହିଳା ବିଭାଗ ର ରାଉଣ୍ଡ 32 ରେ ଟପସିଡ ଭାରତୀୟ ଖେଳାଳୀ ଉନ୍ନତି ହୁଡ଼ା, ୟୁନାଇଟେଡ଼ ଆରବ ଏମିରେଟ୍ସ ର ପ୍ରକ୍ରିତି ଭାରତ ଙ୍କୁ ୨୧-୧୨,୨୧-୧୮ ରେ ପରାଜିତ କରି ପ୍ରି କ୍ୱାଟର ରେ ପହଂଚି ଛନ୍ତି । ମହିଳା ପ୍ରି କ୍ୱାର୍ଟର ରେ ପହଞ୍ଚି ଥିବା ଅନ୍ୟ ଖେଳାଳୀ ମାନେ ହେଲେ ତୃତୀୟ ସିଡ ତନଭି ଶର୍ମା, ଷଷ୍ଠ ସିଡ ଅନମୋଲ ଖର୍ବ ଏବଂ ଅଣ ସିଡେଡ଼ ତାନ୍ୟା ହେମନ୍ଥ ।

ପୁରୁଷ ବିଭାଗ ସିଙ୍ଗଲ ରେ ମଧ ଟପ ସିଡ ଥରୁନ ମାନେପଲ୍ଲୀ ନିଜ ଦେଶ ଖେଳାଳୀ ମାନବ ଚୌଧୁରୀ ଙ୍କୁ ୨୧-୫,୨୧-୮ ର ସହଜ ବିଜୟ ସହ ପ୍ରି କ୍ୱାର୍ଟର ରେ ପହଂଚିଛନ୍ତି । ପ୍ରି କ୍ୱାର୍ଟର ପର୍ଯାୟ ରେ ପହଂଚି ସାରିଥିବା ଅନ୍ୟ ଖେଳାଳୀ ମାନେ ହେଲେ ଗତ ସିଜନ ର ସିଙ୍ଗଲ ଚାମ୍ପିୟନ ସତୀଶ କୁମାର, ଦ୍ୱିତୀୟ ସିଡ କିରଣ ଜର୍ଜ ଏବଂ ପ୍ରିୟଂଶୁ ରାଜୱତ ।

ମିକ୍ସଡ଼ ଡବଲସ ବିଭାଗ ରେ ଅନୁଷ୍ଠିତ ରାଉଣ୍ଡ 32 ମେଚ ରେ ଟପ ସିଡ ଇଣ୍ଡୋନେସିଆ ର ଏମ. ଫାଜା ଓ ଏ. ପ୍ରଣତା ଙ୍କ ଯୋଡି ମାଲେସିଆ ଯୋଡି ୱେଇ ୟୀ ହେର୍ନ ଓ ଭାନୀ ଗୋବି ଯୋଡିଙ୍କୁ ୧୧-୧୮,୨୧-୧୧ର ଦୁଇଟି ଗେମ ରେ ପରାଜିତ କରି କ୍ୱାର୍ଟର ଫାଇନାଲ ରେ ପହଂଚିଛନ୍ତି । କ୍ୱାର୍ଟର ଫାଇନାଲ ପହଂଚି ଥିବା ଅନ୍ୟ ଯୋଡି ମାନେ ହେଲେ ଇଣ୍ଡୋନେସିଆ ଯୋଡି ବି. ପ୍ରସେତ୍ୟ ଓ ଏ. ଫୁଂଗରଣ, ଭାରତୀୟ ଯୋଡି ଆର୍ଯ୍ୟନ ସପିଆ ଓ ଅଶ୍ୱିନୀ ପୋନ୍ନାପ୍ପା ଏବଂ ଡି. ଭେଲ ମୁରୁଗାନ ଓ ପି. ନଟରାଜନ ଙ୍କ ଯୋଡି ।

## ହରି ପ୍ରସାଦଙ୍କୁ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ର କୋଚ ଆୱାର୍ଡ



ଭୁବନେଶ୍ୱର,୧୦।୧୨(ସବ୍ୟୁ): ଭାରତରେ କ୍ରିଡାର ବିକାଶ ନିମନ୍ତେ ଗଠିତ ଏକ ସଂସ୍ଥା ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ. ଏସ. ଆଇ ) କ୍ରିଡା ବିଜ୍ଞାନ ବ୍ୟତିରକ ବିଗତ କିଛି ବର୍ଷ ଧରି ଭାରତର ଶ୍ରେଷ୍ଠ କ୍ରୀଡାବିତ ସଂଗଠକ , ସଂଗଠନ ଓ କ୍ରିଡା ପ୍ରଶିକ୍ଷକ (କୋଚ) ମାନଙ୍କୁ ବିଭିନ୍ନ ପ୍ରକାର ସମ୍ବର୍ଦ୍ଧନା ପ୍ରଦାନ କରି କ୍ରିଡା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଅଛି । ଓଡିଶାର ବିଶିଷ୍ଟ ଅସ୍ତିଶଲ୍ୟ ବିଶେଷଜ୍ଞ ଓ ସ୍ପୋର୍ଟ୍ସ ମେଡ଼ିସିନ ବିଶେଷଜ୍ଞ ଡ. ସାର୍ଥକ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଂଗଠନ ଚଳିତ ବର୍ଷର କ୍ରିଡା ସମ୍ମାନ ଉତ୍ସବ ଗତ ୬ ତାରିଖରେ କଳିଙ୍ଗ ଷ୍ଟାଡିୟମ ସ୍ଥିତ ଟେନିସ ଇଣ୍ଡୋର ହଲରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ କ୍ରିଡା ନିର୍ଦ୍ଦେଶକ ଡ. ବିଜୟ ଯାଦୁଲା , ପୋଲିସ ଏ. ଡି. ଜି ଅମିତାଭ ଠାକୁର , ଅଲମ୍ପିୟାନ ପଦ୍ମଶ୍ରୀ ଦିଲୀପ ଟିର୍କୀ ଏବଂ ପ୍ରତିଷ୍ଠାତା ଡ. ସାର୍ଥକ ପଟ୍ଟନାୟକ ଉପସ୍ଥିତ ଥିଲେ । ଉତ୍ସବରେ ଦେଶର ପ୍ରାୟ ୨ ଡଜନରୁ ଉର୍ଦ୍ଧ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ପଦକ ଧାରୀ ଖେଳାଳି, ଅଲମ୍ପିନ , ଅର୍ଜୁନ ଆୱାର୍ଡି , ଦ୍ରୋଣାଚାର୍ଯ୍ୟ ଆୱାର୍ଡି ଓ କୋଚ ଉପସ୍ଥିତ ଥିଲେ । ଏହି ଉତ୍ସବରେ ଓଡିଶାର କରାଟେ ଗୁରୁ ଡ. ହରି ପ୍ରସାଦ ପଟ୍ଟନାୟକ ଙ୍କୁ ଷ୍ଟେଟ କୋଚ ଏସ. ଏସ. ଆଇ ଏକ୍ସିଲେନ୍ସି ଆଓ୍ୱାର୍ଡ଼ ପ୍ରଦାନ କରାଯାଇଥିଲା ।

ଡ. ପଟ୍ଟନାୟକ ତାଙ୍କ ଦୀର୍ଘ ୪୦ ବର୍ଷ ର ପ୍ରଶିକ୍ଷଣ ଦ୍ୱାରା କରାଟେ, ପାଓ୍ୱାରଲିଫଟିଙ୍ଗ , ଜୁ-ଜିତସୁ ଓ ବନ୍ଧୁକ ଚାଳନା ଓ ଭାରଉତ୍ତୋଳନ ଭଳି ଖେଳରେ ୨୨୫ ଟି ଜାତୀୟ ଓ ୩୫ ଟି ଆନ୍ତର୍ଜାତୀୟ ପଦକ ଧାରୀ କ୍ରୀଡାବିତ ସୃଷ୍ଟି କରିଛନ୍ତି । ରାଜ୍ୟ ସରକାରଙ୍କ କ୍ରିଡା ବିଭାଗ ଅଦ୍ୟାବଧି ଡ. ପଟ୍ଟନାୟକଙ୍କୁ କୋଚ ର ସମ୍ମାନ ପ୍ରଦାନ କରିନଥିବା ସ୍ଥଳେ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଦ୍ୱାରା ଶ୍ରେଷ୍ଠ କୋଚ ଭାବେ ସମ୍ମାନିତ ହୋଇ ନିଜର ଖୁସି ବ୍ୟକ୍ତ କରିଛନ୍ତି ।

## ଦୃଷ୍ଟିବାଧିତ କ୍ରୀଡାବିତ୍‌ଙ୍କୁ ହାଇଟେକ୍ ପ୍ରତିଷ୍ଠାତାଙ୍କ ସହାୟତା



ଭୁବନେଶ୍ୱର,୮।୧୧(ସବ୍ୟୁ):ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତିପାଣିଗ୍ରାହୀ ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ ବିଜେତାର ଚାରି ଜଣ ପ୍ରତିଯୋଗୀ ଫୁଲ ସୋରେନ୍, ବାସନ୍ତୀହାଂସଦା, ଯମୁନା ରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଏବଂ ଓଡିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ସଭାପତି ଏମ୍‌ଡିଜାଫର ଇକ୍‌ବଲ୍‌ଙ୍କୁ ୨୦,୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ପ୍ରଦାନ କରିବା ସହିତ ଆଗାମୀଦିନରେ ହାଇଟେକ୍ ତରଫରୁ ସେମାନଙ୍କୁ ୨୨ ଜଣିଆ ଉଭୟ ବାଳକ ଓ ବାଳିକା କ୍ରୀଡାବିତ୍‌ଙ୍କୁ ଛାତ୍ରାବାସଯୋଗାଇବା ସହ ରହିବା, ଖାଇବା ଏବଂ କ୍ରିକେଟ ଖେଳିବା ପାଇଁ ପଡିଆ ଯୋଗାଇଦେବେ ବୋଲିଘୋଷଣା କରିଛନ୍ତି । ଏଥିସହ ସେମାନେ କ୍ରୀଡାରୁ ଅବସର ନେବା ପରେ ହାଇଟେକ୍‌ରେ କର୍ମଯୋଗାଣରବ୍ୟବସ୍ଥା ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମାସିନ ଅତିଥି ଭାବେ ହାଇଟେକ୍‌ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର୍ ଡ. ଦେବାନନ୍ଦ ମହାପାତ୍ର, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର୍ ଡ. ଲିସା ଷଡଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ,ପ୍ରଫେସର୍ ଡ. ସୁନୀଲ ଅଗ୍ରଓ୍ୱାଲ, ପ୍ରଫେସର୍ ଡ. ଶ୍ରୀକାନ୍ତ ତିଓ୍ୱାରୀ ଉପସ୍ଥିତ ଥିଲେ । ପୂର୍ବରୁ ଦୀର୍ଘ ବର୍ଷ ଧରିସାହାଯ୍ୟ ସହଯୋଗ କରି ଆସୁଥିବାରୁ ଓଡିଶା ଦୃଷ୍ଟିବାଧିତ କ୍ରିକେଟ ଦଳର ସଭାପତି ଏମ୍‌ଡି ଜାଫର ଇକ୍‌ବଲ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

## ଅସ୍ମିତା ଖେଲୋ ଇଣ୍ଡିଆ ବାସ୍କେଟ ବଲ ପ୍ରତିଯୋଗିତା

# ଭାଗ ନେବେ ୧୪ଟି ଦଳ

ଭୁବନେଶ୍ୱର,୧୦।୧୨(ସବ୍ୟୁ): ଭାରତ ସରକାରଙ୍କ କ୍ରୀଡା ଏବଂ ଯୁବ ବ୍ୟାପାର, ଭାରତୀୟ ବାସ୍କେଟବଲ ସଂଘ ତଥା ଓଡ଼ିଶା ବାସ୍କେଟବଲ ପ୍ରତିଯୋଗିତା ୧୧ ତାରିଖରୁ ୧୩ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ପ୍ରାୟ ୧୪ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେବେ। ଲିଗ୍ ଏବଂ ନକ୍ ଆଉଟ୍ ଭିତ୍ତିରେ ଖେଳା ଯିବାକୁ ଥିବା ଏହି ପ୍ରତିଯୋଗିତାର ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫,୦୦୦/- ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଆସନ୍ତାକାଲି ହେବାକୁଥିବା ଉଦଘାଟନୀ ଉତ୍ସବରେ ବ୍ରହ୍ମଗିରିର ବିଧାୟକ ସୁଶ୍ରୀ ଉପାସନା ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେବାକୁ ଥିଲା ବେଳେ, ମଦର୍ସ ପବ୍ଲିକ ସ୍କୁଲର ଅଧକ୍ଷା ଶ୍ରୀମତୀ ପଲ୍ଲୀ ସମ୍ମାନନୀୟ ଅତିଥି ରୂପେ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି ।

# ଆଇପିଏଲ୍-୨୦୨୬ ନିଲାମରେ ୩୫୦ ଖେଳାଳି




ଆବୁଧାବୀ,୧୦।୧୨(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍-୨୦୨୬)ର ଆଗାମୀ ମିନି ନିଲାମରେ ଅଂଶଗ୍ରହଣ କରିବା ପାଇଁ ୧୩୫୫ ଜଣ ଖେଳାଳି ପଞ୍ଜୀକୃତ କରଥିଲେ। ସେମାନଙ୍କ ମଧ୍ୟରୁ ବିସିସିଆଇ ପକ୍ଷରୁ ୩୫୦ ଜଣ ଖେଳାଳିଙ୍କ ନାମ ଚୂଡ଼ାନ୍ତ କରିଛି । ଅର୍ଥାତ୍ ସେମାନଙ୍କୁ ନିଲାମରେ କିଣି ହେବ । ଏହି ନିଲାମ ଡିସେମ୍ବର ୧୬ ତାରିଖରେ ଆବୁଧାବିରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରାରମ୍ଭିକ ତାଲିକାରେ ୧୩୫୫ ଜଣ ଖେଳାଳି ଥିଲେ, ଯାହା ପରେ ବିସିସିଆଇ ୧୦ ଟି ଫ୍ରାଞ୍ଚାଇଜିକୁ ନିଲାମରେ ଦେଖିବାକୁ ଚାହୁଁଥିବା ଖେଳାଳିଙ୍କ ନାମ ମାଗିଥିଲା। ଆଲୋଚନା ପରେ, ତାଲିକାକୁ ସଂକ୍ଷିପ୍ତ କରାଯାଇଥିଲା ଏବଂ ୨୫ ଟି ନୂତନ ନାମ ଯୋଡା ଯାଇଥିଲା ।

ଏହି ବର୍ଷର ମିନି ନିଲାମରେ ୨୫ ଟି ନୂତନ ଖେଳାଳି ସାମିଲ ଅଛନ୍ତି। ତାଲିକାରେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି କକ୍ ସମେତ ୧୨ ବିଦେଶୀ ଓ ୨୩ ଜଣ ଅଛନ୍ତି। କ୍ରିକବଜ୍ ଅନୁଯାୟୀ, ଏକ ଆଇପିଏଲ୍ ଫ୍ରାଞ୍ଚାଇଜି ଦ୍ୱାରା ସୁପାରିଶ କରାଯିବା ପରେ ୱିକେଟକିପର-ବ୍ୟାଟ୍ସମ୍ୟାନ୍ କ୍ୱିଣ୍ଟନଡି' କକ୍ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇପାରିଥିଲେ। ନିଲାମରେ ୩୫୦ ଜଣ ଖେଳାଳି ଅଂଶଗ୍ରହଣ କରିବେ ଏବଂ ଏହା ଡିସେମ୍ବର ୧୬, ମଙ୍ଗଳବାର ଦିନୟୁଏଇ ସମୟ ଅପରାହ୍ନ ୧ଟାରେ (ଭାରତୀୟ ସମୟ ଅପରାହ୍ନ ସାଢେ ୨ଟାରେ) ଆବୁଧାବିର ଏତିହାଦ ଆରେନାରେ ଆରମ୍ଭ ହେବ, ସୋମବାର ରାତିରେ ବିସିସିଆଇ ଫ୍ରାଞ୍ଚାଇଜିଗୁଡ଼ିକୁ ଏକ ଇ-ମେଲରେ ଲେଖିଛି ।

ସୋମବାର ରାତିରେ ବିସିସିଆଇ ପକ୍ଷରୁ ବିଭିନ୍ନ ଫ୍ରାଞ୍ଚାଇଜକୁ ପଠାଯାଇଥିବା ଇ-ମେଲରେ କୁହାଯାଇଛି । ମୋଟ ୩୫୦ ଜଣ ଖେଳାଳି ସାମିଲ ହେବେ । ୟୁଏଇ ସମୟ ଦିନ ଗୋଟାଏ ଓ ଭାରତୀୟ ସମୟ ଦିନ ୨.୩୦ରେ ଅବୁଧାବିରେ ଅକ୍ସନ ଅନୁଷ୍ଠିତ ହେବ । ବ୍ୟାଟର୍ସ, ଅଲରାଉଣ୍ଡର୍ସ, ୱିକେଟ କିପର/ବ୍ୟାଟର୍ସ, ଦ୍ରୁତ ବୋଲର୍ସ ଓ ସ୍ପିନ ବୋଲର୍ସଙ୍କ ଅକ୍ସନ ପ୍ରଥମେ ହେବ। ପ୍ରଥମେ ଅକ୍ସନକୁ ଆସିବେ କ୍ୟାପଡ ଖେଳାଳି। ଏପହାରେ ଅନ କ୍ୟାପଡ ଖେଳାଳିଙ୍କ ନିଲାମ ଡକାଯିବ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି